EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

Follow Us On @
www.ekamaatra.com
ekamaatra@gmail.com
advt@ekamaatra.com
ekamaatraodia
ekamaatranews

RNI Ref. No.: 1304224
Title Code: ODIODI07807

- ନୟାଗଡ଼ରୁ ନକଲି ସିବିଆଇ ଅଫିସର ଗିରଫ
- ୧୭ ଜିଲ୍ଲାରେ ଏସ୍‌ସି/ଏସ୍‌ଟି ପିଲାଙ୍କ ପାଇଁ କାର୍ଯ୍ୟକ୍ଷମ ହେବ 'ଅନ୍ୱେଷା'
- ଭୁବନେଶ୍ୱରରେ ଭୂତଳ ଜଳସ୍ତର ଖସୁଛି

ବର୍ଷ-୧ ସଂଖ୍ୟା-୮ ୦୬-୧୨ ମାର୍ଚ୍ଚ, ୨୦୧୭ ଭୁବନେଶ୍ୱର ● MONDAY WEEKLY ● VOL-1 ISSUE-8 06th-12th MARCH, 2017 BHUBANESWAR ₹ 5.00 (8 PAGES)

### ଭିତର ପୃଷ୍ଠାରେ...

- ସୂର୍ଯ୍ୟକୁ ଉପଗ୍ରହ ପଠାଇବ ନାସା
- ଆମେ ମାଟି ପାଇଁ କ'ଣ କରିଛେ ଭାବିବା ଉଚିତ୍
- ବିକାଶ ହେଉ, ଆକ୍ରୋଶ ରାଜନୀତି ନହେଉ
- ବେଦନାର ବେଦ-୭
- ଲୋକଙ୍କ ଆଖିରୁ ନିଦ ହଜାଉଛି ଜଣ୍ଡିସ୍
- ରହସ୍ୟମୟ ଗାଁ କୋଦିନି

# ଆଗକୁ ନିଆଁବର୍ଷା



**ଭୁବନେଶ୍ୱର :** ପାରଦ ଉପରମୁହାଁ ହୋଇ ଏବେ ସାରା ରାଜ୍ୟରେ ତାତି ଅସହ୍ୟ ହେଲାଣି। ପୂର୍ବାହ୍ନ ୧୧ଟା ଠାରୁ ଅପରାହ୍ନ ୩ଟା ମଧ୍ୟରେ ପାରଦ ୩୬ ଡିଗ୍ରୀ ଉପରେ ରହୁଥିବା ଜଣାପଡିଛି। ଚଳିତବର୍ଷ ଅଧିକ ଗ୍ରୀଷ୍ମପ୍ରବାହ ହେବା ନେଇ ପୂର୍ବରୁ ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ବିଭାଗୀୟ ସୂଚନା ଅନୁସାରେ ଏବର୍ଷ ଦେଶର ୧୫ଟି ରାଜ୍ୟରେ ସ୍ୱାଭାବିକ୍‌ଠାରୁ ଅଧିକ ତାତି ପରିଲକ୍ଷିତ ହେବ। ପୂର୍ବାପେକ୍ଷା ୧ ଡିଗ୍ରୀ ଯାଏ ଅଧିକ ତାତି ଅନୁଭୂତ ହେବା ସହ ମାର୍ଚ୍ଚରୁ ମେ' ମାସ ପର୍ଯ୍ୟନ୍ତ ସ୍ଥିତି ଅସମ୍ଭାଳ ହୋଇପଡିବ। ତେଣୁ ଆଗୁଆ ଗ୍ରୀଷ୍ମପ୍ରବାହର ଏଭଳି ସୂଚନା ସମସ୍ତଙ୍କୁ ଚିନ୍ତାରେ ପକାଇଛି।

ନିକଟରେ ପ୍ରକାଶ ପାଇଥିବା ପାଣିପାଗ ବିଭାଗର ଏକ ରିପୋର୍ଟ ଅନୁଯାୟୀ ଓଡ଼ିଶା ସମେତ ୧୫ ରାଜ୍ୟ ଗ୍ରୀଷ୍ମ ପ୍ରବାହର ମୁଖ୍ୟ ଜୋନ ହେବ। ଯାହାକୁ କି କୋର ଜୋନ୍ କୁହାଯାଏ। ଏହି କୋର୍ ଜୋନ୍‌ରେ ତିନି ମାସର ହାରାହାରି ସର୍ବୋଚ୍ଚ ତାପମାତ୍ରା ସ୍ୱାଭାବିକ୍‌ଠାରୁ ୧ ଡିଗ୍ରୀ ସେଲସିୟସ୍‌ରୁ ଅଧିକ ରହିବ। ଓଡ଼ିଶାରେ ଅତି କମ୍‌ରେ ୦.୯୨ ଡିଗ୍ରୀ ଅଧିକ ରହିବ ବୋଲି ଜଣାପଡିଛି। ଅର୍ଥାତ୍ ମାର୍ଚ୍ଚରୁ ମେ' ମାସ ମଧ୍ୟରେ ତାପମାତ୍ରା ଯେତିକ ରୁହେ, ତାହାଠାରୁ ଏବର୍ଷ ଅଧିକ ରହିବ। ବେଳେ ବେଳେ ସ୍ୱାଭାବିକ ତାପାମାତ୍ରାଠାରୁ ଏହା ୨ରୁ ୪ ଡିଗ୍ରୀ ସେଲ୍‌ସିୟସ ବୃଦ୍ଧି ପାଇବାର ଆଶଙ୍କା ରହିଛି। ସେହିଭଳି ସର୍ବନିମ୍ନ ତାପମାତ୍ରାରେ ମଧ୍ୟ ୦.୫ ଡିଗ୍ରୀ ସେଲ୍‌ସିୟସ ଅଧିକ ରହିବ ବୋଲି ବିଭାଗ ପୂର୍ବାନୁମାନ କରିଛି। ➤ ପୃ-୭




## ଅପରାଧୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶ



**ଭୁବନେଶ୍ୱର :** ରାଜ୍ୟର ବିଭିନ୍ନ ଅଦାଲତରେ ଚାଲିଥିବା ମକଦ୍ଦମାର ନିୟମିତ ତଦାରଖ ଓ ଉପଯୁକ୍ତ ଅନୁସରଣ କରି ଅପରାଧୀ ଓ ଅଭିଯୁକ୍ତଙ୍କ ବିରୋଧରେ କଡାକଡି ଦଣ୍ଡ ବିଧାନ କରିବାକୁ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି। ସଚିବାଳୟରେ ଗୃହ ବିଭାଗର ସମସ୍ୟା ନେଇ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ମୁଖ୍ୟ ଶାସନ ସଚିବ ଶ୍ରୀ ପାଢ଼ୀ ରାଜ୍ୟର ବିଭିନ୍ନ ଘଟଣା ଓ ଅପରାଧ ଅନୁଧ୍ୟାନର ଗୁଣାତ୍ମକ ➤ ପୃ-୭



## ସାମାଜିକ କ୍ଷେତ୍ରକୁ ଅଗ୍ରାଧିକାର

### ରାଜ୍ୟ ବଜେଟ୍

**ଭୁବନେଶ୍ୱର :** ଚଳିତ ବିଧାନସଭାରେ ଆସନ୍ତା ୨୦୧୭-୧୮ ବର୍ଷର ବଜେଟ୍ ଅର୍ଥମନ୍ତ୍ରୀ ପ୍ରଦୀପ କୁମାର ଅମାତ ଆଗତ କରିଛନ୍ତି। ଏହି ବଜେଟ୍‌ର ପରିମାଣ ୧,୦୬୯୧୧ କୋଟି ଟଙ୍କା ଥିବାବେଳେ ଏହାମଧ୍ୟରୁ ବିଭିନ୍ନ ସୂତ୍ରରୁ ରାଜସ୍ୱ ୮୮,୯୩୨ କୋଟି ଏବଂ ଅଗ୍ରିମ ଆଦାୟରୁ ୧୩୦ କୋଟି ଟଙ୍କା ମିଳିବ ବୋଲି ରାଜ୍ୟ ସରକାର ଆକଳନ କରିଛନ୍ତି। ଅବଶିଷ୍ଟ ୧୭୮୪୯ କୋଟି ଅର୍ଥ ଋଣ ଓ ଅନ୍ୟାନ୍ୟ ସୂତ୍ରରୁ ଆସିବ ବୋଲି ଅର୍ଥମନ୍ତ୍ରୀ ଶ୍ରୀ ଅମାତ କହିଛନ୍ତି। ତେବେ ରାଜ୍ୟ ବଜେଟ୍‌ର ଏକ ବଡ଼ ଅଂଶ କର୍ମଚାରୀଙ୍କ ଦରମା, ପେନ୍‌ସନ, ସୁଧ ଦେୟ, ପୁଞ୍ଜି ପରିଚାଳନାକୁ ମିଶାଇ ମୋଟ ପ୍ରଶାସନିକ ବ୍ୟୟରେ ଯିବ ବୋଲି ଗୃହରେ ସୂଚନା ଦେଇଛନ୍ତି ଅର୍ଥମନ୍ତ୍ରୀ। ଦରମା ବାବଦରେ ୨୨୦୦୦ କୋଟି, ପେନ୍‌ସନ ନିମନ୍ତେ ୧୧୩୧୩ କୋଟି, ସୁଧ ଦେୟ ବାବଦରେ ୫୦୦୦ କୋଟି, ପୁଞ୍ଜି ସମ୍ପତ୍ତି ପରିଚାଳନା ନିମନ୍ତେ ୫୧୭୭ କୋଟି ଟଙ୍କାକୁ ମିଶାଇ ପ୍ରଶାସନିକ ବ୍ୟୟରେ ୪୭୪୬୬ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ଅର୍ଥମନ୍ତ୍ରୀଙ୍କ ସୂଚନା ଅନୁସାରେ ଆର୍ଥିକ ବର୍ଷରେ ୨୦୧୭-୧୮ ପୁଞ୍ଜି ଖର୍ଚ୍ଚ ୨୦୭୭୪ କୋଟି ଟଙ୍କା ଆକଳନ କରାଯାଇଛି, ଯାହା ମୋଟ ଘରୋଇ ଉତ୍ପାଦର ୫.୦୪%। ଏହାକୁ ମିଶାଇ ଋଣ ଅଗ୍ରିମ, ପୁଞ୍ଜି ସମ୍ପତ୍ତି ନିର୍ମାଣ ପାଇଁ ଅନୁଦାନ, ପୁଞ୍ଜି ସମ୍ପତ୍ତି ସୃଷ୍ଟି ପାଇଁ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ ମୋଟ ବ୍ୟୟବରାଦ ୯୦୨୩ କୋଟି ଟଙ୍କା, ଯାହା ସାମଗ୍ରିକ ଘରୋଇ ଉତ୍ପାଦର ୨.୨% ବୋଲି ସେ କହିଛନ୍ତି। ବଜେଟ୍ ଉପସ୍ଥାପନ ଅବସରରେ ଅର୍ଥମନ୍ତ୍ରୀ କେତେକ ନୂତନ ଯୋଜନା ସମ୍ପର୍କରେ ଘୋଷଣା କରିଛନ୍ତି। ➤ ପୃ-୭

### ଅର୍ଥନୀତି ସର୍ଭେ ରିପୋର୍ଟ

## ବିକାଶ ପଛରେ ଅର୍ଥନୀତିର ଦକ୍ଷ ପରିଚାଳନା

**ଭୁବନେଶ୍ୱର :** ଗତ ପାଞ୍ଚବର୍ଷ ଭିତରେ ଦେଶର ଅର୍ଥନୀତି ବାର୍ଷିକ ହାରାହାରି ୬.୮୪ଶତାଂଶ ହାରରେ ବଢୁଥିବାବେଳେ ଓଡ଼ିଶାର ଅର୍ଥନୀତି ୬.୬୬ପ୍ରତିଶତ ହାରରେ ବଢୁଛି। ତେବେ ୨୦୧୬-୧୭ ସୁଦ୍ଧା ରାଜ୍ୟର ବାର୍ଷିକ ଅଭିବୃଦ୍ଧି ହାର ୭.୯୪ପ୍ରତିଶତ ଥିବାବେଳେ ଏହା ଭାରତର ବାର୍ଷିକ ଅଭିବୃଦ୍ଧି ହାର(୭.୧ପ୍ରତିଶତ)କୁ ଟପିଯାଇଛି। ଚଳିତବର୍ଷ ମୌସୁମି ଅନୁକୂଳ ରହିବା କାରଣରୁ କୃଷି ଉତ୍ପାଦନ ବୃଦ୍ଧି ପାଇବା ସହିତ ସାମଗ୍ରିକ ଭାବେ ଏହା ଉଚ୍ଚ ଅର୍ଥନୈତିକ ଅଭିବୃଦ୍ଧିକୁ ବାଟ କଢ଼ାଇଛି। ଅର୍ଥମନ୍ତ୍ରୀ ପ୍ରଦୀପ କୁମାର ଅମାତ ୨୦୧୬-୧୭ ଓଡ଼ିଶା ଅର୍ଥନୀତି ସର୍ଭେ ବିଧାନସଭାରେ ଉପସ୍ଥାପନ କରିଛନ୍ତି। ସର୍ଭେ ତଥ୍ୟ ଅନୁସାରେ ରାଜ୍ୟର ମୁଣ୍ଡ ପିଛା ଆୟ ୨୦୧୧-୧୨ରେ ୪୭,୬୩୨ଟଙ୍କାରୁ ୨୦୧୬-୧୭ ସୁଦ୍ଧା ୬୧,୬୭୮ ଟଙ୍କାକୁ ବଢ଼ିଛି। ରାଜ୍ୟରେ ଅଭିବୃଦ୍ଧି ହାର ୨୦୧୨-୧୩ରେ ୪.୬୧ଶତାଂଶ ଥିବାବେଳେ ୨୦୧୬-୧୭ ସୁଦ୍ଧା ୭.୯୪ପ୍ରତିଶତକୁ ବଢ଼ିଛି। ସାମଗ୍ରିକ ଅର୍ଥନୀତିର ଦକ୍ଷ ପରିଚାଳନା ଓ ନିରନ୍ତର ବିକାଶମୂଳକ ପଦକ୍ଷେପ ଯୋଗୁଁ ଏହା ସମ୍ଭବ ହୋଇଛି। ଅର୍ଥନୀତି କ୍ରମଶଃ କୃଷିରୁ ସେବା ଓ ଶିଳ୍ପ ଅଭିମୁଖୀ ହେଉଛି।

ସରକାରଙ୍କ ମୋଟ ବ୍ୟୟ ୨୦୧୧-୧୨ରେ ଜିଏସଡ଼ିପିର ୧୮.୪୮ ଶତାଂଶ ଥିବାବେଳେ ଏହା ୨୦୧୬-୧୭ ସୁଦ୍ଧା ୨୪.୮୨ ପ୍ରତିଶତକୁ ବଢ଼ିଛି। ଏହି ସମୟ ମଧ୍ୟରେ ପୁଞ୍ଜି ବ୍ୟୟ ୩.୨୭ରୁ ୫.୧୭ ପ୍ରତିଶତକୁ ବଢ଼ିଛି। ➤ ପୃ-୭

### ଜଷ୍ଟିସ୍ ପଶାୟତଙ୍କ ଅଧ୍ୟକ୍ଷତାରେ ଏସ୍‌ଆଇଟି ବୈଠକ

## ମାଫିଆ, ଡନ୍ ଓ ଭଣ୍ଡବାବାଙ୍କ କାରବାର ଉପରେ ନଜର



**କଟକ :** ରାଜ୍ୟ ସରକାରଙ୍କ ଅନୁସନ୍ଧାନକାରୀ ସଂସ୍ଥାଗୁଡ଼ିକ ଏବେ ମାଫିଆ, ଡ଼ନ୍, ଭଣ୍ଡବାବା ଓ କଳା ସାମ୍ରାଜ୍ୟ ବିସ୍ତାର କରିଥିବା ବ୍ୟକ୍ତିବିଶେଷଙ୍କ ଉପରେ କଡ଼ା ନଜର ରଖିଛନ୍ତି । ବିଶେଷକରି ପୁଲିସ ଯେଉଁମାନଙ୍କର ତଦନ୍ତ କରୁଛି ସେମାନଙ୍କ ସମ୍ବନ୍ଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ ତଥ୍ୟ ଦେଉଛି । ଓଡ଼ିଶାରେ ରିୟଲଇଷ୍ଟେଟ୍, ଖଣି ଓ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଲାଗିଥିବା କଳା ଧନ ଉପରେ ନିୟମିତ ଯାଞ୍ଚ କରାଯିବ ବୋଲି କହିଛନ୍ତି କଳାଧନ ଠାବ ଲାଗି ଗଠିତ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଉପାଧ୍ୟକ୍ଷ ଜଷ୍ଟିସ ଅରିଜିତ ପଶାୟତ। ସେହିପରି ରାଜ୍ୟର ବିଭିନ୍ନ ସ୍ଥାନରେ ମାଫିଆ ଓ ଡନ୍‌ଙ୍କ ଦେଣନେଣ ଉପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ନଜର ରଖି ଦୃଢ ପଦକ୍ଷେପ ନେବ ବୋଲି ସେ କହିଛନ୍ତି। ଦେଶ ଓ ବିଦେଶରେ ଥିବା କଳାଧନ ଠାବ ପାଇଁ ଗଠିତ ସ୍ୱତନ୍ତ୍ର ଟିମ୍ (ଏସ୍‌ଆଇଟିର)ର ବୈଠକ ନିକଟରେ କଟକଠାରେ ଅନୁଷ୍ଠିତ ହୋଇଯାଇଛି । ଏସ୍‌ଆଇଟିର ଏହି ଅଷ୍ଟମ ବୈଠକରେ ଉପାଧ୍ୟକ୍ଷ ତଥା ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଶ୍ରୀ ପଶାୟତ ସୂଚନା ଦେଇ କହିଛନ୍ତି ଯେ, ଏସ୍‌ଆଇଟି ଗଠନ ହେବା ପରଠାରୁ ଏ ପର୍ଯ୍ୟନ୍ତ ସରକାର ତହବିଲକୁ ୭୦ ହଜାର କୋଟି ଟଙ୍କା ଫେରିଛି। ତଦନ୍ତକାରୀ ସଂସ୍ଥାଗୁଡ଼ିକ ମଧ୍ୟରେ ଠିକ୍ ସମନ୍ୱୟ ରହୁଥିବାରୁ ଏହା ସମ୍ଭବ ହୋଇଛି । ସଂସ୍ଥାଗୁଡ଼ିକ ମଧ୍ୟରେ ସୂଚନା ଆଦାନ ପ୍ରଦାନ ଓ ସମନ୍ୱୟ ଥିବା ଦିଗରେ ଜଷ୍ଟିସ୍ ପଶାୟତ ସନ୍ତୋଷଜନକ ମତପୋଷଣ କରିଛନ୍ତି। ➤ ପୃ-୭

## ଗୃହରେ ବିଲାତି ପରେ ମୋଦି ଝଡ଼



**ଭୁବନେଶ୍ୱର :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନେଇ ଗତ ବୁଧବାର ବିଧାନସଭାରେ ଝଡ ସୃଷ୍ଟି ହୋଇଥିଲା। ବିଜେଡି ବିଧାୟକ ମହେଶ ସାହୁ ପ୍ରଧାନମନ୍ତ୍ରୀଙ୍କୁ ଅତି କଟୁ ମନ୍ତବ୍ୟ ଦେବା ଘଟଣାକୁ ନେଇ ଏଭଳି ପରିସ୍ଥିତି ଉପୁଜିଥିଲା। ବିଜେପି ପକ୍ଷରୁ ବିଧାୟକ ଶ୍ରୀ ସାହୁ ଗୃହରେ କ୍ଷମା ମାଗନ୍ତୁ ବୋଲି ଦାବି କରାଯାଇଥିଲା। ଏହାପରେ ବାଚସ୍ପତି କିଛି ସମୟ ପାଇଁ ଗୃହକୁ ମୁଲତବୀ ରଖିଥିଲେ। ଶେଷ ଖବର ଅନୁଯାୟୀ ବିଜେଡି ଦୁଃଖ ପ୍ରକାଶ କରିବା ପରେ ହଟ୍ଟଗୋଳ ଶାନ୍ତ ପଡିଛି।

ଏଥିପୂର୍ବରୁ ବିଧାନସଭାରେ ବିଲାତିକୁ ନେଇ ମଧ୍ୟ ଝଡ଼ ସୃଷ୍ଟି ହୋଇଥିଲା। ବିଲାତି ପରେ କୋବି ଫସଲ ଓ ଅନ୍ୟାନ୍ୟ ପନିପରିବାର ଅଭାବୀ ବିକ୍ରିକୁ ନେଇ ଗୃହରେ ବିରୋଧୀମାନେ ତୁମ୍ବିତୋଫାନ କରିଥିଲେ। ଏଥିପାଇଁ ଚାଷୀଙ୍କୁ କ୍ଷତିପୂରଣ ନ ଦେବା ପର୍ଯ୍ୟନ୍ତ ଗୃହ ଚଳାଇ ଦିଆଯିବନାହିଁ ବୋଲି ବିରୋଧୀ କଂଗ୍ରେସ ଘୋଷଣା କରିଥିଲା ବେଳେ ଚାଷୀ ଓ କ୍ଷତିପୂରଣ ପ୍ରଦାନ ପ୍ରସଙ୍ଗରେ କହିବାକୁ ସୁଯୋଗ ନ ପାଇ ବିଜେପି ବିଧାୟକ ଦଳ ନେତା ଅସନ୍ତୋଷ ବ୍ୟକ୍ତ କରିଥିଲେ।

ଉକ୍ତଦିନ ଶୂନ୍ୟକାଳ ଆରମ୍ଭ ହେଉହେଉ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ବିଲାତି ଚାଷୀଙ୍କ ପ୍ରସଙ୍ଗ ଉଠାଇଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରେ ବିଲାତି ଓ ଅନ୍ୟ ଚାଷୀମାନେ ଅଭାବୀ ବିକ୍ରିର ଶିକାର ହେଉଥିବା ସେ ଦର୍ଶାଇଥିଲେ। କହିଥିଲେ ବର୍ତ୍ତମାନ ଚାଷୀ ୩୦ କିଲୋ ବିଲାତି ଝୁଡ଼ିକୁ ୧୫ ଟଙ୍କାରେ ବିକ୍ରି କରୁଛନ୍ତି। ଏଥିରେ ଚାଷୀ ଚଳିବ କେମିତି ? ଋଣ ନେଇ ଚାଷୀମାନେ ଫସଲ କରୁଛନ୍ତି ଓ ବିକ୍ରି କରି ନପାରି ଆତ୍ମହତ୍ୟା କରିଛନ୍ତି । ପ୍ରଥମେ ବିମୁଦ୍ରାୟନ ରାଜ୍ୟର କୃଷି କ୍ଷେତ୍ରର ବିକାଶକୁ ବାଧା ଦେଇଛି। ଅପରପକ୍ଷରେ ଋଣ ଯନ୍ତାରେ ପଡ଼ି ଚାଷୀ ଆତ୍ମହତ୍ୟା କରୁଛନ୍ତି। ➤ ପୃ-୭

## ମୋବାଇଲ ଆପ୍‌ରେ ସିଟିବସ୍ ସୂଚନା



**ଭୁବନେଶ୍ୱର :** ରାଜଧାନୀରେ ଏବେ ପରିବହନ ଓ ଗମନାଗମନ ବ୍ୟବସ୍ଥାକୁ ସର୍ବାଧିକ ପ୍ରାଧାନ୍ୟ ଦିଆଯାଉଛି। ସ୍ମାର୍ଟସିଟି ପ୍ରକଳ୍ପରେ ସ୍ଥାନ ପାଇଛି ସିଟିବସ୍ ସେବା। ତେଣୁ ଭୁବନେଶ୍ୱରରେ ସିଟିବସ୍ ସେବାକୁ ସ୍ମାର୍ଟ କରିବା ଲାଗି ଆସିବ ସ୍ୱତନ୍ତ୍ର ମୋବାଇଲ୍ ଆପ୍। ଟ୍ରାଭେଲ୍ ସ୍ମାର୍ଟ। ଏହି ଆପ୍ ଜରିଆରେ ଜନସାଧାରଣ ସିଟିବସ୍ ସମ୍ପର୍କରେ ସମସ୍ତ ସୂଚନା ପାଇବେ। ମାର୍ଚ୍ଚ ମାସ ଶେଷ ସୁଦ୍ଧା ଏହି ସୁବିଧା ମିଳିବ ବୋଲି ସୂଚନା ମିଳିଛି। ସହର ମଧ୍ୟରେ ୫୭୦ ଆଧୁନିକ ବସ୍ ଚଳାଇବା ପାଇଁ ପଦକ୍ଷେପ ନିଆଯାଉଥିବା ବେଳେ ଏହି ସେବାକୁ ସୂଚନା ପ୍ରଯୁକ୍ତି ସହ ଯୋଡିବା ପାଇଁ ଜିପିଏସ୍ ଓ ସିସିଟିଭି ଲଗାଇବା, ନିୟନ୍ତ୍ରଣ କକ୍ଷ ସ୍ଥାପନ ଲାଗି ଯୋଜନା ପ୍ରସ୍ତୁତ ହୋଇଛି। ତେବେ ଏଥିରେ ଆଉଏକ ପଦକ୍ଷେପସ୍ୱରୂପ ମୋବାଇଲ୍ ଆପ୍ ବ୍ୟବସ୍ଥା ବ୍ୟବହାର ଆରମ୍ଭ ଲାଗି ନିଷ୍ପତ୍ତି ହୋଇଛି। ଯଦିଓ ଏହି ବ୍ୟବସ୍ଥା ସ୍ମାର୍ଟସିଟି ଲିମିଟେଡ୍ ପକ୍ଷରୁ କରାନଯାଇ, ସିଟିବସ୍ ପରିଚାଳନା ଦାୟିତ୍ୱରେ ଥିବା ଭୁବନେଶ୍ୱର ପୁରୀ ଟ୍ରାନ୍ସପୋର୍ଟ ସର୍ଭିସେସ୍ ଲିମିଟେଡ (ବିପିଟିଏସ୍‌ଏଲ୍) ପକ୍ଷରୁ ଆରମ୍ଭ ହେଉଥିଲେ ମଧ୍ୟ ସ୍ମାର୍ଟସିଟି ପ୍ରକଳ୍ପର ଏହା ଏକ ଅଂଶବିଶେଷ ହେବ। ସୂଚନା ଅନୁସାରେ ଏବେ ୧୦୦ଟି ସିଟିବସ୍‌ରେ ଜିପିଏସ୍ ଲଗାଯାଇ ଭେହିକିଲ୍ ଟ୍ରାକିଂ ସିଷ୍ଟମ୍ (ଭିଟିଏସ୍) ବ୍ୟବସ୍ଥା ଆରମ୍ଭ ପାଇଁ କର୍ତ୍ତୃପକ୍ଷ ଟେଣ୍ଡର ଆହ୍ୱାନ କରିଛନ୍ତି। ➤ ପୃ-୭

## ପ୍ରେମ ପାଗଳୀର କୁତ୍ସିତ କାରନାମା

# ମା'କୁ ମାରିଦେଲା

**ରାଉରକେଲା :** ସାମାନ୍ୟ କେଇ ମୁହୂର୍ତ୍ତର ସୁଖ ପାଇଁ ବାୟାଣୀ ହେଉଥିବା ଯୁବତୀଟିର କୁତ୍ସିତ କାରନାମାକୁ ନେଇ ସାରା ରାଜ୍ୟରେ ଏବେ ଚର୍ଚ୍ଚା ଚାଲିଛି। ଜନ୍ମଦାତ୍ରୀ ମା'କୁ ହତ୍ୟା କରିବାକୁ ପଛେଇନାହିଁ ଏହି ଯୁବତୀ ଜଣକ। ନିଜ ପ୍ରେମିକ ସହ ମିଶି ଅତି ନିର୍ଦ୍ଦୟ ଭାବେ ମା' ଛାତିରେ ବସି ଗଳା ଚିପି ହତ୍ୟା କରିଛି। ଏଭଳି ଜଘନ୍ୟକାଣ୍ଡ ଘଟାଇ ହତ୍ୟାକୁ ଆତ୍ମହତ୍ୟାର ରୂପ ଦେଇ ଦୁନିଆ ଆଖିରେ ଧୂଳି ଛିଞ୍ଚିବାର ଅଳ୍ପ କେଇଦିନ ପରେ ଯୁବତୀ ଜଣକ ପୋଲିସ ହାତରେ ଧରାପଡି ପ୍ରେମିକ ସହ ଜେଲ୍ ଭିତରେ ଦିନ ଗଣୁଛି। ଯୌବନରେ ମତୁଆଲା ହୋଇ ପରିବାର ଓ ସମାଜକୁ ପ୍ରତାରିତ କରିଥିବା ଯୁବତୀ ଜଣକ ପ୍ରେମିକ ସହ ବାରମ୍ବାର ମିଳାମିଶାକୁ ବିରୋଧ କରିବାକୁ ହତ୍ୟାର ଶିକାର ହୋଇଛନ୍ତି ଜନ୍ମଦାତ୍ରୀ ମା'।



ନିଜର କୁତ୍ସିତ କାମବାସନା ପାଇଁ ହିତାହିତ ଜ୍ଞାନ ଭୁଲି ଯୁବତୀ ନିଜ ପ୍ରେମ ପଥରୁ ସବୁଦିନ ପାଇଁ କଣ୍ଟା ହଟାଇବା ଲକ୍ଷ୍ୟରେ ଷଡଯନ୍ତ୍ର ରଚି ସଫଳ ହୋଇଛି। କିନ୍ତୁ ସେ ଭୁଲିଗଲା ରକ୍ତ ସମ୍ପର୍କ, ଜ୍ଞାତି, ପରିଜନ ତଥା ସାମାଜିକ ନୀତି, ନିୟମ ଓ କଟକଣା କଥା। ଉଚ୍ଛନ୍ନ ହୋଇପଡିଲା ଥରକୁଥର ପ୍ରେମିକ ସହ ନିରୋଳାରେ ମୁହୂର୍ତ୍ତ ବିତାଇବା ପାଇଁ। ଫଳସ୍ୱରୂପ ଅତି ଅମାନବୀୟ ଭାବେ ଘଟାଇଥିଲା ଏଭଳି ଘଟଣା। ଏଭଳି ଏକ ହତ୍ୟାକାଣ୍ଡକୁ ନେଇ ଚାରିଆଡେ ପ୍ରେମବାୟାଣୀ ସମ୍ପର୍କରେ ଟୁପୁରୁଟାପର ଚାଲିଛି।

ଏଭଳି ଘଟଣା ଘଟଣା ଇସ୍ପାତ ନଗର ରାଉଲକେଲାରେ ଘଟିଯାଇଛି। ଝିଅର ପ୍ରେମରେ ବାଧା ଦେବାରୁ ମା'କୁ ହତ୍ୟା କରାଯିବା ସହ ଏହାକୁ ଆତ୍ମହତ୍ୟାର ରୂପ ଦେଇଥିଲା ଝିଅ। ➤ ପୃ-୭

### ଛାଟୁପତି ଉବାଚ

ହାତଦଳିଆଙ୍କ ପୁରୁଣା ବେମାରୀ
ବାହାରି ପଡ଼ିଛି ଏବେ
'ପରସାଦ' ଛାଡ଼ି 'ଝାରୁସୁଗୁଡ଼ାକୁ
ଖଣି'ଆଡ଼େ ମୁହାଁଇବେ
ନବଭାଇ ବସି ଭାବେ...
ସଭାପତି ସିଟ୍ ପାଇଗଲେ ଅବା
ଦଳର ସେ ତାଡ଼ିଦେବେ !
କୁକୁର ଲାଙ୍ଗୁଡ଼ ସିଧା କି ହୋଇବ
ଫୁଙ୍କୁନଳୀ ଦେଇ ରଖିଲେ
ଗାଁ ଘୁଷୁରୀ କି ଗାଈ ସମ ହେବ
ଦୁଧ-ଘିଅ-ଛେନା ଚାଟିଲେ
ରାଇଜବାସୀ ହସୁଥିବେ ସିନା
କୋଦର ଯେ ଜମି କୋଡ଼ିଲେ।

- ପ୍ରତାପ

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

# ଭାରତୀୟ ଇଞ୍ଜିନିୟରଙ୍କ ହତ୍ୟା ଘଟଣାକୁ ଟ୍ରମ୍ପ୍‌ଙ୍କ ନିନ୍ଦା



**ୱାଶିଂଟନ :** ଆମେରିକାର କାନ୍‌ସାସ୍‌ରେ ଭାରତୀୟ ଯୁବ ଇଞ୍ଜିନିୟର୍ ଶ୍ରୀନିବାସ କୁଚିଭୋଟ୍‌ଲା ଜଣେ ଆମେରିକୀୟଙ୍କ ଗୁଳିରେ ପ୍ରାଣ ହରାଇବା ଘଟଣାକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନିନ୍ଦା କରିଛନ୍ତି। ଏ ପ୍ରକାର ଘୃଣାସୂଚକ ହତ୍ୟାକାଣ୍ଡକୁ ସାରା ଦେଶ ନିନ୍ଦା କରୁଛି ବୋଲି ସେ କହିଛନ୍ତି। ସେ ଆମେରିକା କଂଗ୍ରେସରେ ପ୍ରଥମ ଉଦ୍‌ବୋଧନ ଦେଇ କହିଛନ୍ତି, ଆମେରିକୀୟମାନଙ୍କ ଅଧିକାରର ସୁରକ୍ଷା ଲାଗି ଇମିଗ୍ରେସନ୍ ରୁଲ୍‌କୁ ଦୃଢ଼ କରାଯିବ ବୋଲି କହିଛନ୍ତି। ତେବେ ମେରିଟ୍ ବେସ୍‌ଡ ଇମିଗ୍ରେସନ ସିଷ୍ଟମ୍ ଅଣାଯିବ। ଯେପରି ଭାରତୀୟଙ୍କ ସମେତ ଅନ୍ୟମାନେ ଏହାର ଫାଇଦା ପାଇବେ ସେଥିପ୍ରତି ଧ୍ୟାନ ଦିଆଯିବ। ଏହାଦ୍ୱାରା ଆମେରିକାର କୋଟି କୋଟି ଡଲାର ବଞ୍ଚିଯିବ ଏବଂ କର୍ମଚାରୀଙ୍କର ବେତନ ମଧ୍ୟ ବୃଦ୍ଧି ପାଇବ। ହ୍ୱାଇଟ୍ ହାଉସ୍‌ର ମୁଖପାତ୍ର କହିଥିଲେ, ଜାତୀୟତା ଜନିତ ଘୃଣା କାରଣରୁ ଏଭଳି ଗୁଳିକାଣ୍ଡ ଘଟିଥିବା ଜଣାପଡୁଛି। ରାଷ୍ଟ୍ରପତି ଏଭଳି ଘଟଣାରେ ଗଭୀର ଭାବେ ମର୍ମାହତ ଏବଂ ପୀଡ଼ିତଙ୍କ ପରିବାର ପ୍ରତି ସମବେଦନା ଜଣାଇବା ସହ ଏଥିରେ ଆହତ ହୋଇଥିବା ଅନ୍ୟ ଜଣେ ଭାରତୀୟଙ୍କ ଆରୋଗ୍ୟ କାମନା କରିଛନ୍ତି।

# ଚୀନ୍ ଦେଉଛି ୯୫ % ଔଷଧ ଉପାଦାନ



**ନୂଆଦିଲ୍ଲୀ:** ନୋଏଡାଭିତ୍ତିକ ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବାୟୋଲଜିକାଲ୍‌ସ (ଏନ୍‌ଆଇବି) ପକ୍ଷରୁ କରାଯାଇଥିବା ସର୍ଭେ ରିପୋର୍ଟ ଅନୁସାରେ ଔଷଧ ପାଇ ଆବଶ୍ୟକ ସକ୍ରିୟ ଉପାଦାନ ଚୀନ୍‌ରୁ ପ୍ରାୟ ୯୫% ଆମଦାନି ହେଉଛି। ଯାହା ଚୀନ ଉପରେ ଆମର ନିର୍ଭରଶୀଳତାକୁ ଦର୍ଶାଇ ଦେଉଛି। ଏଣୁ କେନ୍ଦ୍ର ସରକାର ଔଷଧ ପାଇଁ ଆବଶ୍ୟକ ସକ୍ରିୟ ଉପାଦାନ ଉତ୍ପାଦନ ତ୍ୱରାନ୍ୱିତ କରିବା ଉଚିତ। ଅପରପକ୍ଷରେ ସରକାରୀ ଯୋଗାଣ ଶୃଙ୍ଖଳରେ ଯୋଗାଇ ଦିଆଯାଉଥିବା ଔଷଧରୁ ୧୦% ନିର୍ଦ୍ଧାରିତ ମାନର ନୁହେଁ। ଏନ୍‌ଆରବି ପକ୍ଷରୁ ହୋଇଥିବା ଭାରତର ସର୍ବବୃହତ ଔଷଧ ଗୁଣବତ୍ତା ସର୍ଭେ ପାଇଁ ବିଭିନ୍ନ ଅଂଶରୁ ଔଷଧ ନମୁନା ସଂଗ୍ରହ କରାଯାଇଥିଲା। ଏହି ସମୟରେ ବିମାନ ବନ୍ଦର ଓ ବନ୍ଦରରୁ ସଂଗୃହୀତ ୯୦% ଔଷଧ ନମୁନାରେ ବ୍ୟବହାର ହୋଇଥିବା ଉପାଦାନ କେବଳ ଚୀନ୍‌ରୁ ଆସିଥିବା ଜଣାପଡ଼ିଛି।

ସର୍ଭେ ପାଇଁ ଏନ୍‌ବିଏ ଦେଶର ୩୬ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ୬୫୪ଟି ଜିଲ୍ଲାରୁ ୪୭,୯୫୪ ଔଷଧ ନମୁନା ସଂଗ୍ରହ କରିଥିଲା। ୩ ମାସ ଧରି ଚାଲିଥିବା ସର୍ଭେରେ ବିମାନ ବନ୍ଦର ଓ ବନ୍ଦରରୁ ୪,୯୮୭ ନମୁନା ସଂଗ୍ରହ କରାଯାଇଥିଲା। ସର୍ଭେ ରିପୋର୍ଟରେ ଦଶାଯାଇଛି ଯେ, ୯୮.୫୧% ଔଷଧ ନମୁନାରେ ବ୍ୟବହାର ହୋଇଥିବା ୯୧.୮୭% ସକ୍ରିୟ ଫାର୍ମାସିଟିକାଲଥ ଉପାଦାନ(ଏପିଆଇ) ଚୀନ୍‌ରୁ ଆମଦାନି ହୋଇଛି। ଏପରିକି ଏଗୁଡ଼ିକରେ ବ୍ୟବହାର ହୋଇଥିବା ଏପିଆଇ ମଧ୍ୟରୁ ୨୬.୮୨ % ଚୀନ୍‌ର ଗୋଟିଏ କମ୍ପାନି ଯୋଗାଇଛି। ଏହିସବୁ ବିଷୟକୁ ଦୃଷ୍ଟିରେ ରଖି ସରକାର ଘରୋଇ ଏପିଆଇ ଉତ୍ପାଦନ ବୃଦ୍ଧି ପାଇଁ ପର୍ଯ୍ୟାପ୍ତ ପଦକ୍ଷେପ ଗ୍ରହଣ କରିବା ଉଚିତ ବୋଲି ଏନ୍‌ଆଇବି ପରାମର୍ଶ ଦେଇଛି। ଏହାବ୍ୟତୀତ ଫାର୍ମାସିଟିକାଲ କ୍ଷେତ୍ର ପାଇଁ ସରକାର ଏକ ରାଷ୍ଟ୍ରୀୟ ଡିଜିଟାଲ୍ ଡାଟାବେସ୍ ପ୍ରସ୍ତୁତ କରିବାକୁ ପ୍ରତିଷ୍ଠାନ ସୁପାରିସ କରିଛି। ପ୍ରସ୍ତାବିତ ଡାଟାବେସ୍‌ରେ ସମସ୍ତ ବିତରକ, ଖୁଚୁରା ବିକ୍ରେତା, ଫାର୍ମାସୀ, ସରକାରୀ ଉତ୍ସ, ନାମ, ଠିକଣା, ଲାଇସେନ୍ସପ୍ରାପ୍ତ ପାର୍ମାସିଷ୍ଟଙ୍କ ଠିକଣା ରଖିବାକୁ କୁହାଯାଇଛି। ଏପରିକି ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଡାଟାବେସ୍‌କୁ ଅପ୍-ଟୁ-ଡେଟ୍ କରିବାକୁ ପ୍ରସ୍ତାବ ଦିଆଯାଇଛି। ଏନ୍‌ଆଇବି କହିଛି ସରକାରୀ ଯୋଗାଣ ସରକାରୀ ଯୋଗାଣ ଶୃଙ୍ଖଳରେ ଯୋଗାଇ ଦିଅଯୋଉଥିବା ୧୦% ନିର୍ଦ୍ଧାରିତ ଗୁଣବତ୍ତାର ନୁହେଁ। ବରଂ ଏହା ତୁଳନାରେ ଘରୋଇ ସ୍ତରରେ ବିକ୍ରୟ ହେଉଥିବା ଔଷଧର ମାନ ଉତ୍ତମ ରହିଛି। ଦେଶର ବିଭିନ୍ନ ଖୁଚୁରା କେନ୍ଦ୍ରରେ ବିକ୍ରୟ ହେଉଥିବା ମୋଟ୍ ଔଷଧରୁ କେବଳ ୦..୨୩% ଉତ୍ତମ ମାନର ହୋଇନଥିବା ଜଣାପଡ଼ିଛି।

# ସେନା ପରୀକ୍ଷା ପୂର୍ବରୁ ପ୍ରଶ୍ନ ଲିକ୍

**ନୂଆଦିଲ୍ଲୀ:** ସାରା ଦେଶରେ ୫୨ଟି କେନ୍ଦ୍ରରେ ଭାରତୀୟ ସେନାର କିରାଣୀ ଭଳି କିଛି ତଳିଆ ପଦବୀରେ ଭର୍ତ୍ତି ହେବା ଲାଗି ପରୀକ୍ଷା ଅନୁଷ୍ଠିତ ହେବାକୁ ଥିବା ବେଳେ ପଶ୍ଚିମ ଭାରତରେ ଏହାର ପ୍ରଶ୍ନ ପତ୍ର ଲିକ୍ ହୋଇଯାଇଛି ଯାହାଦ୍ୱାରା ପଶ୍ଚିମ ଭାରତର ୬ଟି କେନ୍ଦ୍ରରେ ପରୀକ୍ଷାକୁ ବାତିଲ କରି ଦିଆଯାଇଛି। ସେହି କେନ୍ଦ୍ରଗୁଡିକ ହେଲା କାମ୍ପତି, ନାଗପୁର, ଅହମଦ୍‌ନଗର, ଅହମ୍ମଦାବାଦ, ଗୋଆ ଏବଂ କିର୍‌କି। ରିପୋର୍ଟ ଅନୁସାରେ ସେନାର କିଛି ଅଧିକାରୀ ଏବଂ ବିଭିନ୍ନ କ୍ଲାସ୍ ଚଳାଉଥିବା ଅଧିକାରୀ ମାନେ ପ୍ରାର୍ଥୀମାନଙ୍କୁ ଲଜ୍ ଓ ଅନ୍ୟାନ୍ୟ ସ୍ଥାନରେ ଉତ୍ତର ଲେଖିବାକୁ ପ୍ରଶ୍ନପତ୍ର ଦେଇଥିବା ଜଣାପଡ଼ିଥିଲା। ଏବଂ ବିଭିନ୍ନ କୋଚିଂ ପ୍ରତିଷ୍ଠାନ ପକ୍ଷରୁ ୨ ଲକ୍ଷ ଟଙ୍କା ବିନିମୟରେ ପ୍ରାୟ ୩୫୦ଜଣ ପ୍ରାର୍ଥୀଙ୍କୁ ପ୍ରଶ୍ନପତ୍ର ଯୋଗାଇ ଦିଆଯାଇଥିବା ନେଇ ଗତକାଲି ଥାନେ ପୁଲିସ୍‌କୁ ସୂଚନା ମିଳିଥିଲା। ଯାହାଫଳରେ ଥାନେ ପୁଲସର କ୍ରାଇମବ୍ରାଞ୍ଚ ଶନିବାର ରାତିରେ ଚଢ଼ାଉ କରି ଅତି କମ୍‌ରେ ୧୮ ଜଣଙ୍କୁ ପୁନେ, ନାଗପୁର, ଗୋଆ ଏବଂ ନାସିକରୁ ଗିରଫ କରିଛି ଏବଂ ୩୫୦ ଜଣ ପ୍ରାର୍ଥୀଙ୍କୁ ଅଟକ ରଖିଛି। ଅନ୍ୟପଟେ ସେନା ପକ୍ଷରୁ ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ରିପୋର୍ଟ ଆସିଲେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣେ ଅଧିକାରୀ ପ୍ରକାଶ କରିଛନ୍ତି। କିରାଣୀ, ଷ୍ଟ୍ରଙ୍ଗମ୍ୟାନ୍, ଟ୍ରେଡ୍‌ସମ୍ୟାନ୍ ଭଳି କିଛି ପଦବୀରେ ନିଯୁକ୍ତି ଲାଗି ଏହି ପରୀକ୍ଷା ହେଉଥିଲା।

# ଭାରତରେ ବଢୁଛି ବିସ୍କୁଟ ଚାହିଦା



**ଜୟପୁର:** ଭାରତରେ ଦିନକୁ ଦିନ ଲୋକଙ୍କର ଚାହିଦା ବିସ୍କୁଟ ପ୍ରତି ବଢ଼ିବାରେ ଲାଗିଛି। ବିସ୍କୁଟ ମ୍ୟାନୁପାକ୍‌ଚର୍ସ ୱେଲଫେୟାର ଆସୋସିଏସନ୍ ପକ୍ଷରୁ କୁହାଯାଇଛି ଯେ ଭାରତୀୟମାନେ ବର୍ଷକୁ ୩୬ ଲକ୍ଷ ଟନ୍ ବିସ୍କୁଟ ଖାଉଛନ୍ତି। ଏହା ପୂର୍ବ ବର୍ଷ ଅପେକ୍ଷା ୮ରୁ ୧୦ ପତିଶତ ବୃଦ୍ଧି ଘଟିଛି। ଏକ ଆକଳନ ଅନଯାୟୀ ଦେଶରେ ବର୍ଷକୁ ୩୭,୫୦୦ କୋଟି ଟଙ୍କାର ବିସ୍କୁଟ ବିକ୍ରି ହେଉଛି। ଏବଂ ରାଜ୍ୟ ଭିତ୍ତିରେ ବିସ୍କୁଟ ଖାଇବାରେ ମହାରାଷ୍ଟ୍ର ଆଗରେ ରହିଛି। ମହାରାଷ୍ଟ୍ରରେ ବାସ କରୁଥିବା ଲୋକମାନେ ବର୍ଷକୁ ସବୁଠୁ ଅଧିକ ଅର୍ଥାତ ୧ଲକ୍ଷ ୯ଟନ ବିସ୍କୁଟ ଖାଉଛନ୍ତି। ଅନ୍ୟପକ୍ଷରେ ସବୁଠୁ କମ୍ ବିସ୍କୁଟ ଖାଉଥିବା ରାଜ୍ୟ ମଧ୍ୟରେ ପଞ୍ଜାବ ଏବଂ ହରିୟାଣା ରହିଛନ୍ତି। ବିସ୍କୁଟ ମ୍ୟାନୁଫାକ୍‌ଚରିଙ୍କ ଅଧ୍ୟକ୍ଷ ହରେଶ ଦୋଷୀଙ୍କ କହିବାନୁଯାୟୀ ଲୋକମାନେ ଏବେ ବିସ୍କୁଟକୁ କେବଳ ସ୍ୱାଦିଷ୍ଟ ଖାଦ୍ୟ ହିସାବରେ ନୁହେଁ ଜଳଖିଆ ଏବଂ ସ୍ୱାସ୍ଥ୍ୟ ଦୃଷ୍ଟିରୁ ରୁଟି ଓ ଡାଲି ପରିବର୍ତେ ଲୋକେ ଖାଉଛନ୍ତି। ଏଥିପାଇଁ ଦେଶରେ ବିସ୍କୁଟର ଚାହିଦା ବଢ଼ିବାରେ ଲାଗିଛି ବୋଲି ସେ ମତ ଦେଇଛନ୍ତି। ରାଜ୍ୟଗୁଡ଼ିକ ମଧ୍ୟରେ ବିସ୍କୁଟ ଖାଇବା କ୍ଷେତ୍ରରେ ଦ୍ୱିତୀୟ ସ୍ଥାନରେ ଉତ୍ତର ପ୍ରଦେଶ ଏବଂ ଉତ୍ତରାଖଣ୍ଡ ରହିଛନ୍ତି। ସେଠାରେ ବର୍ଷକୁ ୧ ଲକ୍ଷ ୮୫ ହଜାର ଟନ୍ ବିସ୍କୁଟ ଲୋକେ ଖାଉଛନ୍ତି। ଏହାବାଦ୍ ତାମିଲନାଡୁରେ ୧ ଲକ୍ଷ ୧୧ ହଜାର ଟନ୍, ପଶ୍ଚିମବଙ୍ଗରେ ୧ ଲକ୍ଷ ୨ ହଜାର ଟନ୍, କର୍ଣ୍ଣାଟକରେ ୯୩ ହଜାର ଟନ୍, ମଧ୍ୟପ୍ରଦେଶ ଏବଂ ଛତିଶଗଡ଼ରେ ୮୦ ହଜାର ଟନ୍, ବିହାର ଏବଂ ଝାଡଖଣ୍ଡରେ ୬୨,୫୦୦ ଟନ୍, ଗୁଜରାଟରେ ୭୨ ହଜାର ଟନ୍ , ଆନ୍ଧ୍ର ପ୍ରଦେଶରେ ୫୨,୫୦୦ ଟନ୍, ରାଜସ୍ଥାନରେ ୬୨,୫୦୦ ଟନ୍ ବିସ୍କୁଟ ଲୋକମାନେ ଖାଉଛନ୍ତି। ସଂଘର କହିବାନୁଯାୟୀ ଦେଶରେ ପ୍ରତିବର୍ଷ ବିକ୍ରି ହେଉଥିବା ୩୬ ଲକ୍ଷ ଟନ୍ ବିସ୍କୁଟ ମଧ୍ୟରୁ ସଂଗଠିତ କ୍ଷେତ୍ରରେ ୨୫ ଲକ୍ଷ ୫୦ ହଜାର ଟନ୍ ବିସ୍କୁଟ ବିକ୍ରି ହେଉଛି। ତେଣୁ ୧୦୦୦ ଟଙ୍କା ମୂଲ୍ୟର ବିସ୍କୁଟକୁ ଜିଏସ୍‌ଟି ପରିସର ବାହାରେ ରଖିବା ଲାଗି ସଂଘ ପକ୍ଷରୁ କୁହାଯାଇଛି।

# ସୂର୍ଯ୍ୟକୁ ଉପଗ୍ରହ ପଠାଇବ ନାସା




**ୱାଶିଂଟନ :** ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ଫଳରେ ମଣିଷ ଗୋଟିଏ ପରେ ଗୋଟିଏ ସଫଳତାର ଶିଢ଼ି ଚଢ଼ିବାରେ ସକ୍ଷମ ହୋଇଛି। ମହାକାଶ ବିଜ୍ଞାନ କ୍ଷେତ୍ରରେ ବୈଜ୍ଞାନିକ ଉପଲବ୍ଧି ମଧ କିଛି କମ୍ ନୁହେଁ। ନିଜ ବୁଦ୍ଧି ଓ ଜ୍ଞାନକୌଶଳ ପ୍ରୟୋଗ କରି ବୈଜ୍ଞାନିକମାନେ ଚନ୍ଦ୍ର, ମଙ୍ଗଳ ପର୍ଯ୍ୟନ୍ତ ପହଞ୍ଚ ସାରିଛନ୍ତି। ଏଥିସହ ସେଠାରେ ବସତି ସ୍ଥାପନ ପାଇଁ ମଧ ଯୋଜନା ସରିଲାଣି। ଏହି କ୍ରମରେ ଆସନ୍ତା ବର୍ଷ ଆମେରିକୀୟ ମହାକାଶ ବିଜ୍ଞାନ ସଂସ୍ଥା 'ନାସା' ସୂର୍ଯ୍ୟକୁ ଏକ ରୋବଟ ପରିଚାଳିତ ଉପଗ୍ରହ ପଠାଇବାକୁ ପ୍ରସ୍ତୁତି ଶେଷ କରିଛି। ନାସାର ସୋଲାର ପ୍ଲୁବ ପ୍ଲସ୍ ମିଶନ ଦ୍ୱାରା ସୂର୍ଯ୍ୟ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ନାସାର ବୈଜ୍ଞାନିକ ଏରିକ୍ ଖ୍ରୀଷ୍ଟିଆନ୍ କହିଛନ୍ତି ସୂର୍ଯ୍ୟର ପୃଷ୍ଠଦେଶରେ ପହଞ୍ଚିବା ଅସମ୍ଭବ ହୋଇଥିବା ବେଳେ ଏହି ଅଭିଯାନ ଫଳରେ କେତେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ ପାଇଁ ନାସା ଲକ୍ଷ୍ୟ ରଖିଛି। ସୂର୍ଯ୍ୟର ପୃଷ୍ଠଭାଗର ତାପମାତ୍ରା ୫୫୦୦ ଡିଗ୍ରୀ ସେଲ୍‌ସିଅସ୍ ହୋଇଥିବା ବେଳେ ବାହାର ବାୟୁମଣ୍ଡଳର ତାପମାତ୍ର ୨ ମିଲିୟନ୍ ଡିଗ୍ରୀ ସେଲ୍‌ସିଅନ୍, ଯାହାକି ବୈଜ୍ଞାନିକଙ୍କୁ ବିସ୍ମୟରେ ପକାଇଛି। ଏ ସମ୍ପର୍କରେ ତଥ୍ୟ ହାସଲ କରିବା ଏହି ଅଭିଯାନର ଲକ୍ଷ୍ୟ। ସେହିପରି ସୂର୍ଯ୍ୟଙ୍କ ଠାରୁ ବାହାରୁଥିବା କଣିକା କିପରି ଏତେ ତୀବ୍ର ବେଗରେ ଗତି କରୁଛନ୍ତି ସେ ସମ୍ପର୍କରେ ମଧ ଅନୁଧାନ କରାଯିବ ବୋଲି ଏରିକ ସୂଚନା ଦେଇଛନ୍ତି। ସୂର୍ଯ୍ୟଙ୍କ ନିକଟରେ ପହଞ୍ଚିବାକୁ ନାସା ତରଫରୁ ଯେଉଁ ଉପଗ୍ରହ ନିର୍ମାଣ କରାଯାଇଛି ସେଥିରେ ୧୧.୪ ସେଣ୍ଟିମିଟରର ଏକ ବିଶେଷ ଯନ୍ତ୍ର ଖଞ୍ଜାଯାଇଛି। ଏହି ଯନ୍ତ୍ର ଉଚ୍ଚମାନର କାର୍ବନରେ ନିର୍ମିତ। ଏହି ଯନ୍ତ୍ର ୧,୩୭୦ ଡିଗ୍ରୀ ସେଲ୍‌ସିଅସ୍ ତାପମାତ୍ରାକୁ ମଧ ସହିବାକୁ ସକ୍ଷମ। ସେହିପରି ଉପଗ୍ରହରେ ଏକ ଥର୍ମାଲ ରେଡିଏଟର୍ ଖଞ୍ଜା ଯାଇଛି ଯାହାଫଳରେ ଅତ୍ୟାଧିକ ତାପମାତ୍ରା ଭିତରେ ଥିବା ଯନ୍ତ୍ରାଂଶକୁ ଖରାପ କରିପାରିବ ନାହିଁ। ନାସାର ଯୋଜନା ଅନୁଯାୟୀ ଏହି ସ୍ୱତନ୍ତ୍ର ଉପଗ୍ରହ ସୂର୍ଯ୍ୟଙ୍କୁ ୨୪ଥର ପରିକ୍ରମା କରି ଆବଶ୍ୟକୀୟ ତଥ୍ୟ ଓ ଫଟୋ ସଂଗ୍ରହ କରିବ। ଏହି ଯୋଜନା ସଫଳ ହେଲେ ସୃଷ୍ଟିର ଉତ୍ପତ୍ତି ଏବଂ ସୂର୍ଯ୍ୟଙ୍କ ସମ୍ପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରାଯାଇ ପାରିବ ବୋଲି ଆଶା କରାଯାଉଛି।

# ଜେନିଭାରେ ପାକିସ୍ତାନକୁ ଭାରତର କଡ଼ା ଜବାବ

**ନୂଆଦିଲ୍ଲୀ :** ଜେନେଭାରେ ଅନୁଷ୍ଠିତ ଜାତିସଂଘ ମାନବାଧିକାର ପରିଷଦର ୩୪ତମ ଅଧିବେଶନରେ ପାକିସ୍ତାନ ଉପରେ ବର୍ଷିଛନ୍ତି ଜାତିସଂଘରେ ନିଯୁକ୍ତ ଭାରତର ରାଷ୍ଟ୍ରଦୂତ ଅଜିତ କୁମାର। ଭସ୍ମାସୁର ଭଳି ଆତଙ୍କବାଦର ସ୍ରଷ୍ଟା ପାକିସ୍ତାନ ଏବେ ନିଜେ ଆତଙ୍କବାଦରେ ଜର୍ଜରିତ ବୋଲି କହିଛନ୍ତି ଅଜିତ। ଜାମ୍ମୁ-କାଶ୍ମୀରରେ ଯାହା ଚାଲିଛି ସେସବୁ ପାକ୍ ପ୍ରାୟୋଜିତ ସୀମାପାର ଆତଙ୍କବାଦ। ଜାତିସଂଘ ସୁରକ୍ଷା ପରିଷଦ ପ୍ରସ୍ତାବ ନେଇ ପାକିସ୍ତାନ ବାରମ୍ବାର ବିଭ୍ରାନ୍ତ କରୁଛି। କେବଳ ଭାରତ ନୁହେଁ, ସମଗ୍ର ବିଶ୍ୱକୁ ଏହି ରାଷ୍ଟ୍ର ଆତଙ୍କବାଦ ରପ୍ତାନି କରୁଛି। ଏହା ଜାମ୍ମୁ-କାଶ୍ମୀର ଯେଉଁ ଅଂଶ ମାଡି ବସିଛି ସେଠାରୁ ତୁରନ୍ତ ହଟିଯିବା ଆବଶ୍ୟକ। ଲୋହୋରରୁ ମିଳିଥିବା ଖବର ଅନୁଯାୟୀ, ଭାରତ ୨୦୦୮ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ଘଟଣାର ପୁନଃ ତଦନ୍ତ ପାଇଁ ଓ ବର୍ତ୍ତମାନ ଗୃହବନ୍ଦୀ ଥିବା ଏହାର ଷଡଯନ୍ତ୍ରକାରୀ ଜମାତ୍-ଉଦ୍-ଦାୱା ମୁଖ୍ୟ ହାଫିଜ ସୟିଦ ଏବଂ ଲସ୍କର-ଇ-ତୋଏବା ନେତା ଜାକିଉର ରେହମାନ ଲାକ୍‌ଭିର ବିଚାର ପାଇଁ ପାକିସ୍ତାନ ନିକଟରେ ଦାବି ଦୋହରାଇଛି। ବୁଧବାର ପାକିସ୍ତାନ ପକ୍ଷରୁ ମାମଲାର ୨୪ ଭାରତୀୟ ସାକ୍ଷୀଙ୍କ ବୟାନ ରେକର୍ଡ କରିବାକୁ ଭାରତକୁ ଯେଉଁ ଆବେଦନ କରାଯାଇଥିଲା ତାହାର ଜବାବରେ ଭାରତ ଏହି ଜବାବ ଦେଇଛି। ପାକିସ୍ତାନ କର୍ତ୍ତୃପକ୍ଷ ଭାରତର ଜବାବକୁ ସ୍ୱୀକାର କରି କହିଛନ୍ତି ଯେ, ଭାରତୀୟ ସାକ୍ଷୀଙ୍କ ବୟାନ ରେକର୍ଡ ହୋଇପାରୁ ନଥିବାରୁ ଗଲା ୭ ବର୍ଷ ଧରି ମାମଲାର ଚୂଡାନ୍ତ ଶୁଣାଣି ହୋଇପାରୁ ନାହିଁ ବୋଲି ପାକ୍ ପକ୍ଷରୁ କୁହାଯାଇଛି। ପାକ୍ ପକ୍ଷରୁ ମାମଲାର ୧୭ତମ ଶୁଣାଣି ଶେଷ ହୋଇଛି।

# ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମାଣ ହେବ ଦ୍ରୁତଗାମୀ ଟ୍ରେନ୍



**ନୂଆଦିଲ୍ଲୀ:** ଭାରତୀୟ ରେଳପଥ ନିଜସ୍ୱ ଟ୍ରେନ୍‌ସେଟ୍ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛି। ନିର୍ମାଣ ହେବାକୁ ଥିବା ଏହି ଟ୍ରେନ୍ ଘଣ୍ଟାପ୍ରତି ସର୍ବାଧିକ ୧୬୦ କିଲୋମିଟର ବେଗରେ ଗତି କରିପାରିବ। ଦ୍ରୁତଗାମୀ ଟ୍ରେନ୍ ନିମନ୍ତେ ଡକାଯାଇଥିବା ଗ୍ଲୋବାଲ୍ ଟେଣ୍ଡରରୁ ଉତ୍ତମ ପ୍ରତିକ୍ରିୟା ନ ମିଳିବାରୁ ଭାରତୀୟ ରେଳ ଏଭଳି ପଦକ୍ଷେପ ଗ୍ରହଣ କରିଛି। ପ୍ରସ୍ତାବିତ ଟ୍ରେନ୍-୨୦୧୮ ପ୍ରକଳ୍ପ ସହ ଜଡିତ ରେଳ ମନ୍ତ୍ରାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଏହାଦ୍ୱାରା ଗୋଟିଏ ସହରରୁ ଅନ୍ୟ ସହର ମଧ୍ୟରେ ଯାତ୍ରା ସମୟ ହ୍ରାସ ପାଇଁ ଲକ୍ଷ୍ୟ ରଖାଯାଇଛି। ପାଇଲଟ୍ ପ୍ରକଳ୍ପ ଆଧାରରେ ଚେନ୍ନାଇ ଇଣ୍ଟିଗ୍ରାଲ୍ କୋଚ୍ କାରଖାନା(ଆଇସିଏଫ୍)ରେ ୨ଟି ଟ୍ରେନ୍ ସେଟ୍ ନିର୍ମାଣ କରାଯିବ। ଏହି ପ୍ରକଳ୍ପରେ ୨୦୦ କୋଟି ଟଙ୍କା ବ୍ୟୟ ହେବ। ଏଥିପାଇଁ ବିଦେଶୀ କମ୍ପାନି ପକ୍ଷରୁ ଜ୍ଞାନକୌଶଳ ସହାୟତା ଉଦ୍ଦେଶ୍ୟରେ ଆଇସିଏଫ୍ ପକ୍ଷରୁ ଗ୍ଲୋବଲ୍ ଟେଣ୍ଡର ଡକାଯାଇଛି। 'ଟ୍ରେନ୍- ୨୦୧୮' ନାମରେ ଆସିବାକୁ ଥିବା ଏହି ଟ୍ରେନ୍‌ରେ ସ୍ୱତନ୍ତ୍ର ଲୋକୋମୋଟିଭ୍(ଇଞ୍ଜିନ) ରହିବ ନାହିଁ। ୨୦୧୮ ମାର୍ଚ୍ଚ ସୁଦ୍ଧା ଟ୍ରେନ୍-୨୦୧୮ ବିକାଶ ଶେଷ ହେବ ଏବଂ ଦିଲ୍ଲୀ-ଲକ୍ଷ୍ନୌ ବା ଦିଲ୍ଲୀ-ଚଣ୍ଡିଗଡ଼ ରୁଟ୍‌ରେ ଚାଲିବ। ଦିଲ୍ଲୀ ମେଟ୍ରୋ ରେକ୍ ଭଳି ବିକାଶ ହେବାକୁ ଥିବା ଏହି ଟ୍ରେନ୍ ସେଟ୍‌ରେ ଅନେକଗୁଡ଼ିଏ କୋଚ୍ ରହିବ ଯାହାକି ବ୍ୟକ୍ତିଗତ ଭାବେ ପ୍ରୋପାଲ୍‌ସନ୍ ବ୍ୟବସ୍ଥାରେ ପରିଚଳିତ ହେବ, ଫଳରେ ଲୋକୋମୋଟିଭ୍ ଆବଶ୍ୟକତା ପଡ଼ିବ ନାହିଁ।ଭାରତୀୟ ରେଳ ଇତିହାସରେ ପ୍ରଥମ ଥର ପାଇଁ ପ୍ରସ୍ତାବିତ ଟ୍ରେନ୍‌ର ଅଟୋମେଟିକ୍ ପ୍ଲଗ୍ ଟାଇପ୍ ଡୋର୍ ରହିବ, ଯାହାକି ଷ୍ଟେସନରେ ଖୋଲିବ ଓ ବନ୍ଦ ହେବ। ଏହାବ୍ୟତୀତ ଏହି ଟ୍ରେନ୍‌ସେଟ୍‌ରେ ଚଉଡ଼ା ଝରକା ରହିବ, ଫଳରେ ଯାତ୍ରୀମାନେ ଭଲ ଭାବେ ବାହ୍ୟ ଦୃଶ୍ୟ ଉପଭୋଗ କରିପାରିବେ ବୋଲି ଅଧିକାରୀ ଜଣକ କହିଛନ୍ତି।

## ଓଡ଼ିଶାର ୬ ଷ୍ଟେସନରେ ଅଟକିବ 'ଅନ୍ତ୍ୟୋଦୟ'

**ନୂଆଦିଲ୍ଲୀ :** ରେଳମନ୍ତ୍ର ସୁରେଶ ପ୍ରଭୁ ଅନ୍ତ୍ୟୋଦୟ ଏକ୍ସପ୍ରେସ୍ ଏବଂ ହମ୍‌ସଫର ଏକ୍ସପ୍ରେସ୍‌କୁ ଉନ୍ମୋଚନ କରିଛନ୍ତି। ଅନ୍ତ୍ୟୋଦୟ ଏକ୍ସପ୍ରେସ୍ ହେଉଛି ଦେଶର ପ୍ରଥମ ଅଣସଂରକ୍ଷିତ ଟ୍ରେନ୍। ଏହି ସାପ୍ତାହିକ ଟ୍ରେନ୍ ଏର୍ଣ୍ଣାକୁଲମ-ହାଓ୍ୱଡା ମଧ୍ୟରେ ଯାତ୍ରା କରିବ। ପ୍ରତି ମଙ୍ଗଳବାର କେରଳର ଏର୍ଣ୍ଣାକୁଲମ ଷ୍ଟେସନରୁ ବାହାରି ଏହା ଶନିବାର ହାଓ୍ୱଡାରେ ପହଞ୍ଚିବ। ଏହି ଟ୍ରେନ୍ ୨୩୦୮ କିମି ଯାତ୍ରାକୁ ୩୮ ଘଣ୍ଟାରେ ଶେଷ କରିବ। ଏହାର ଘଣ୍ଟାପ୍ରତି ବେଗ ୬୨ କିମି ରହିବ। ଓଡ଼ିଶାର ୬ଟି ଷ୍ଟେସନ୍‌ରେ ଅନ୍ତ୍ୟୋଦୟ ଟ୍ରେନ୍ର ରହଣୀ ବ୍ୟବସ୍ଥା କରାଯାଇଛି। ଏହା ଓଡ଼ିଶାର ବାଲେଶ୍ୱର, ଭଦ୍ରକ, କଟକ, ଭୁବନେଶ୍ୱର, ଖୋର୍ଦ୍ଧାରୋଡ, ବ୍ରହ୍ମପୁର, ପଲାସା ଷ୍ଟେସନରେ ଅଟକିବ। ଏଥିରେ ୨୦ଟି ସାଧାରଣ କୋଚ୍, ଦୁଇଟି ପାଓ୍ୱାର କାର ରହିବ। ହମ୍‌ସଫର ଟ୍ରେନ୍ ପ୍ରତି ସପ୍ତାହରେ ଶ୍ରୀଗଙ୍ଗାନଗରମ୍‌ରୁ ତିରୁଚିରାପାଲ୍ଲୀ ମଧ୍ୟରେ ଯାତ୍ରା କରିବ। ଏହା ଏକ ବିଳାସପୂର୍ଣ୍ଣ ଟ୍ରେନ୍। ଏଥିରେ ଯାତ୍ରୀଙ୍କ ପାଇଁ ଅନେକ ହାଇଟେକ୍ ସୁବିଧା ରହିଛି।

# ଭାରତରେ ଅସହିଷ୍ଣୁତାର ସ୍ଥାନ ନାହିଁ: ରାଷ୍ଟ୍ରପତି



**ନୂଆଦିଲ୍ଲୀ :** ବିଶ୍ୱବିଦ୍ୟାଳୟରେ ଯାହା କିଛି ଆଲୋଚନା ହେଉଛି ତାହା ଯୁକ୍ତିଭିତ୍ତିକ ଓ ପ୍ରସଙ୍ଗଭିତ୍ତିକ ହେଉ। ସଂସ୍କୃତି ନାମରେ କୌଣସି ପ୍ରସଙ୍ଗର ଅପପ୍ରଚାର କରା ନ ଯାଉ। ଆମ ସମ୍ବିଧାନ ସମସ୍ତଙ୍କୁ ସ୍ୱାଧୀନ ମତବ୍ୟକ୍ତର ଅଧିକାର ଦେଇଛି; ତେଣୁ ଦେଶରେ ଅସହିଷ୍ଣୁତାର କୌଣସି ସ୍ଥାନ ନାହିଁ ବୋଲି ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ କହିଛନ୍ତି। ଗତ ଗୁରୁବାର କେରଳର କୋଚିରେ କେ ଏସ ରାଜାମୋନି ସ୍ମାରକୀ ବକ୍ତୃତାରେ ଭାଗ ନେଇ ରାଷ୍ଟ୍ରପତି କହିଥିଲେ, ଆମର ପ୍ରମୁଖ ଉଚ୍ଚତର ଶିକ୍ଷାନୁଷ୍ଠାନଗୁଡିକ ଆମ ଜ୍ଞାନର ପରିଚୟ। ଜ୍ଞାନର ମନ୍ଦିର ଭାବେ ପରିଚିତ ଏହିସବୁ ଅନୁଷ୍ଠାନରେ ସ୍ୱାଧୀନ ଚିନ୍ତନ ଓ ରଚନାତ୍ମକ ଦିଗକୁ ଗୁରୁତ୍ୱ ଦିଆଯିବା ଦରକାର; କିନ୍ତୁ ଦୁଃଖର ବିଷୟ ଯେ ଦେଶର ପ୍ରମୁଖ ଅନୁଷ୍ଠାନଗୁଡିକରେ ଏବେ ହିଂସା ଓ ଅଶାନ୍ତ ପରିବେଶ ସୃଷ୍ଟି ହୋଇଛି। ପ୍ରାଚୀନ କାଳରୁ ଭାରତର ସଭ୍ୟତା ସ୍ୱାଧୀନ ଚିନ୍ତନ ଓ ସ୍ୱାଧୀନ ମତବ୍ୟକ୍ତକୁ ଗୁରୁତ୍ୱ ଦେଇଆସିଛି। ସ୍ୱାଧୀନ ମତବ୍ୟକ୍ତର ଅଧିକାର ଆମ ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାରଗୁଡିକ ମଧ୍ୟରୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଦେଶର ରାଜନୈତିକ ବ୍ୟବସ୍ଥା ଉପରେ ଲୋକମାନଙ୍କର ଯେଉଁ ବିଶ୍ୱାସ ରହିଛି ତାକୁ ତୁଟିବାକୁ ଦିଆ ନ ଯାଉ। ଏଥିପାଇଁ ଲୋକପ୍ରତିନିଧିମାନେ ଦାୟିତ୍ୱସମ୍ପନ୍ନ ହେବା ଦରକାର ବୋଲି ରାଷ୍ଟ୍ରପତି କହିଛନ୍ତି। ମହିଳାଙ୍କ ବିରୋଧରେ ଦେଖାଯାଉଥିବା ହିଂସାକୁ ନିନ୍ଦା କରି ରାଷ୍ଟ୍ରପତି କହିଛନ୍ତି ଆମେ ଯେତେବେଳେ କୌଣସି ମହିଳା ଉପରେ ଅତ୍ୟାଚାର କରୁ ସେତେବେଳେ ଆମ ସଭ୍ୟତାର ଆତ୍ମାକୁ କ୍ଷତାକ୍ତ କରିଥାଉ। ଯେଉଁ ସମାଜ ନିଜର ମହିଳାଙ୍କ ପ୍ରତି ଅସାମାଜିକ ବ୍ୟବହାର ପ୍ରଦର୍ଶନ କରେ ତାକୁ କେବେହେଲେ ସଭ୍ୟସମାଜ କୁହାଯାଇ ପାରେ ନାହିଁ। ରାଷ୍ଟ୍ରପତି କହିଛନ୍ତି ଜାତୀୟତା ଓ ଦେଶପ୍ରେମ ହିଁ କେବଳ ଦେଶକୁ ନିରନ୍ତର ବିକାଶ ଓ ଅଗ୍ରଗତି ଆଡକୁ ନେଇ ପାରିବ। ଦିଲ୍ଲୀ ବିଶ୍ୱବିଦ୍ୟାଳୟର ରାମଜାସ କଲେଜ ପରିସରରେ ଦୁଇ ଛାତ୍ର ଗୋଷ୍ଠୀ ମଧ୍ୟରେ ଦେଖାଯାଇଥିବା ସଂଘର୍ଷ ପରିପ୍ରେକ୍ଷୀରେ ରାଷ୍ଟ୍ରପତିଙ୍କ ଏହି ମନ୍ତବ୍ୟ ବେଶ ଗୁରୁତ୍ୱପୂର୍ଣ୍ଣ ମନେ ହୋଇଛି।

# ୨୦୫୦ ସୁଦ୍ଧା ଭାରତ ହେବ ବିଶ୍ୱର ସର୍ବାଧିକ ମୁସଲମାନ ବହୁଳ ରାଷ୍ଟ୍ର !

**ନୂଆଦିଲ୍ଲୀ :** ଭାରତ ସମେତ ସାରା ବିଶ୍ୱରେ ମୁସଲମାନ ସମ୍ପ୍ରଦାୟର ଜନସଂଖ୍ୟା ବୃଦ୍ଧି ହାର ସର୍ବାଧିକ। ଅନ୍ୟ ଧର୍ମାବଲମ୍ବୀମାନଙ୍କ ତୁଳନାରେ ଏମାନଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଏହା ବଜାୟ ରହିଲେ ଭାରତ ଆସନ୍ତା ୨୦୫୦ ମସିହା ସୁଦ୍ଧା ବିଶ୍ୱର ସର୍ବାଧିକ ମୁସଲମାନ ବହୁଳ ରାଷ୍ଟ୍ର ଭାବେ ପରିଚୟ ଲାଭ କରିବ। ଅଧୁନା ମୋଟ ବିଶ୍ୱ ଜନସଂଖ୍ୟାର ୨୩ ପ୍ରତିଶତ ହେଉଛନ୍ତି ଏହି ସମ୍ପ୍ରଦାୟ। ସେମାନଙ୍କ ମଧ୍ୟରେ ଯୁବ ଗୋଷ୍ଠୀ (୩୦ବର୍ଷ ମଧ୍ୟରେ)ଙ୍କ ସଂଖ୍ୟା ଅଧିକ ହୋଇଥିବାରୁ ଏଭଳି ଆକଳନ କରାଯାଇଛି। ଆମେରିକୀୟ ସଂସ୍ଥା 'ପିୟୁ ଗବେଷଣା କେନ୍ଦ୍ର' (ପିଆରସି) ପକ୍ଷରୁ ଧର୍ମଭିତ୍ତିକ ଜନସଂଖ୍ୟା ବୃଦ୍ଧି ହାର ସଂକ୍ରାନ୍ତ ଆକଳନ ଆଧାରରେ ଏହି ରିପୋର୍ଟ ପ୍ରକାଶ ପାଇଛି। ଖ୍ରୀଷ୍ଟ ଧର୍ମ ପଛକୁ ଇସଲାମ୍ ସମ୍ପ୍ରତି ବିଶ୍ୱର ଦ୍ୱିତୀୟ ବହୁଳ ପ୍ରସାରିତ ଧର୍ମ ରହିଛି; ତେବେ ଇସଲାମ ଧର୍ମାବଲମ୍ବୀଙ୍କ ସଂଖ୍ୟା ଯେଉଁ ଅନୁପାତରେ ବୃଦ୍ଧି ପାଉଛି ତାହା ବଜାୟ ରହିଲେ ଚଳିତ ଶତାବ୍ଦୀ ଶେଷବେଳକୁ ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ସଂଖ୍ୟାନ୍ୟୂନ ହୋଇ ଯାଇଥିବେ। ତଥ୍ୟ ଅନୁଯାୟୀ, ୨୦୧୦ସୁଦ୍ଧା ବିଶ୍ୱରେ ମୁସଲମାନଙ୍କ ସଂଖ୍ୟା ଥିଲା ୧.୬ ବିଲିୟନ ବା ମୋଟ ଜନସଂଖ୍ୟାର ୨୩ ପ୍ରତିଶତ। ବର୍ତ୍ତମାନ ଇଣ୍ଡୋନେସିଆ ହେଉଛି ବିଶ୍ୱର ସର୍ବାଧିକ ମୁସଲମାନବହୁଳ ରାଷ୍ଟ୍ର। ୨୦୧୫ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ବିଶ୍ୱ ଜନସଂଖ୍ୟା ଆସନ୍ତା ଦଶକ ସୁଦ୍ଧା ୩୫ ପ୍ରତିଶତ ବୃଦ୍ଧି ପାଇବା ଆଶା ରହିଥିବାବେଳେ କେବଳ ମୁସଲମାନଙ୍କ ସଂଖ୍ୟା ଏହି ସମୟ ମଧ୍ୟରେ ୭୩ପ୍ରତିଶତ ବୃଦ୍ଧି ପାଇ ୨୦୫୦ ସୁଦ୍ଧା ୨.୮ ବିଲିୟନ୍‌ରେ ପହଞ୍ଚିଯିବ ବୋଲି ଆକଳନ କରାଯାଉଛି। ଆଞ୍ଚଳିକ କ୍ଷେତ୍ରରେ ଘଟୁଥିବା ଦେଶାନ୍ତର ଯୋଗୁ ଓ ଆଇଏସ୍‌ଆଇଏସ୍ ତଥା ଅନ୍ୟାନ୍ୟ ଆତଙ୍କବାଦ ଯୋଗୁ ମୁସଲମାନ ଜନସଂଖ୍ୟା ବୃଦ୍ଧି ନେଇ କରାଯାଇଥିବା ଆକଳନରୁ ଏଭଳି ତଥ୍ୟ ମିଳିଛି। ସାରା ବିଶ୍ୱରରେ ଯେତେ ମୁସଲମାନ ବାସ କରୁଛନ୍ତି ସେମାନଙ୍କ ମଧ୍ୟରୁ ୬୨ ପ୍ରତିଶତଙ୍କ ବାସସ୍ଥଳୀ ଏସିଆ-ପ୍ରଶାନ୍ତ ମହାସାଗରୀୟ ଦେଶରେ। ଏହି ଦେଶ ମଧ୍ୟରେ ରହିଛି ଇଣ୍ଡୋନେସିଆ, ଭାରତ, ପାକିସ୍ତାନ, ବାଂଲାଦେଶ, ଇରାନ ଓ ତୁର୍କୀ। ଭାରତରେ ଏବେ ମୁସଲମାନଙ୍କ ସଂଖ୍ୟା ହିନ୍ଦୁଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି। ବର୍ତ୍ତମାନ ଭାରତରେ ହିନ୍ଦୁଙ୍କ ସଂଖ୍ୟା ୭୯.୨ପ୍ରତିଶତ ବା ୯୬.୬୩କୋଟି ଥିବାବେଳେ ୧୭.୨୨କୋଟି ମୁସଲମାନ ଅଛନ୍ତି ଓ ଏହା ଦେଶର ମୋଟ ଜନସଂଖ୍ୟାର ୧୪.୨ ପ୍ରତିଶତ; କିନ୍ତୁ ୨୦୫୦ ସୁଦ୍ଧା ଭାରତରେ ଏମାନଙ୍କ ସଂଖ୍ୟା ବୃଦ୍ଧି ଆଖିଦୃଶିଆ ହେବା ସହ ଇଣ୍ଡୋନେସିଆକୁ ଅତିକ୍ରମ କରି ବିଶ୍ୱର ଏକ ନମ୍ବର ମୁସଲମାନ ବହୁଳ ରାଷ୍ଟ୍ର ହୋଇଯିବ।

# ମୁମ୍ବାଇ ୧ ନଂ ଧନୀ ସହର



**ନୂଆଦିଲ୍ଲୀ:** ନ୍ୟୁ ୱାର୍ଲ୍ଡ ୱେଲ୍‌ଥ ପକ୍ଷରୁ ଦେଶର ସବୁଠାରୁ ଧନୀ ସହର ମାନଙ୍କର ତାଲିକା ପ୍ରକାଶ କରାଯାଇଛି। ଯେଉଥିରେ ଭାରତର ଆର୍ଥିକ ରାଜଧାନୀ ମୁମ୍ବାଇ ୮୨,୦୦୦ କୋଟି ଡଲାର ବା ପାଖାପାଖି ୫୪.୬୪ ଲକ୍ଷ କୋଟି ଟଙ୍କା ସମ୍ପତ୍ତି ସହ ସବୁଠାରୁ ଧନୀ ସହର ଭାବରେ ବିବେଚିତ ହେଇଛି। ଏଠାରେ ୪୬,୦୦୦ କୋଟିପତି ଓ ୨୮ ଜଣ ଅରବପତି ବାସ କରୁଛନ୍ତି। ସର୍ଭେ ଅନୁସାରେ ଏହା ପଛକୁ ଦିଲ୍ଲୀ ଓ ବାଙ୍ଗାଲୋର ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଦିଲ୍ଲୀ ସହରର ମୋଟ୍ ସମ୍ପତି ୪୫,୦୦୦ କୋଟି ଡଲାର ବା ପାଖାପାଖି ୨୯.୯୮ ଲକ୍ଷ କୋଟି ଟଙ୍କା ବୋଲି ରିପୋର୍ଟରେ କୁହାଯାଇଛି। ଏଠାରେ ୨୩ ହଜାର କୋଟିପତି ବାସ କରୁଥିବା ବେଳେ ୧୮ଜଣ ଅରବପତି ଅଛନ୍ତି। ବେଙ୍ଗାଲୁର ଲୋକଙ୍କ ମୋଟ ସମ୍ପତ୍ତି ୩୨,୦୦୦ କୋଟି ଡଲାର ବା ପ୍ରାୟ ୨୧.୩୨ ଲକ୍ଷ କୋଟି ଟଙ୍କା। ସେଠାରେ ୭୭୦୦ କୋଟିପତି ଏବଂ ୮ ଅରବପତି ବାସ କରୁଛନ୍ତି। ତାଲିକାର ଚତୁର୍ଥ ସ୍ଥାନରେ ହାଇଦ୍ରାବାଦକୁ ରଖାଯାଇଛି। ହାଇଦ୍ରାବାଦରେ ଲୋକଙ୍କ ମୋଟ ସମ୍ପତ୍ତି ୩୧,୦୦୦ କୋଟି ଡଲାର ବା ପାଖାପାଖି ୨୦.୬୫ ଲକ୍ଷ କୋଟି ଟଙ୍କା ରହିଛି। ହାଇଦ୍ରାବାଦରେ କୋଟିପତିଙ୍କ ସଂଖ୍ୟା ୯୦୦୦ ହୋଇଥିବା ବେଳେ ଅରବପତିଙ୍କ ସଂଖା ୬ ରହିଛି। ସେହିଭଳି କୋଲକାତାର ମୋଟ ସମ୍ପତ୍ତି ୨୯,୦୦୦ କୋଟି ଡଲାର ବା ପ୍ରାୟ ୧୯.୩୧ ଲକ୍ଷ କୋଟି ଟଙ୍କା ରହିଥିବାବେଳେ ଏଠାରେ ୯୬୦୦ ଜଣ କୋଟିପତି ଏବଂ ୪ ଜଣ ଅରବପତି ରହୁଛନ୍ତି।

ଏହି ତାଲିକାରେ ସାମିଲ ଅନ୍ୟ ସହର ମଧ୍ୟରେ ପୁଣେର ମୋଟ ସମ୍ପତ୍ତି ୧୮,୦୦୦ କୋଟି ଡଲାର ବା ପ୍ରାୟ ୧୧.୯୯ ଲକ୍ଷ କୋଟି ଟଙ୍କା ରହିଛି। ଏଠାରେ ୪୫୦୦ କୋଟିପତି ଏବଂ ୫ ଜଣ ଅରବପତି ରହିଛନ୍ତି। ସେହିଭଳି ଚେନ୍ନାଇରେ ରହୁଥିବା ଲୋକଙ୍କ ମୋଟ ସମ୍ପତ୍ତି ୧୫,୦୦୦ କୋଟି ଡଲାର ବା ପାଖାପାଖି ୯.୯୯ ଲକ୍ଷ କୋଟି ଟଙ୍କା ରହିଛି। ଏଠାରେ ୬୬୦୦ ଜଣ କୋଟିପତି ଏବଂ ୪ ଜଣ ଅରବପତି ବାସ କରୁଛନ୍ତି। ଗୁରଗାଁଓର ମୋଟ ସମ୍ପତ୍ତି ୧୧,୦୦୦ କୋଟି ଡଲାର ବା ପ୍ରାୟ ୭.୩୩ ଲକ୍ଷ କୋଟି ଟଙ୍କା ରହିଛି। ସେଠାରେ ୪୦୦୦ କୋଟିପତି ଏବଂ ୨ ଜଣ ଅରବପତି ରହିଛନ୍ତି। ତେବେ ଅଧିକ ବେଗରେ ସମ୍ପତ୍ତି ସୃଷ୍ଟି କରିବାରେ ସୁରଟ, ଅହମ୍ମଦାବାଦ, ଭଦୋଦରା, ବିଶାଖାପାଟଣା,ଗୋଆ, ଚଣ୍ଡିଗଡ଼ ଏବଂ ଜୟପୁର ଆଗରେ ରହିଛନ୍ତି। ଏହି ରିପୋର୍ଟ ୨୦୧୬ ଡ଼ିସେମ୍ବର ପର୍ଯ୍ୟନ୍ତ ହିସାବକୁ ନେଇ ଭାରତର ମୋଟ ସମ୍ପର୍ତ୍ତି ୬,୨୦,୦୦୦ କୋଟି ଡଲାର ଏବଂ ଦେଶରେ ୨,୬୪,୦୦୦ ଜଣ କୋଟିପତି ଏବଂ ୯୫ ଜଣ ଅରବପତି ରହୁଛନ୍ତି ବୋଲି ଦର୍ଶାଯାଇଛି।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର








# ଭିଜିଲାନ୍ସ କାର୍ଯ୍ୟାଳୟ ପ୍ରତିଷ୍ଠା !

**ଭୁବନେଶ୍ୱର :** ବିଶ୍ୱ ପ୍ରସିଦ୍ଧ ପବିତ୍ର ଶ୍ରୀଜଗନ୍ନାଥ ମନ୍ଦିରର ନୂଆ ସଂସ୍କାର ହୋଇ ଦୈନନ୍ଦିନ ପରିଚାଳନା ସହ ସମସ୍ତ ଶୃଙ୍ଖଳିତ ନୀତିକାନ୍ତିର ତଦାରଖ ପାଇଁ ଶ୍ରୀମନ୍ଦିର ପରିସରରେ ଏକ ଭିଜିଲାନ୍ସ କାର୍ଯ୍ୟାଳୟ ପ୍ରତିଷ୍ଠା କରିବାର ଆବଶ୍ୟକତା ରହିଛି ବୋଲି ମତ

## ଶ୍ରୀମନ୍ଦିରରେ ସଂସ୍କାର

ଦେଇଛନ୍ତି ଶ୍ରୀମନ୍ଦିର ସଂସ୍କାର କମିଶନ୍ ଅଧକ୍ଷ ଜଷ୍ଟିସ୍ ବିମଳ ପ୍ରସାଦ ଦାସ। ଶ୍ରୀମନ୍ଦିରର ସମସ୍ତ ଆୟ ବ୍ୟୟ ଓ ଅନ୍ୟାନ୍ୟ ଆର୍ଥିକ ବ୍ୟବସ୍ଥା ଉପରେ ଦୃଷ୍ଟି ରଖିବାକୁ ଭିଜିଲାନ୍ସ ଅଧିକାରୀ ନିଯୁକ୍ତ ହୋଇପାରନ୍ତି ବୋଲି ମଧ କହିଛନ୍ତି। ତିରୁପତି ବାଲାଜୀ ମନ୍ଦିର ପରିଚାଳନା ସଂପର୍କରେ ପ୍ରତ୍ୟକ୍ଷ ଅନୁଧ୍ୟାନ କରି ଭୁବନେଶ୍ୱରରେ ପହଞ୍ଚିବା ପରେ ଗଣମାଧମ ଆଗରେ ନିଜର ମତ ରଖିଥିଲେ ଜଷ୍ଟିସ ଦାସ। ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ଅଧିକ ବ୍ୟବସ୍ଥିତ କରାଯିବା ଉପରେ ଗୁରୁତ୍ୱ ଦେଇ ସେ କହିଥିଲେ ଯେ, ତିରୁପତିରେ ଭକ୍ତମାନେ ଯେଭଳି ଶୃଙ୍ଖଳିତ ଭାବେ ଯାଇ ଦର୍ଶନ କରୁଛନ୍ତି ଅନୁରୂପ ଭାବେ ପୁରୀରେ ସେ ବ୍ୟବସ୍ଥା ହେବା ନିତାନ୍ତ ଜରୁରୀ। ଏହା ଆରମ୍ଭ କରିବାକୁ ସେ ସରକାରଙ୍କୁ ସୁପାରିସ୍ କରିପାରନ୍ତି। ଗତ ନଭେମ୍ବର ୧୭ରେ ପୁରୀରେ ଜଷ୍ଟିସ୍ ଦାସ ପ୍ରଥମ ବୈଠକ କରି ଶ୍ରୀମନ୍ଦିର ସଂସ୍କାର ସଂପର୍କରେ ଆଲୋଚନା କରିଥିଲେ। ସେ ଆଉ ମଧ କହିଛନ୍ତି ଯେ ଶ୍ରୀମନ୍ଦିରରେ ସଂସ୍କାର ଆବଶ୍ୟକ ହୋଇପଡ଼ିଛି । ସୂଚନାଯୋଗ୍ୟ ଯେ ଜଗତଗୁରୁ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ ପୁରୀ ଶ୍ରୀମନ୍ଦିର ସଂସ୍କାର ନେଇ ବିପି ଦାସ କମିଶନଙ୍କୁ କେତେକ ପ୍ରସ୍ତାବ ପଠାଇଥିବା ବେଳେ ଡିସେମ୍ବର ୨୦ ତାରିଖରେ ପୁରୀ ଗଜପତି ଦିବ୍ୟସିଂହଦେବ ମହାରାଜ କମିଶନଙ୍କ ନିକଟରେ ସତ୍ୟପାଠ ଦାଖଲ କରିଥିଲେ।

# ସିଙ୍ଗଲ୍ ୱିଣ୍ଡୋ ବୈଠକରେ ୨୧ ଶିଳ୍ପକୁ ସବୁଜ ସଙ୍କେତ

## ୨୬ ହଜାର କୋଟି ପୁଞ୍ଜିନିବେଶ ପାଇଁ ପଥ ପରିଷ୍କାର

**ଭୁବନେଶ୍ୱର :** ରାଜ୍ୟରେ ଶିଳ୍ପ ଭିତ୍ତିଭୂମୀ ସୁଦୃଢ଼ କରିବା ସାଙ୍ଗକୁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଲାଗି ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମ ଆଗକୁ ପାଦେ ବଢ଼ିଛି। ସଚିବାଳୟରେ ଗତ ମଙ୍ଗଳବାର ଦିନ ରାଜ୍ୟସ୍ତରୀୟ ଏକକ ବାତାୟନ କମିଟି ବୈଠକରେ ୨୧ଟି ବୃହତ୍ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଶିଳ୍ପ ବିଭାଗର ପ୍ରସ୍ତାବକୁ ସରକାରଙ୍କ ପକ୍ଷରୁ ସବୁଜ ସଙ୍କେତ ଦିଆଯାଇଛି। ଏନେଇ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ ଚୋପ୍ରା ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ରାଜ୍ୟରେ ୧୭ ହଜାର ୫୦୦ ଜଣ ପ୍ରତ୍ୟେକ୍ଷ ଭାବେ ନିଯୁକ୍ତି ପାଇବେ ବୋଲି ସରକାରଙ୍କୁ ନୀଳନକ୍ସା ଦେଖାଇଛନ୍ତି। ତେବେ ଏହାକୁ ତ୍ୱରିତ କାର୍ଯ୍ୟକାରୀ ଦିଗରେ ପଦକ୍ଷେପ ଉଠାଇବା ପାଇଁ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ଶିଳ୍ପ ସଚିବ ଶ୍ରୀ ଚୋପ୍ରାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ ଶିଳ୍ପ ବିଭାଗ ପକ୍ଷରୁ ୩୩ଟି ପ୍ରକଳ୍ପର କାର୍ଯ୍ୟକାରୀ ନେଇ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଯଦି ସବୁ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥାନ୍ତା ତେବେ ୩୩ ହଜାର କୋଟି ବିନିଯୋଗ ହେବାକୁ ରହିଥିବା ବେଳେ ୩୩ ହଜାର ନିଯୁକ୍ତି ସୃଷ୍ଟି ହୋଇଥାନ୍ତା। ତେବେ ଅନୁମୋଦିତ ୨୧ଟି ପ୍ରକଳ୍ପ ମଧ୍ୟରୁ ରାଜଧାନୀର ନିକଟବର୍ତ୍ତୀ ପୁରୀ ଓ କଟକ ଅଞ୍ଚଳରେ ୭ଟି ଶିଳ୍ପ କାରଖାନା ପ୍ରତିଷ୍ଠା ହେବାକୁ ରହିଥିବା ବେଳେ ଏଥିରେ ୫୬୦ କୋଟି ଟଙ୍କା ବିନିଯୋଗ ହେବ ଏବଂ ୬ ହଜାରରୁ ଅଧିକ ନିଯୁକ୍ତି ପାଇବାର ସୁଯୋଗ ସୃଷ୍ଟି ହୋଇଛି। ପ୍ରସ୍ତାବ ଅନୁଯାୟୀ ମଞ୍ଚେଶ୍ୱରଠାରେ ସାହି ଏକ୍ସପୋର୍ଟର ଟେକ୍ସଟାଇଲ କାରଖାନା ପ୍ରତିଷ୍ଠା ହେବାକୁ ରହିଥିବା ବେଳେ ଚନ୍ଦକାଠାରେ ଗ୍ରାଣ୍ଡ ମାର୍କ ଇନଫ୍ରାଷ୍ଟ୍ରକଚର ଏବଂ ରୂପାଲ ଇନଫ୍ରାଷ୍ଟ୍ରକଚରର ପର୍ଯ୍ୟଟନ ଶିଳ୍ପ, ପୁରୀ ଗୋପଠାରେ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ, ଅନ୍ଧାରୁଆଠାରେ ଭାରତ ବାୟୋଟେକ୍ର ଫାର୍ମା, କଟକ ରାମଦାସପୁରଠାରେ ଟେକ୍ସପୋର୍ଟ ଇଣ୍ଡଷ୍ଟ୍ରିଜ ଆପାରେଲ ଏବଂ ହୋଟେଲ ବନଜାରାର ପର୍ଯ୍ୟଟନ ଶିଳ୍ପ ହେବାକୁ ରହିଛି। ଏହାବ୍ୟତୀତ ସମ୍ବଲପୁରର ଲପଙ୍ଗାଠାରେ ହିଣ୍ଡାଲକୋର ଶକ୍ତି ପ୍ରକଳ୍ପ, ବଲାଙ୍ଗିରର ସାଦିପଲ୍ଲୀଠାରେ ଶକ୍ତି ପ୍ରକଳ୍ପ ସାଙ୍ଗକୁ ଯାଜପୁର, ବୌଦ୍ଧ, ପାରାଦୀପ, କେନ୍ଦୁଝର, ରାୟଗଡ଼ା, ଗଞ୍ଜାମ, ଝାରସୁଗୁଡ଼ା ଓ ଭଦ୍ରକଠାରେ ଶକ୍ତି ସହିତ ଅନ୍ୟାନ୍ୟ ଶିଳ୍ପ କାରଖାନା ଅନୁମୋଦିତ ପ୍ରସ୍ତାବରେ ରହିଛି। ଏହାଦ୍ୱାରା ପ୍ରତ୍ୟେକ୍ଷ ଭାବେ ୧୭ ହଜାର ୭୦୦ ନିଯୁକ୍ତି ପାଇବାକୁ ରହିଥିବା ବେଳେ ପରୋକ୍ଷରେ ମଧ ଅଧିକ ନିଯୁକ୍ତି ହେବାର ସୁଯୋଗ ରହିଥିବା ଶିଳ୍ପ ବିଭାଗ ପକ୍ଷରୁ ଦର୍ଶାଯାଇଛି।

# ଶିଳ୍ପସଂସ୍ଥା ଉପରେ ବାକି ପଡ଼ିଛି ୭୪୪୬.୭୩ କୋଟିର ରାଜସ୍ୱ

**ଭୁବନେଶ୍ୱର:** ରାଜ୍ୟର ଆର୍ଥିକ ସ୍ଥିତି ଠିକ୍ ନାହିଁ। ରାଜକୋଷ ଉପରେ ଚାପ ପଡୁଛି। କିନ୍ତୁ ଶିଳ୍ପ ସଂସ୍ଥାଗୁଡିକ ଉପର କୋଟି କୋଟି ଟଙ୍କା ବକେୟା ପଡ଼ିଛି। ଏହାକୁ କାହିଁକି ଆଦାୟ କରାଯାଉନି ବୋଲି ବିଧାନସଭାରେ ପ୍ରଶ୍ନକାଳରେ ଦଳମତ ନିର୍ବିଶେଷରେ ବିଧାୟକମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହି ପ୍ରସଙ୍ଗରେ ଦୀର୍ଘ ସମୟ ଧରି ଗୃହରେ ଆଲୋଚନା ହୋଇଥିଲା। ବକେୟା ରାଜସ୍ୱ ସଂଗ୍ରହ ପାଇଁ ସମସ୍ତ ପ୍ରକାରର ପଦକ୍ଷେପ ନିଆଯାଉଛି ବୋଲି ଅର୍ଥମନ୍ତ୍ରୀ ପ୍ରଦୀପ କୁମାର ଅମାତ୍ ବିଧାୟକମାନଙ୍କୁ ଆଶ୍ୱସ୍ତ କରିଥିଲେ।

ଗତ ନଭେମ୍ବର ୧୧ ତାରିଖରେ ସୁପ୍ରିମକୋର୍ଟଙ୍କ ସାମ୍ବିଧାନିକ ବେଞ୍ଚ୍ ତାଙ୍କ ରାୟରେ ରାଜ୍ୟ ମଧ୍ୟକୁ ପ୍ରବେଶ କରୁଥିବା ଦ୍ରବ୍ୟଗୁଡ଼ିକ ଉପରେ ରାଜ୍ୟମାନଙ୍କ ଟିକସ ବସାଇବାର ଅଧିକାରର ବୈଧତାକୁ କାଏମ ରଖିଛନ୍ତି। ରାଜ୍ୟର ପ୍ରବେଶ କର ଆଇନର ବୈଧତା ବିଚାର କରୁଥିବା ସୁପ୍ରିମକୋର୍ଟଙ୍କ ନିୟମିତ ବେଞ୍ଚମାନେ ନିର୍ଦ୍ଧାରଣ କରିବେ। ତେଣୁ ଏଥିପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଅପେକ୍ଷା କରାଯାଇଛି ବୋଲି ଶ୍ରୀ ଅମାତ୍ କହିଛନ୍ତି। ସେହିପରି ଶକ୍ତି ବିଭାଗର ତଥ୍ୟ ଅନୁସାରେ ୩୯ଟି ସଂସ୍ଥା ଉପରେ ପ୍ରାୟ ୧୨୭୯.୭୭ କୋଟି ଟଙ୍କା ବିଦ୍ୟୁତ ଶୁଳ୍କ ବକେୟା ରହିଛି। ଏବଂ ୫୭ ସଂସ୍ଥା ଉପରେ ୨୧୨୧.୩୧ କୋଟି ଟଙ୍କାର ଜଳକର ବକେୟା ରହିଛି। ଏଥିରୁ ଅଧିକାଂଶ ସଂସ୍ଥା ଉପରେ ପ୍ରାୟ ଏକ କୋଟି ଟଙ୍କାରୁ ଅଧିକ ଜଳକର ବାକି ରହିଛି। ଏଥିରୁ ଅଧିକାଂଶ ସଂସ୍ଥା ଉପରେ ପ୍ରାୟ ଏକ କୋଟି ଟଙ୍କାରୁ ଅଧିକ ଜଳକର ବାକି ରହିଛି। ମକଦ୍ଦମା ରୁଜୁ ଯୋଗୁ ପ୍ରାୟ ୧୯୧୮.୩୬ କୋଟି ଟଙ୍କା ଅନାଦେୟ ଥିବାବେଳେ ଜଳକରର ପରିମାଣ ୨୨୫.୩୬ କୋଟି ଟଙ୍କା ରହିଛି। ୫୭ଟି ସଂସ୍ଥା ପରେ ଏହା ବାକି ରହିଛି। ବକେୟା ଥିବା ସଂସ୍ଥାଠାରୁ ପ୍ରଚଳିତ ଆଇନ ଓ ନିୟମାନୁସାରେ ପ୍ରାପ୍ୟ ଉପରେ ଅତିରିକ୍ତ ସୁଧ ଓ ଜୋରିମାନା ଲାଗୁ କରାଯାଇଥାଏ। ସେହିପରି ବିଭିନ୍ନ ସଂସ୍ଥା ଓ ପଟ୍ଟାଦାରଙ୍କ ଉପରେ ଖଣି ରାଜସ୍ୱ ବାବଦକୁ ୧୮୪୬.୯୯ କୋଟି ଟଙ୍କା ବକେୟା ରହିଛି। ଅବକାରୀ ତଥ୍ୟ ବିଭାଗରୁ ମିଳିଥିବା ତଥ୍ୟ ଅନୁସାରେ ଲାଇସେନ୍ସ ପ୍ରାପ୍ତ ବ୍ୟବସାୟୀଙ୍କ ଉପରେ ୬୦.୪୧ କୋଟି ଟଙ୍କା ଅବକାରୀ ଟିକସ ବାକି ରହିଛି। ଚଳିତ ବର୍ଷ ଏଥିରୁ ମାତ୍ର ୨.୬୯ କୋଟି ଟଙ୍କା ଆଦାୟ ହୋଇଛି ବୋଲି ଶ୍ରୀ ଅମାତ୍ କହିଛନ୍ତି। ବିଧାୟକ ପ୍ରଫୁଲ୍ଲ ସାମଲ ଓ ଭାଗିରଥୀ ବଡ଼ଜେନାଙ୍କ ମୂଳପ୍ରଶ୍ନ ଏବଂ ବିରୋଧୀ ଦଳ ନେତା ନରସିଂହ ମିଶ୍ର, ଅମର ପ୍ରସାଦ ଶତପଥୀ, ଡଃ ନୃସିଂହ ସାହୁ, ମାନସ ମାଡକାମି, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ରବି ନାରାୟଣ ନାଏକ, ଦିବ୍ୟଶଙ୍କର ମିଶ୍ର, ପ୍ରଦୀପ ପୁରୋହିତ, ମହେଶ ସାହୁ ଆଦି ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ଅମାତ୍ ଏହା ପ୍ରକାଶ କରିଥିଲେ।

# ନବୀନଙ୍କ ଦୃଢୋକ୍ତି: ପୁଣି ବିଜେଡି ସରକାର

**ଭୁବନେଶ୍ୱର :** ପଞ୍ଚାୟତ ନିର୍ବାଚନ ଚୂଡ଼ାନ୍ତ ଫଳାଫଳ ଘୋଷଣା ହେବା ପରେ ପ୍ରତିକ୍ରିୟା ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଗାମୀ ୨୦୧୯ ବିଧାନସଭା ନିର୍ବାଚନରେ ଓଡିଶାବାସୀଙ୍କ ଆଶୀର୍ବାଦ ପାଇ ବିଜୁ ଜନତା ଦଳ ପୁଣି ଥରେ ବହୁମତ ପାଇ ନିଶ୍ଚୟ ସରକାର ଗଢ଼ିବ ବୋଲି ଦୃଢ଼ୋକ୍ତି ଦେଇଛନ୍ତି। ଏବଂ ସେ ଏହା ମାନିଛନ୍ତି ଯେ ଯଦିଓ ମୋଟାମୋଟି ଭାବେ ଲୋକେ ବିଜେଡିକୁ ବହୁମତ ଦେଇଛନ୍ତି କିନ୍ତୁ କେତେକ ଜିଲ୍ଲାରେ ଦଳ ଆଶାନୁରୂପ ପ୍ରଦର୍ଶନ କରିନାହିଁ। ଲୋକଙ୍କ ଆସ୍ଥାର ଭାଜନ ହେବା ପାଇଁ ଆଗାମୀ ଦିନରେ ସରକାର ଆହୁରି ଅଧିକ ଭଲ କାମ କରିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସରକାର ଏବଂ ସଂଗଠନ ସ୍ତରରେ ସୁଧାର ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ମଧ୍ୟ ଜଣାଇ ଦେଇଛନ୍ତି।

ପଞ୍ଚାୟତ ନିର୍ବାଚନ ପରେ ପ୍ରଥମ ଥର ପାଇଁ ଗଣମାଧ୍ୟମକୁ ତାଙ୍କ ପ୍ରତିକ୍ରିୟା ଦେଇ ନବୀନ ଆଜି କହିଥିଲେ, ତୃଣମୂଳ ସ୍ତରରେ ଏହି ନିର୍ବାଚନରେ ଯେପରି ନିର୍ଭୀକ ଏବଂ ସ୍ୱଇଚ୍ଛାରେ ଆସି ଏତେ ସଂଖ୍ୟକ ଲୋକ ସେମାନଙ୍କ ମତ ସାବ୍ୟସ୍ତ କରିଛନ୍ତି, ସେଥିପାଇଁ ସେମାନଙ୍କୁ ଅଭିନନ୍ଦନ। ଏ ନିର୍ବାଚନ ଗଣତାନ୍ତ୍ରିକ ହସ୍ତାନ୍ତରଣର ବିଜୟ। ସେ କହିଥିଲେ, ଲୋକେ ବିଜୁ ଜନତା ଦଳ ଉପରେ ପୁଣି ଆସ୍ଥା ପ୍ରକଟ କରିଛନ୍ତି। ୫୬ ପ୍ରତିଶତ ଆସନରେ ବିଜୟୀ କରି ଦଳକୁ ସଂଖ୍ୟା ଗରିଷ୍ଠ ଏବଂ ସବୁଠାରୁ ବଡ଼ ଦଳ ଭାବେ ବାଛିଛନ୍ତି। କିନ୍ତୁ କେତେକ ଜିଲ୍ଲାରେ ଆମେ ଯାହା ଆଶା କରିଥିଲୁ, ତଦନୁସାରେ ପ୍ରଦର୍ଶନ କରି ପାରନାହୁଁ। ଜନତାଙ୍କ ଏହି ରାୟକୁ ଦଳ ନମ୍ରତାର ସହ ଗ୍ରହଣ କରୁଛି ବୋଲି ଦର୍ଶାଇ ମୁଖ୍ୟମନ୍ତ୍ରୀ କହିଥିଲେ, ଏହାକୁ ଆମେ ସକାରତ୍ମକ ଭାବେ ନେଉଛୁ। ଲୋକେ ସମ୍ଭବତଃ ମତ ଦେଇ ଲୋକେ ଆମକୁ ଆତ୍ମସମୀକ୍ଷା କରିବାକୁ ସୁଯୋଗ ଦେଇଛନ୍ତି। ନିଜ ଭୁଲ ତ୍ରୁଟିକୁ ସୁଧାରି ଆହୁରି ଭଲ କାମ କରିବାକୁ ମଧ୍ୟ ସୁଯୋଗ ଦେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୋର ବିଶ୍ୱାସ, ୨୦୧୯ରେ ଲୋକେ ପୁଣି ଥରେ ତାଙ୍କ ଦଳ ଉପରେ ଆଶୀର୍ବାଦ ଢ଼ାଳିବେ ଏବଂ ବହୁମତ ସହ ସରକାର ଗଢ଼ିବା ପାଇଁ ସୁଯୋଗ ଦେବେ।

# ଆମେ ମାଟି ପାଇଁ କ'ଣ କରିଛେ ଭାବିବା ଉଚିତ୍



**ଦେଶରେ ଦ୍ରୁତ ଜଙ୍ଗଲ କ୍ଷୟର ପରିଣାମ ସବୁସ୍ତରରେ ସମସ୍ତେ ଅନୁଭବ କରୁଛନ୍ତି। ସାଂପ୍ରତିକ ସମୟରେ ଏହି ସଙ୍କଟରୁ ରକ୍ଷା ପାଇବା ଏବଂ ଜଙ୍ଗଲ ଅବକ୍ଷୟକୁ କିଭଳି ରୋକାଯାଇପାରିବ ସେ ନେଇ ଚାରିଆଡେ ଉଦ୍‌ବେଗ ପ୍ରକାଶ ପାଉଛି। ଏଭଳି ସ୍ଥିତିରେ ଜଙ୍ଗଲର ପୁନଃରୁଦ୍ଧାର ଦିଗରେ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଯେଉଁ କେତେକ ସରକାରୀ ଅଧିକାରୀ ଆନ୍ତରିକତା ପ୍ରକାଶ କରନ୍ତି, ସେମାନଙ୍କ ମଧ୍ୟରେ ଶ୍ରୀଯୁକ୍ତ ପ୍ରକାଶ ଚନ୍ଦ୍ର ମିଶ୍ର ଅନ୍ୟତମ। ଐତିହାସିକ ସହର କଟକରେ ଜନ୍ମିତ ଶ୍ରୀ ମିଶ୍ର ଏମ୍‌ଏସ୍‌ସି ଶିକ୍ଷା ସମାପ୍ତ ପରେ ୧୯୮୧ ମସିହାରେ ଓଡ଼ିଶା ସରକାରଙ୍କ ବନ ବିଭାଗର ଅନୁଗୁଳ ସ୍ଥିତ ବନଖଣ୍ଡରେ ଚାକିରୀ ଜୀବନ ଆରମ୍ଭ କରିଥିଲେ। ଦୀର୍ଘ ବର୍ଷର ଅନୁଭୂତି ଓ ଏହି ବିଭାଗର ବିଭିନ୍ନ ପଦପଦବୀରେ ରହି ସେ ଦ୍ରୁତ ଜଙ୍ଗଲ କ୍ଷୟକୁ ରୋକିବା ଓ ଜଙ୍ଗଲ ଉପରେ ନିର୍ଭର କରି ବଞ୍ଚୁଥିବା ମଣିଷଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ଦିଗରେ ଅନେକ କାର୍ଯ୍ୟ କରିଛନ୍ତି। ସଂପ୍ରତି ଶ୍ରୀ ମିଶ୍ର ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଅବସ୍ଥାପିତ। ସରକାରୀ ବୃତ୍ତି ସହ ସାମୟିକ ସମାଜ ସଚେତନତା ମୂଳକ ଲେଖାମାନ ଲେଖିବା ସହିତ ସମାଜ ସେବାରେ ଆଗ୍ରହ ରଖି ନିଜର ଦାୟିତ୍ୱକୁ ସୂଚାରୁରୂପେ ନିର୍ବାହ କରନ୍ତି। ରାଜ୍ୟରେ ଅଧିକରୁ ଅଧିକ ବୃକ୍ଷ ରୋପଣକୁ ଗୁରୁତ୍ୱ ଦେଉଥିବା ଶ୍ରୀ ମିଶ୍ରଙ୍କ ସହ 'ଏକମାତ୍ର'ର ଅନ୍ତରଙ୍ଗ ଆଳାପ।**

*ଉପସ୍ଥାପନା : ତାରକ ମହାନ୍ତି*

***ରାଜ୍ୟରେ ସହରାଞ୍ଚଳର ବିକାଶ ହେବା ପରେ ଜଙ୍ଗଲ ସମ୍ପଦର ଅବକ୍ଷୟ ବହୁଳଭାବେ ଘଟିଥିବା ଆପଣ ଅନୁଭବ କରନ୍ତି କି ?***

ସହରାଞ୍ଚଳର ଦ୍ରୁତ ବିକାଶ ହେବା ପରେ ପରେ ଜଙ୍ଗଲ ସମ୍ପଦର କ୍ରମ – ଅବକ୍ଷୟ ଅନୁଭୂତ ହୁଏ । ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ ଯଥା– ଘର ଦ୍ୱାର ନିର୍ମାଣ, ରାସ୍ତାଘାଟ, ବିଦ୍ୟୁତ୍ ଓ ଜଳ ଯୋଗାଣ, ଖଣି ଖାଦାନ ପାଇଁ ଜଙ୍ଗଲର ଏକାନ୍ତ ଆବଶ୍ୟକତା ପଡେ । ତେଣୁ ଜଙ୍ଗଲ ଉପରେ ନିର୍ଭର କରିବା ଅନିର୍ବାର୍ଯ୍ୟ ହୋଇପଡେ । ଶିକ୍ଷାର ଉନ୍ନତି, ଶିକ୍ଷିତଙ୍କ ସଂଖ୍ୟା ବୃଦ୍ଧି ସଙ୍ଗେ ସଙ୍ଗେ କାଗଜ, ବହିପତ୍ର, ପତ୍ରପତ୍ରିକା ପାଇଁ କାଗଜର ଏକାନ୍ତ ଆବଶ୍ୟକତା ସଙ୍ଗେ ସଙ୍ଗେ ଜଙ୍ଗଲ ଜାତ ପଦାର୍ଥର ଆବଶ୍ୟକତା ମଧ୍ୟ ବୃଦ୍ଧି ପାଇଛି ଏବଂ ତଦ୍ୱାରା ଜଙ୍ଗଲ ଦୃତ କ୍ଷୟର ସାମ୍ନା କରୁଛି । ଜଙ୍ଗଲ କ୍ଷୟକୁ ପ୍ରତିହତ କରାଇବା ପାଇଁ ସରକାରୀ ଏବଂ ବେସରକାରୀ ସ୍ତରରେ ବିଶେଷ କାର୍ଯ୍ୟକ୍ରମ କରାଯାଉଅଛି । ଅଧିକ ବୃକ୍ଷରୋପଣ ସହିତ ଲୋକମାନଙ୍କ ଜଙ୍ଗଲ ଉପରେ ନିର୍ଭରଶୀଳତା କମାଇବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ଧୂମବିହୀନ ଚୂଲାର ପ୍ରଚଳନ, ସୌର ଚୂଲୀର ବ୍ୟବହାର, ସାମାଜିକ ବନ ପ୍ରକଳ୍ପ ମାଧ୍ୟମରେ ଜାଳ ବୃକ୍ଷ ରୋପଣ, ଓଡିଶା ଜଙ୍ଗଲ ଆଇନ୍‌ରେ ଅପରାଧୀମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନେବା, ଓଡିଶା ଜଙ୍ଗଲ ଆଇନ୍‌ର ୫୬ ଧାରାରେ ଚୋରା ବନଜାତ ଦ୍ରବ୍ୟ ନେଉଥିବା ଗାଡି ମୋଟର୍‌ର ବାଜ୍ୟାପ୍ତି ପ୍ରଭୃତି ଅନ୍ତର୍ଭୁକ୍ତ । ଗ୍ରାମାଞ୍ଚଳରେ ରହୁଥିବା ଲୋକମାନଙ୍କ ଜୀବନ ଜୀବିକାରେ ଉନ୍ନତି ପାଇଁ କାର୍ଯ୍ୟକ୍ରମ ଦ୍ୱାରା ଜୀବିକାର ବିକଳ୍ପ ବ୍ୟବସ୍ଥା ସୃଷ୍ଟି କରିବା, ଅଧିକ ଆୟ ସୃଷ୍ଟି କରାଇବା, ଜଙ୍ଗଲରୁ ଉତ୍ପାଦିତ ଜଙ୍ଗଲ ଜାତ ସାମଗ୍ରୀର ମୂଲ୍ୟବୃଦ୍ଧି ପ୍ରକ୍ରିୟା ଦ୍ୱାରା ଲୋକମାନଙ୍କର ଆର୍ଥିକ ଉନ୍ନତି କରାଯାଉଅଛି । ତାଦ୍ୱାରା ଜଙ୍ଗଲ ଉପରୁ ସେମାନଙ୍କର ନିର୍ଭରଶୀଳତା କ୍ରମେ କ୍ରମେ କମି ଯିବାର ଲକ୍ଷ କରାଯାଉଅଛି । କେନ୍ଦ୍ର ସରକାରଙ୍କ ଦ୍ୱାରା ଗ୍ରାମାଞ୍ଚଳରେ ଉଜ୍ଜ୍ୱଳା ଯୋଜନା ଦ୍ୱାରା ରନ୍ଧନ ଗ୍ୟାସ୍ ବଣ୍ଟନ ମଧ ଲୋକମାନଙ୍କର ଜଙ୍ଗଲ ଉପରେ ନିର୍ଭରଶୀଳତା କିଛିକାଂଶରେ କମାଇବାରେ ସାହାଯ୍ୟ ପ୍ରଦାନ କରୁଛି ଏବଂ ସେମାନଙ୍କର ଚାପକୁ ହ୍ରାସ କରାଇବାରେ ସହାୟକ ହେଉଛି ।

***ପ୍ରାକୃତିକ ଜଙ୍ଗଲର ସୁରକ୍ଷା ନହେଲେ ମାନବ ସମାଜର ସ୍ଥିତି ଓ ଅବସ୍ଥିତି ପ୍ରତି ଏହା ଭବିଷ୍ୟତରେ ଚ୍ୟାଲେଞ୍ଜ ସୃଷ୍ଟି କରିବ ବୋଲି ଆପଣ ମନେକରନ୍ତି ?***

ଜଙ୍ଗଲ ସୁରକ୍ଷା ନହେଲେ ମାନବ ସମାଜର ସ୍ଥିତି ଓ ପ୍ରଗତି ଅସମ୍ଭବ । ଜଙ୍ଗଲର କ୍ଷୟ ଏବଂ ଧ୍ୱଂସ ପ୍ରକ୍ରିୟା ବାୟୁମଣ୍ଡଳର ତାପ ବୃଦ୍ଧି କରିବା ସହ ମେରୁ ଅଞ୍ଚଳରେ ବରଫ ତରଳିବା ସହିତ ସମୁଦ୍ରର ଜଳ ପତ୍ତନ ବୃଦ୍ଧି କରାଏ । ବର୍ଷା କ୍ରମଶଃ ହ୍ରାସ ହେତୁ ଏବଂ ମାଟିରେ ଜଳ ଧାରଣ କ୍ଷମତା କମିଯାଉଥିବାରୁ ଦିନକୁ ଦିନ ପାନୀୟ ଜଳର ଘୋର ଅଭାବ ଦେଖାଯାଉଛି । ଏହା କୁହାଯାଇଛି ଯେ, ଯଦି ଭବିଷ୍ୟତରେ କେବେ ତୃତୀୟ ବିଶ୍ୱ ଯୁଦ୍ଧ ସଂଗଠିତ ହୁଏ, ତେବେ ତାହା ଜଳ ପାଇଁ ହେବ । କାବେରୀ ନଦୀର ଜଳ ବଣ୍ଟନ ପାଇଁ ତାମିଲନାଡୁ ଏବଂ କର୍ଣ୍ଣାଟକ ରାଜ୍ୟ ମଧ୍ୟରେ ଚାଲିଥିବା ଶୀତଳ ଯୁଦ୍ଧ ହୋଇଆସୁଛି ଏବଂ ମହାନଦୀ ଜଳ ପାଇଁ ଓଡିଶା ଓ ଛତିଶଗଡ ରାଜ୍ୟ ମଧ୍ୟରେ ଯେଉଁ ସମସ୍ୟାର ସୂତ୍ରପାତ ହୋଇଛି, ତାହା ଏହାର ଏକ ଜ୍ୱଳନ୍ତ ଉଦାହରଣ । ସିନ୍ଧୁ ନଦୀର ଗତି ପଥକୁ ଭାରତ ଏବଂ ପାକିସ୍ତାନ ସୀମାରେ ବନ୍ଦ କରାଗଲେ ଜଳ ପାଇଁ ପାକିସ୍ତାନ ଏକ ମରୁଭୂମି ପାଲଟିଯିବ ଏବଂ ଏହାର ସତ୍ତା ଚିରଦିନ ପାଇଁ ଲୋପ ପାଇଯିବ ବୋଲି ବିଶେଷଜ୍ଞମାନେ ଅନୁମାନ କରୁଛନ୍ତି ।

***ତେବେ ଏଭଳି ସମସ୍ୟାରୁ ମୁକ୍ତି ପାଇବାର ସର୍ବୋତ୍ତମ ଉପାୟ କ'ଣ ?***

ବାୟୁମଣ୍ଡଳର ଉତ୍ତାପ ବୃଦ୍ଧିର ମୁଖ୍ୟ କାରଣ ହେଉଛି, ଅଧିକ ଅଙ୍ଗାରକାମ୍ଳଜାନର ସୃଷ୍ଟି । ଜଙ୍ଗଲର ଦ୍ରୁତ ଅବକ୍ଷୟ ଯୋଗୁଁ କଳକାରଖାନା, ଗାଡି ମଟର ପ୍ରଭୃତିରୁ ନିର୍ଗତ ଅଙ୍ଗାରକାମ୍ଳଜାନ ବାଷ୍ପ ବାୟୁମଣ୍ଡଳକୁ ଅଧିକ ଉତ୍ତପ୍ତ କରେ । ଜଙ୍ଗଲ ଅବକ୍ଷୟକୁ ରୋକାଯିବା ଦିଗରେ ରାଜ୍ୟ ସରକାର, ବିଭିନ୍ନ ବେସରକାରୀ ସଙ୍ଗଠନ ଏବଂ ବୁଦ୍ଧିଜୀବୀଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଜଙ୍ଗଲର ସୁରକ୍ଷା କରାଯାଉଅଛି । ବିଭିନ୍ନ ଜନ ସଚେତନତା କାର୍ଯ୍ୟକ୍ରମ ହେଉଛି ଏହାର ପ୍ରଥମ ଏବଂ ପ୍ରଧାନ ପଦକ୍ଷେପ ଏବଂ ଜଙ୍ଗଲ ସୁରକ୍ଷାର ପ୍ରଥମ ସୋପାନ । ଜଙ୍ଗଲକୁ ନିଆଁ ଏବଂ ଚୋରଙ୍କ ଦାଉରୁ ରକ୍ଷା କରିବା ଏବଂ ଜଙ୍ଗଲ ଧ୍ୱଂସ, ଜଙ୍ଗଲ ଜମିକୁ କବ୍‌ଜା କରିବା, ଜଙ୍ଗଲକୁ ସୁରକ୍ଷା ପ୍ରଦାନ କରୁଥିବା ଗ୍ରାମବାସୀଙ୍କୁ ଜଙ୍ଗଲରୁ ମିଳୁଥିବା ଜଙ୍ଗଲଜାତ ଦ୍ରବ୍ୟର ସୁଷମ ବଣ୍ଟନ ପାଇଁ ସରକାରଙ୍କ ଦ୍ୱାରା ଯୁଗ୍ମ ବନ ପରିଚାଳନା ମାଧ୍ୟମରେ ବିଭିନ୍ନ ବନ ସୁରକ୍ଷା ସମିତି ଗଠନ କରାଯାଇ ଜଙ୍ଗଲ ଓ ପରିବେଶର ସୁରକ୍ଷା କରାଯାଇପାରିଛି । ସୁରକ୍ଷା କରିଥିବା ଜଙ୍ଗଲର କ୍ଷୟପ୍ରାପ୍ତ ଅଞ୍ଚଳରେ ଗ୍ରାମବାସୀଙ୍କ ଆବଶ୍ୟକତା ଅନୁଯାୟୀ ନୂତନ ବୃକ୍ଷରୋପଣ କରାଯାଇ ସେମାନଙ୍କର ଆବଶ୍ୟକତା ମେଣ୍ଟାଯାଇ ପାରୁଛି । ଜଙ୍ଗଲ ବାହାରେ ଥିବା ସରକାରୀ ଜମିରେ ଏବଂ ଲୋକମାନଙ୍କର ତଳିଲା ଜମିରେ ମଧ ଜାଳ ପାଇଁ ବୃକ୍ଷ ରୋପଣ କରାଯାଇ ସେମାନଙ୍କର ଆବଶ୍ୟକତା ମେଣ୍ଟାଇବା ପାଇଁ ଚେଷ୍ଟା କରାଯାଉଛି । ଲୋକମାନଙ୍କଦ୍ୱାରା କାଠ, ବାଉଁଶ ପ୍ରଭୃତିର ଚୋରା ଚାଲାଣ ସମ୍ବନ୍ଧରେ ଜଙ୍ଗଲ ବିଭାଗକୁ ଖବର ଦେଇ ଧରା ପକାଇଦେଲେ, ଧରା ପଡୁଥିବା ଦ୍ରବ୍ୟ ମୂଲ୍ୟର କିଛି ଅଂଶ ସେମାନଙ୍କୁ ପୁରସ୍କାର ସ୍ୱରୂପ ପ୍ରଦାନ କରାଯିବାପାଇଁ ସରକାର ବନ୍ଦୋବସ୍ତ କରିଛନ୍ତି ।

***ଓଡ଼ିଶାରେ ଧିରେ ଧିରେ ଘଞ୍ଚ ବଣଜଙ୍ଗଲ କମି କମି ଯାଉଥିବା ବେଳେ ଏହାରି ଉପରେ ନିର୍ଭର କରି ବଞ୍ଚିଥିବା ଜନଜାତିଙ୍କ ଜୀବନଧାରଣ ବା ସେମାନଙ୍କ ଉତ୍‌ଥାନ ଦିଗରେ କେଉଁ ସବୁ ପଦକ୍ଷେପ ନିଆଯାଉଛି ?***

ଜଙ୍ଗଲ ଅବକ୍ଷୟକୁ ରୋକାଯିବା ପାଇଁ କାଠ, ବାଉଁଶର ବ୍ୟବହାରରେ କଟକଣା ଅତି କଡାକଡି ଭାବରେ ପାଳନ କରାଯିବା ନିତ୍ୟାନ୍ତ ଜରୁରୀ, କାଠ ବାଉଁଶ ବଦଳରେ ଲୁହା, ଆଲୁମିନିୟମ୍ ଏବଂ କାଚର ବ୍ୟବହାର ଦ୍ୱାରା ଏହା ସମ୍ଭବ ହୋଇପାରିବ । ମୁନ୍‌ସିପାଲଟି, ବିଜ୍ଞାପିତ ପରିଷଦ ଅଞ୍ଚଳ, ପଞ୍ଚାୟତ, ବିଦ୍ୟୁତ୍ ବିଭାଗ, ଜଳ ଯୋଗାଣ ବିଭାଗ ଦ୍ୱାରା ଘର ତିଆରି ଅନୁମତିକୁ ଅଧିକ କଟକଣାଯୁକ୍ତ କରିବା ଉଚିତ୍ । ସବୁ ଘର ଚାରିପଟେ ଦରକାରୀ କିଛି ବୃକ୍ଷରୋପଣ ଏବଂ ଘର ଛାତରେ ବର୍ଷାଜଳ ସଂରକ୍ଷଣ, ନିଜ ଘର ସମ୍ମୁଖରେ ଏବଂ ପାର୍ଶ୍ୱ ଅଞ୍ଚଳରେ ବର୍ଷା ଜଳ ସଂରକ୍ଷଣ ପ୍ରକ୍ରିୟା ବାଧ୍ୟତାମୂଳକ କରିବା ଦରକାର, ସପ୍ତାହରେ ଗୋଟିଏ ଦିନ ସବୁ ଅଞ୍ଚଳରେ ଗାଡିମଟର ଯାତାୟତରେ ପ୍ରତିବନ୍ଧକ ଲଗାଇବା ଉଚିତ୍ । ଟ୍ରେନ୍ ଯାତ୍ରା ଏବଂ ସାଇକେଲ୍‌ର ପ୍ରଚଳନକୁ ଅଧିକ ପ୍ରୋତ୍ସାହନ ଦିଆଯିବା ଉଚିତ୍ । ଜଙ୍ଗଲ ଆଇନକୁ ଅଧିକ କଡାକଡି କରାଯିବା ଉଚିତ୍ ।

***ଜନଜାତିଙ୍କ ଜୀବନଶୈଳୀରେ ଉନ୍ନତି ଆଣି ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାକୁ ଏଯାବତ୍ ରାଜ୍ୟ ସରକାର ଯେତିକି ପଦକ୍ଷେପ ନେଇଛନ୍ତି ତାହା ଯଥେଷ୍ଟ ନା ଆଉ କିଛି କାର୍ଯ୍ୟକ୍ରମ ଜରୁରୀ ?***

ଜଙ୍ଗଲ ଉପରେ ନିର୍ଭରଶୀଳ ହୋଇ ବଞ୍ଚିଥିବା ଜନଜାତିଙ୍କ ଜୀବନ ଜୀବିକାର ଉନ୍ନତି ପାଇଁ ସରକାରଙ୍କ ତରଫରୁ ବିଭିନ୍ନ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି । ସେଗୁଡିକ ମଧ୍ୟରୁ ଗୋଟିଏ ହେଉଛି ଜାପାନ ଆନ୍ତର୍ଜାତିକ ସହାୟତା ସଂସ୍ଥା (ଜାଇକା)ର ଆର୍ଥିକ ସହାୟତାରେ ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ (ଓ.ଏଫ୍.ଏସ୍.ଡି.ପି.) ରାଜ୍ୟର ୧୦ଟି ଜିଲ୍ଲା ଏବଂ ତନ୍ମଧ୍ୟରେ ଥିବା ୧୪ ଟି ଆଞ୍ଚଳିକ ଏବଂ ବନ୍ୟପ୍ରାଣୀ ବନଖଣ୍ଡରେ ବିଭିନ୍ନ କାର୍ଯ୍ୟକ୍ରମମାନ ୨୦୦୬-୦୭ରୁ ୨୦୧୪-୧୫ ପର୍ଯ୍ୟନ୍ତ କରାଯାଇଛି । ସେହି କାର୍ଯ୍ୟକ୍ରମଗୁଡିକ ହେଲା ଉଜୁଡା ଜଙ୍ଗଲର ପୁନଃରୁଦ୍ଧାର, ନୂତନ ଜଙ୍ଗଲ ସୃଷ୍ଟି, ନୂତନ ଶାଗୁଆନ୍ ଜଙ୍ଗଲ ସୃଷ୍ଟି, ସମୁଦ୍ରକୁଳିଆ ହେନ୍ତାଳ ବୃକ୍ଷ ବନୀକରଣ, ନୂତନ ଝାଉଁ ଜଙ୍ଗଲ ସୃଷ୍ଟି, ବିଭିନ୍ନ ପରିବେଶ ପର୍ଯ୍ୟଟନ କ୍ଷେତ୍ରର ସମୃଦ୍ଧିକରଣ ଏବଂ ସେଥିରେ ସ୍ଥାନୀୟ ଲୋକଙ୍କ କର୍ମସଂସ୍ଥାନ, ଗାଁ ମୁଣ୍ଡ ମାନଙ୍କରେ ଥିବା ପବିତ୍ର ସ୍ଥଳ ବନମାନଙ୍କର ସମୃଦ୍ଧିକରଣ, ଜୀବନ ଜୀବିକାର ଉନ୍ନତି ଆଣିବା କାର୍ଯ୍ୟକ୍ରମରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କର ସ୍ଥାପନ ଏବଂ ସେମାନଙ୍କର ସୁଦୃଢୀକରଣ, ଲଘୁ ବନଜାତ ଦ୍ରବ୍ୟ, ସେମାନଙ୍କର ମୁଲ୍ୟବୃଦ୍ଧି କରାଇ ଜନଜାତି ମାନଙ୍କର ରୋଜଗାର ବୃଦ୍ଧିରେ ସାହାଯ୍ୟ କରାଇବା, ସେମାନଙ୍କୁ ସେଥିପାଇଁ ବିଭିନ୍ନ ତାଲିମ୍ ପ୍ରଦାନ କରାଇବା, ବିଭିନ୍ନ ବନ ସୁରକ୍ଷା ସମିତିକୁ ଆର୍ଥିକ ସହାୟତା ପ୍ରଦାନ ଦ୍ୱାରା ସେମାନେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ପ୍ରଦାନ କରିବା, ବିଭିନ୍ନ ଲଘୁଜାତ ଦ୍ରବ୍ୟ ଗୋଦାମ ଘର ପ୍ରତିଷ୍ଠା, ଗାଁ ଗହଳିରେ ସ୍ୱାସ୍ଥ୍ୟ ଶିବିର ଓ ଚକ୍ଷୁ ଶିବିର ଆୟୋଜନ କରାଇବା, ପଶୁ ସ୍ୱାସ୍ଥ୍ୟ ଶିବିର ଦ୍ୱାରା ପଶୁ ପକ୍ଷୀ ମାନଙ୍କର ସ୍ୱାସ୍ଥ୍ୟର ଉନ୍ନତି ଆଣିବା, ଧୂମ୍ର ବିହୀନ ଚୂଲା ବଣ୍ଟନ, ଔଷଧ ଯୁକ୍ତ ମଶାରୀ ବଣ୍ଟନ ଦ୍ୱାରା ଗ୍ରାମବାସୀମାନଙ୍କର ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ଏବଂ ସେମାନଙ୍କୁ କର୍ମଠ କରିବା, ସ୍କୁଲ୍‌କୁ ଯାଉନଥିବା ଛୋଟ ଛୋଟ ପିଲାମାନଙ୍କୁ ସ୍କୁଲ୍ ଯିବା ପାଇଁ ଆଗ୍ରହ ସୃଷ୍ଟି କରିବା ଏବଂ ସେଥିରେ ଗ୍ରାମବାସୀମାନଙ୍କ ମଧ୍ୟରୁ ସାମୟିକ ଶିକ୍ଷକ ନିଯୁକ୍ତି କରିବା, ରକ୍ତ ପରୀକ୍ଷା ଦ୍ୱାରା ମେଲେରିଆ ରୋଗର ଚିହ୍ନଟ କରାଇବା, ଦୁର୍ଗମ ଅଞ୍ଚଳରେ ରାସ୍ତାଘାଟ ତିଆରି କରି ଗମନା ଗମନର ଉନ୍ନତି କରାଇବା, ଜଙ୍ଗଲ ବୃଦ୍ଧିର ବିଭିନ୍ନ କାର୍ଯ୍ୟକ୍ରମ କରାଇ ଜଙ୍ଗଲର ଉନ୍ନତି କରିବା, ପଶୁପକ୍ଷୀମାନଙ୍କ ପାଇଁ ଜଳାଶୟ ଖୋଳାଇବା, ବନ୍ୟପ୍ରାଣୀଙ୍କ ସୁରକ୍ଷାପାଇଁ ସୌର ଶକ୍ତି ସମ୍ପର୍ଣ୍ଣ ତାରବାଡ ତିଆରି କରିବା, ଲୋକମାନଙ୍କୁ ସ୍ୱାବଲମ୍ବୀ କରାଇବା ପାଇଁ ବିଭିନ୍ନ ତାଲିମ୍ ପ୍ରଦାନ କରିବା, ନଳକୂପ ଓ ଗାଧୁଆଘର, ଚାଷ ପାଇଁ ଜିଜେଲ୍ ପମ୍ପ ଯୋଗାଣ ପ୍ରଭୃତି ବିଭିନ୍ନ ସାହାଯ୍ୟ ପ୍ରବେଶ ବିନ୍ଦୁ କାର୍ଯ୍ୟକ୍ରମ ଜରିଆରେ କରାଯାଇଛି । ଏହାଛଡା ସରକାରଙ୍କ ବନ ବିଭାଗ, ଆଦିବାସୀ କଲ୍ୟାଣ ବିଭାଗ, ଉଦ୍ୟାନ କୃଷି ବିଭାଗ, ପଞ୍ଚାୟତ ରାଜ ବିଭାଗ ଏବଂ ଅନ୍ୟାନ୍ୟ ସ୍ୱତନ୍ତ୍ର ବିଭାଗ ମାଧ୍ୟମରେ ପ୍ରତ୍ୟେକ ବର୍ଷ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟକ୍ରମ କରାଯାଇ ଆଦିବାସୀ ମାନଙ୍କର ଜୀବନ ଜୀବିକା ଏବଂ ଜୀବନ ଶୈଳୀରେ ବିସ୍ତୃତ ପରିବର୍ତ୍ତନ ଅଣାଯାଇପାରିଛି, ମାତ୍ର ତାହା ଯଥେଷ୍ଟ ନୁହେଁ । ଏହା ନିରନ୍ତର ଚାଲିବା ସହିତ, ଜନସାଧାରଣ, ବେସରକାରୀ ସଂସ୍ଥା ଏବଂ ବୁଦ୍ଧିଜୀବୀମାନଙ୍କ ସୁଚିନ୍ତିତ ପରାମର୍ଶରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇ ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ୍ କରିବା ଏକାନ୍ତ ଆବଶ୍ୟକ ।

***ବୃକ୍ଷହାନୀ ଯୋଗୁ ଜଳବାୟୁ ପରିବର୍ତ୍ତନର କୁପ୍ରଭାବ ସମାଜ ଉପରେ ସିଧାସଳଖ ପଡୁଥିଲେ ବି ଜଙ୍ଗଲ ସମ୍ପଦର ସୁରକ୍ଷା ଦିଗରେ ଆପଣଙ୍କ ବିଭାଗ ତରଫରୁ ସେତିକି ସଚେତନତା ସୃଷ୍ଟି ହେଉଛି ବୋଲି ଆପଣ ସ୍ପଷ୍ଟ କରିପାରିବେ କି ?***

ମାତ୍ର ସବୁଠାରୁ ପ୍ରଧାନ ବିଷୟ ହେଲା, ଜଙ୍ଗଲ ସମ୍ପତ୍ତିର ସୁରକ୍ଷା ପାଇଁ ସମସ୍ତଙ୍କର ସାହାଯ୍ୟ ସହଯୋଗ ଓ ସୁଚିନ୍ତିତ ଉପଦେଶ ଜରୁରୀ ଅଟେ । ସ୍କୁଲ୍ କଲେଜ୍ ଛାତ୍ର ଛାତ୍ରୀମାନଙ୍କ ପାଇଁ, ଗ୍ରାମବାସୀ, ବିଶେଷକରି ମହିଳାମାନଙ୍କ ପାଇଁ ସବୁ ସ୍ତରରେ ଜନ ସଚେତନତା କାର୍ଯ୍ୟକ୍ରମ କରାଗଲେ ଯାଇ ଜଙ୍ଗଲ ସମ୍ପଦର ସୁରକ୍ଷା ହୋଇପାରିବ ।

ସରକାରଙ୍କ ତରଫରୁ ପ୍ରତିବର୍ଷ ବିଭିନ୍ନ ସପ୍ତାହ, ଦିବସ ଯଥା, ବନ ମହୋତ୍ସବ ସପ୍ତାହ (ଜୁଲାଇ ମାସର ପ୍ରଥମ ସପ୍ତାହ), ବନ୍ୟପ୍ରାଣୀ ସପ୍ତାହ (ଅକ୍ଟୋବର ମାସର ପ୍ରଥମ ସପ୍ତାହ), ବିଶ୍ୱ ବନ ଦିବସ (ମାର୍ଚ୍ଚ ୨୧ ତାରିଖ), ବିଶ୍ୱ ପରିବେଶ ଦିବସ (ଜୁନ୍ ୫ ତାରିଖ) ଏବଂ ଅନ୍ୟାନ୍ୟ ଦିବସ ପାଳନ କରାଇ ଜନସାଧାରଣଙ୍କ ଉପରେ ପରିବେଶ ସୁରକ୍ଷା ସଚେତନତାର ବାର୍ତ୍ତା ପହଞ୍ଚାଇବା ଚେଷ୍ଟା କରାଯାଉଅଛି ।

***ପରିବେଶର ସୁରକ୍ଷା ଦିଗରେ ସାଧାରଣ ଲୋକ ଓ ବିଭାଗୀୟ ପ୍ରଶାସନିକ ଅଧିକାରୀମାନେ ସମନ୍ୱୟ ରଖି କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ଅନୁଭବ କରନ୍ତି ?***

ପରିବେଶର ସୁରକ୍ଷା ପାଇଁ ସରକାରଙ୍କ ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀ ଏବଂ କର୍ମକର୍ତ୍ତା ଜଙ୍ଗଲ ବିଭାଗକୁ ଆକୁଣ୍ଠ ସାହାର୍ଯ୍ୟ ସହଯୋଗ କଲେ ଯାଇ ଆମର ଏ ମହତ୍ ଉଦ୍ଦେଶ୍ୟ ସଫଳ ହୋଇପାରିବ ।

ଜଙ୍ଗଲର ଦ୍ରୁତ କ୍ଷୟ, ପରିବେଶ ଉପରେ ତାହାର ନକାରାତ୍ମକ ପ୍ରଭାବ ବିସ୍ତାର କରିଚାଲିଛି ଏବଂ ଏହାର ମୂଖ୍ୟ ପ୍ରଭାବ ବାୟୁ ପ୍ରଦୂଷଣ ଉପରେ ପଡିଛି । ମଣିଷର ଫୁସ୍‌ଫୁସ୍ ଯେପରି ଦେହ ଭିତରେ ଦୂଷିତ ବାୟୁକୁ ପରିଷ୍କାର କରେ, ସେପରି ଜଙ୍ଗଲ ପରିବେଶର ବାୟୁ ପ୍ରଦୂଷଣକୁ ଛାଣି ବାୟୁ ମଣ୍ଡଳକୁ ପରିସ୍କାର କରେ ।

***ସାର ! ଖରାପ ଭାବିବେନି, ଆପଣ ଏହି ବିଭାଗରେ ଦୀର୍ଘବର୍ଷ ହେବ କାର୍ଯ୍ୟ କରୁଥିଲେ ବି ନିଜର ବୃତ୍ତିକୁ ନେଇ କେତେମାତ୍ରାରେ ଆତ୍ମସନ୍ତୋଷ ପାଛନ୍ତି ?***

ମୁଁ ରାଜ୍ୟ ଜଙ୍ଗଲ ବିଭାଗରେ ଦୀର୍ଘ ୩୬ ବର୍ଷ ହେଲା ବିଭିନ୍ନ ପଦପଦବୀରେ ସେବା କରିଛି ଏବଂ ନିଜର ବୃତ୍ତିରେ ପୂର୍ଣ୍ଣ ଆତ୍ମସନ୍ତୋଷ ପାଇଅଛି । ବିଭିନ୍ନ ଜଙ୍ଗଲ ଅଞ୍ଚଳକୁ କର୍ମକ୍ଷେତ୍ରରେ କାର୍ଯ୍ୟ ନିରୀକ୍ଷଣ କରିବାକୁ ଗଲାବେଳେ ସବୁ କର୍ମ କ୍ଳାନ୍ତି ମୁଁ ଭୁଲି ଯାଏ । ମୋତେ ଜଣାପଡେ ଯେପରି ମୁଁ କୌଣସି ପ୍ରାକୃତିକ ପରିବେଶର ଉପଭୋଗ କରିବା ପାଇଁ ଆସିଛି । ଗଛଲତା, ଜୀବଜନ୍ତୁଙ୍କ ଗହଣରେ ନୀରିହ ଜନଜାତିଙ୍କ ସହ ସମୟ କଟାଇ କାର୍ଯ୍ୟକ୍ଷେତ୍ରରୁ ନିକଟରେ ମୁଁ ଅବସର ନେବି ।

***ଜଙ୍ଗଲ, ପରିବେଶ ଓ ପ୍ରଦୂଷଣ ସମ୍ପର୍କୀୟ କିଛି ସଚେତନତା ବାର୍ତ୍ତା ଓଡ଼ିଶାର ଜନସାଧାରଣଙ୍କୁ ଦେବାକୁ ଚାହିଁବେ ?***

ରାଜ୍ୟର ସମସ୍ତ ସଚେତନ ନାଗରିକଙ୍କୁ ମୋର ବାର୍ତ୍ତା ହେଉଛି, ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ସଂରକ୍ଷଣ ପାଇଁ ସମସ୍ତେ ସଚେତନ ହୁଅନ୍ତୁ ଏବଂ ଚେଷ୍ଟା କରନ୍ତୁ । ପରିବେଶର ସଂରକ୍ଷଣ ଏବଂ ଉନ୍ନତି ଆମ ସମସ୍ତଙ୍କର ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ ହେଉ । ଭାରତର ସମ୍ବିଧାନ ମଧ୍ୟ ଏହି କର୍ତ୍ତବ୍ୟ ଆମକୁ ପ୍ରଦାନ କରିଛି । ପରିବେଶର ସଂରକ୍ଷଣ ହେଲେ ଯାଇ ସମସ୍ତ ପ୍ରକାର ପ୍ରଦୂଷଣକୁ ଦୂର କରାଯାଇ ପାରିବ ।

ସବୁବେଳେ ଏହି କଥା ଆମ ସମସ୍ତଙ୍କର ମନ ଭିତରେ ରହିବା ଆବଶ୍ୟକ – ରାଜ୍ୟ ତଥା ଦେଶ ପାଇଁ ମୁଁ କ'ଣ କରିଛି, ମାଟି ମା' ପାଇଁ ମୁଁ କ'ଣ ସାହାଯ୍ୟ କରୁଛି, ତାର ଉନ୍ନତିରେ ମୋର କ'ଣ ଅବଦାନ ରହିଛି – କେବେ ଚିନ୍ତା କରିବା ଉଚିତ ନୁହେଁ, ଦେଶ ମୋ ପାଇଁ କ'ଣ କରିଛି ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର




# ବିକାଶ ହେଉ, ଆକ୍ରୋଶ ରାଜନୀତି ନହେଉ

**ଗୋ**ଟିଏ ଗଣତାନ୍ତ୍ରିକ ରାଷ୍ଟ୍ରରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସମନ୍ୱୟ ନ ରହିଲେ ସର୍ବଦା ବିକାଶମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥାଏ। ତେଣୁ ଶାସନ ବ୍ୟବସ୍ଥା ଭିତରେ ରହି ସାଧାରଣ ଲୋକଙ୍କ ହିତ ଦୃଷ୍ଟିରୁ କାର୍ଯ୍ୟକ୍ରମମାନ ଗ୍ରହଣ କରିବା ରାଜନୀତି ପାଇଁ ବିଚକ୍ଷଣତା ଓ ପାରଦର୍ଶିତାକୁ ଦର୍ଶାଏ। ଏଥିରୁ ନିବୃତ୍ତ ରହି ଦଳ କିମ୍ବା ବ୍ୟକ୍ତି ପରାକାଷ୍ଠା ଦେଖାଇବା ଯେତିକି ଆନନ୍ଦଦାୟକ, ସେତିକି ବିପଦପୂର୍ଣ୍ଣ। ସବୁବେଳେ ପରିପକ୍ୱ ରାଜନେତାମାନେ ବିବୃତ୍ତି ଦେବା ବା ନିଷ୍ପତ୍ତି ନେବା ଆଗରୁ ଏହାକୁ ବାରମ୍ବାର ତର୍ଜମା କରନ୍ତି। ରାଜନୀତି କରିବା ଓ ଶାସନରେ ଥାଇ ଲୋକଙ୍କୁ ସୁଶାସନ ଦେବା ସମ୍ପୂର୍ଣ୍ଣ ଭିନ୍ନକଥା। ଲୋକେ ସର୍ବଦା ସେମାନଙ୍କ ସାଧାରଣ ସ୍ୱାର୍ଥରକ୍ଷା ସହ ସରକାରୀ ଯୋଜନାର ସୁଫଳକୁ ଶ୍ରେୟ ଦିଅନ୍ତି। ଏଭଳି ସ୍ଥିତିରେ ରାଜ୍ୟ-ରାଜ୍ୟ ଓ କେନ୍ଦ୍ର-ରାଜ୍ୟ ମଧ୍ୟରେ ଭାବଗତ ସମ୍ପର୍କରେ ବିରୋଧାଭାଷ ରହିଥିଲେ ମଧ୍ୟ ରାଜ୍ୟସ୍ୱାର୍ଥକୁ ଦୃଷ୍ଟିରେ ରଖି ଦୃଷ୍ଟାନ୍ତମୂଳକ କାର୍ଯ୍ୟପନ୍ଥା ଆପଣେଇବାର ଆବଶ୍ୟକତା ରହିଛି। ନଚେତ୍ ଅହଂକାରବଶତଃ ମୁଁ'ତ୍ୱ ଜାହିର କରି ଲୋକଙ୍କ ସୁବିଧା ସୁଯୋଗରୁ ସେମାନଙ୍କୁ ବଞ୍ଚିତ କରିବା ଆଦୌ ସ୍ପୃହଣୀୟ ନୁହେଁ। ସାଧାରଣଲୋକ ସବୁବେଳେ ରାଜନୀତି ଅପେକ୍ଷା ନିଜ ସ୍ୱାର୍ଥକୁ ଅଧିକ ଗୁରୁତ୍ୱ ଦେଉଥିଲା ବେଳେ ସେମାନଙ୍କ ଭାବନାକୁ ଆଘାତ ପହଞ୍ଚାଇଲେ ପରିଣାମ ବିଷମୟ ହୋଇଥାଏ। ପରବର୍ତ୍ତୀ ସମୟରେ ଏହି ପ୍ରତିକ୍ରିୟାରୁ ବିଷ କି ଅମୃତ ମିଳିବ ସେଥିନେଇ ପୁନଃପୁନଃ ସମୀକ୍ଷା କରିବାର ଆବଶ୍ୟକତାକୁ ଗୁରୁତ୍ୱ ନ ଦେଲେ ଫଳାଫଳରେ ନକରାତ୍ମକ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଥାଏ।

ନିର୍ବାଚନରେ ଜନାଦେଶକୁ ସହଜରେ ଗ୍ରହଣ କରିବା ହେଉଛି ଦେଶରେ ଗଣତନ୍ତ୍ରର ମୂଳମନ୍ତ୍ର। ତେଣୁ ମୂଳଲକ୍ଷ୍ୟ ଓ ଉଦ୍ଦେଶ୍ୟଠାରୁ ଦୂରେଇ ଗଲେ ସଫଳତା ଅପେକ୍ଷା ବିଫଳତା ଅଧିକ ମିଳିଥାଏ ବୋଲି ଜଣାଯାଏ। ରାଜନୈତିକ ଦଳଗୁଡ଼ିକ ମଧ୍ୟ ଆଦର୍ଶଗତ ପାର୍ଥକ୍ୟ ସତ୍ତ୍ୱେ ଲୋକଙ୍କ ସୁବିଧାକୁ ଗୁରୁତ୍ୱଦେବା ଉଚିତ୍। ସାଧାରଣଲୋକଙ୍କ ମତକୁ ଉପେକ୍ଷା କରି ଜନାଦେଶର ସ୍ୱାଧୀନତା ଉପରେ ଅଙ୍କୁଶ ଲଗାଇବା ଆଦୌ ଠିକ୍ ନୁହେଁ। ସାମ୍ପ୍ରତିକ ରାଜନୀତିରେ ଏଭଳି କିଛି ଘଟଣା ପରିଲକ୍ଷିତ ହେଉଛି। ନିକଟରେ ଓଡ଼ିଶାରେ ସରିଥିବା ପଞ୍ଚାୟତ ନିର୍ବାଚନ ପରେ ଏଭଳି କିଛି ଘଟଣା ଘଟିଥିବା ଜଣାପଡ଼ିଛି। ଏବେ ଆରୋପ-ପ୍ରତ୍ୟାରୋପ ମଧ୍ୟରେ ବିଜେଡି-ବିଜେପି କଳି ଲାଗୁଛନ୍ତି। କେନ୍ଦ୍ର ଯୋଜନାରେ ରାଜ୍ୟ ପାଇଁ ବରାଦ କରାଯାଉଥିବା ଅର୍ଥକୁ ସୁପରିଚାଳନା କରିବା ହେଉଛି ରାଜ୍ୟ ସରକାରଙ୍କ ଧର୍ମ। ଯେତେବେଳେ ସରକାର ନିଜ ଧର୍ମପଥରୁ ବିଚ୍ୟୁତ ହୋଇ କେବଳ ଦଳ ଚିନ୍ତାରେ ରହିବେ, ସେତେବେଳେ ସାଧାରଣ ଲୋକେ ଅତ୍ୟାଚାରର ଶିକାର ହେଉଥିବା ଅନୁଭବ କରନ୍ତି। ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରେ ଚଳାଉଥିବା ଯୋଜନା ଉପରେ ରାଜ୍ୟବାସୀଙ୍କ ଯେମିତି ନଜର ରହିଛି, ସେହିଭଳି କେନ୍ଦ୍ରୀୟ ଅନୁଦାନ କେତେ ଆସୁଛି ତାହା ଉପରେ ମଧ୍ୟ ଭାବନା କେନ୍ଦ୍ରୀଭୂତ ହେଉଛି। ପୂର୍ବାପେକ୍ଷା ରାଜ୍ୟରେ ଶିକ୍ଷିତଙ୍କ ସଂଖ୍ୟା ବଢ଼ିଛି। ଭଲମନ୍ଦର ବିଚାର କରିପାରୁଥିବା ଓ ବୁଦ୍ଧିଜୀବୀମାନେ ନିଜର ସ୍ୱଷ୍ଟମତ ଉତ୍ଥାପନ କରିବାରେ ଆଉ କୁଣ୍ଠା ପ୍ରକାଶ କରୁନାହାନ୍ତି। ରାଜ୍ୟରେ ମହିଳାମାନଙ୍କ ଶିକ୍ଷାହାର ବଢ଼ିବା ପରେ ସମାଜକଲ୍ୟାଣ କ୍ଷେତ୍ରରେ ମହିଳାମାନେ ପୂର୍ବାପେକ୍ଷା ବେଶି ଆଗଭର। ଏ କ୍ଷେତ୍ରରେ ପୁରୁଷଙ୍କ ସହ ସମତାଳରେ ମହିଳାମାନେ ମଧ୍ୟ ଆଗଧାଡ଼ିରେ ଉଭା ହେଉଛନ୍ତି। ଏଭଳି ସ୍ଥିତିରେ ରାଜନୀତି ନାଁରେ ଲୋକଙ୍କୁ ଭୂଆଁ ବୁଲାଇବା ଆଉ ସମ୍ଭବ ନୁହେଁ।

ଆଇଓସିଏଲ୍‌କୁ ନେଇ ଏବେ ନୂଆ ବିବାଦ ସଙ୍ଗୀନ ଦିଗରେ ଗତି କରୁଛି। ତେଣୁ କେନ୍ଦ୍ର-ରାଜ୍ୟ ଲଢ଼େଇ ରାଜ୍ୟ ଲୋକଙ୍କ ସ୍ୱାର୍ଥକୁ ସୁରକ୍ଷା ଦେବ କେମିତି ! ବରଂ ଆପୋଷ ଆଲୋଚନା, ବିଚାର ବିମର୍ଷ ମାଧ୍ୟମରେ ବହୁ ଜନହୀତକାରୀ କାର୍ଯ୍ୟ କରାଯାଇପାରେ। ମହାନଦୀ ହେଉ କି ନଗଡ଼ା ସବୁଠି ରାଜ୍ୟ ଓ କେନ୍ଦ୍ରର ସହଭାଗିତା ଜରୁରୀ। ରେଳପଥ ହେଉ କି ସ୍ୱାସ୍ଥ୍ୟସେବା, କେନ୍ଦ୍ର ରାଜ୍ୟକୁ ତା'ର ପ୍ରାପ୍ୟ ନଦେଲେ ଗୋଟିଏ ରାଜ୍ୟର ପ୍ରଗତି ଅସମ୍ଭବ। ରାଜ୍ୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି କେନ୍ଦ୍ର ନିଜର ଯୋଜନାରେ ଏହାକୁ ରୂପାୟିତ କରିବାର ଆବଶ୍ୟକତା ରହିଛି। ରାଜ୍ୟ ମଧ୍ୟ କେନ୍ଦ୍ର ଦେଉଥିବା ଅର୍ଥକୁ ସୁବିନିଯୋଗ କରିବା ଦରକାର। ଦେଶରେ ଶିକ୍ଷା, ସଂସ୍କୃତି ଓ ପରମ୍ପରାର ବିକାଶ ଦିଗରେ ମଧ୍ୟ କେନ୍ଦ୍ର-ରାଜ୍ୟ ଉଭୟ ପରିପୂରକ। ତେଣୁ ଆଲୋଚନା ହେଉ, ଏଥିରୁ ଯେଉଁ ଉତ୍କର୍ଷ ବାହାରିବ ସେଥିରେ ଲୋକଙ୍କ ହିତସାଧନ କରାଯାଉ। ତେଣୁ ବିକାଶ ହେଉ, କିନ୍ତୁ ଆକ୍ରୋଶ ରାଜନୀତି ନହେଉ।

# ସମାଧାନର ଅଂଶବିଶେଷ ହୁଅ, ସମସ୍ୟାର ନୁହେଁ



ଗାୟତ୍ରୀ ଦାଶ

ମନୁଷ୍ୟ ବ୍ୟକ୍ତିଗତ ଜୀବନରେ ସୁଖଶାନ୍ତିରେ ସମୟ ଅତିବାହିତ କରିବା ପାଇଁ ଅଥବା ସାମାଜିକ ସ୍ତରରେ ପ୍ରତିଷ୍ଠା ଲାଭ କରିବା ପାଇଁ ନିରନ୍ତର ଅଭିଳାଷ ପୋଷଣ କରିଥାଏ। କିନ୍ତୁ ଜୀବନର ଚକ ବେଳେବେଳେ ଆଶା ଅନୁରୂପ ଗଡେନାହିଁ। ଏହା ଈଶ୍ୱରଙ୍କ ଇଚ୍ଛା ବା ଭାଗ୍ୟର ଫଳ କହି ଛାଡିଦେବା ବ୍ୟତୀତ ଆମେ କିନ୍ତୁ କେବେ ଅନୁଶୀଳନ କରୁନାହିଁ ଯେ ଅସୁବିଧାର କାରଣ ରହିଲା କେଉଁଠି ? ବାସ୍ତବରେ ପ୍ରତି କ୍ଷେତ୍ରରେ ସବୁକିଛି ଭଲ ପାଇବା ପାଇଁ ଆମେ ଇଚ୍ଛା ରଖୁଛୁ, କ'ଣ କଲେ ଠିକ୍ ହେବ, କ'ଣ ନ କରିବା ଉଚିତ୍ ଆମେ ଜାଣିଛୁ; କହୁଛୁ। ମାତ୍ର ଲକ୍ଷ୍ୟ କଲେ ଜାଣିବା ଯେ ଦୃଢ଼ ଇଚ୍ଛାଶକ୍ତି ନଥିବାରୁ ଅନେକ ସମୟରେ ଆମର ଚିନ୍ତାଧାରା ଓ କାର୍ଯ୍ୟଶୈଳୀରେ ଠିକ୍ ବିପରୀତ ଭାବରେ ରୂପାନ୍ତରିତ ହେଉଛି। ବାଟ ଛାଡି ଆମେ ପଶିଯାଉଛୁ ଅବାଟରେ। ଜାତିର ପିତା ମହାତ୍ମା ଗାନ୍ଧୀ କହିଥିଲେ- ମଣିଷ ସୁଖୀ ହୁଏ ସେତେବେଳେ- ଯେବେ ତା'ର ଭାବନା, କଥା ତଥା କାର୍ଯ୍ୟରେ ସମାନତା ଥାଏ / କିନ୍ତୁ ବାସ୍ତବରେ ହେଉଛି କ'ଣ ?

ଧୂମ୍ରପାନ, ମଦ୍ୟପାନ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟ ସେବନ ଶରୀର ପାଇଁ ବହୁତ କ୍ଷତିକାରକ, ଆମେ ଜାଣିଛୁ। ନିଶାର ବଶବର୍ତ୍ତୀ ହେଲେ କିଭଳି ବହୁବିଧ ସମସ୍ୟା ସୃଷ୍ଟି ହୁଏ, ସେ ସବୁ ଘଟଣା ଦୁର୍ଘଟଣା ଆମେ ଏଠିସେଠି ସ୍ୱଚକ୍ଷୁରେ ମଧ୍ୟ ଦେଖୁଛୁ। ବର୍ଷ ବର୍ଷ ଧରି ସିନେମା, ଟି.ଭି ଓ ରେଡିଓରେ ନିଶାଶକ୍ତିର ହାନିକାରକ ପ୍ରଭାବ ସମ୍ବନ୍ଧରେ ପ୍ରଚାର ଶୁଣୁଛୁ ଓ ଦେଖୁଛୁ। ଅଥଚ ସବୁ ଜାଣିବା ସତ୍ତ୍ୱେ ସେ ସବୁ ଖାଇବାର ଇଚ୍ଛା ଆସୁଛି କେମିତି ? ସେଥିରେ କ୍ଷୁଧାର୍ତ୍ତର ପେଟ ତ କେବେ ପୁରେନି। ତେଣୁ ଇଚ୍ଛା ମଧ୍ୟ ଯଦି ମନରେ କେବେ ଆସିଲା ଦୃଢ଼ ମନୋବଳ ପ୍ରୟୋଗ କରି ଆମେ ନିଜକୁ ରୋକିପାରିବା ନି ? ନିଶ୍ଚିତ ପାରିବା। ଅଧିକ ବେଗରେ ଗାଡି ଚଲାଇଲେ ବା ରାସ୍ତାର ନିୟମ ନ ମାନିଲେ ଦୁର୍ଘଟଣା ଘଟିବା ନିଶ୍ଚିତ, ଆମେ ଭଲ ଭାବେ ଜାଣିଛୁ। ଚିହ୍ନା ପରିଚୟରେ କେହି ରାସ୍ତା ଦୁର୍ଘଟଣାର ସମ୍ମୁଖୀନ ହେଲେ ସେ ନିଜେ ତଥା ତାଙ୍କର ପରିବାର କିଭଳି ଦୁର୍ଦ୍ଦିନର ସାମ୍ନା କରନ୍ତି ଆମେ ନିଜ ଆଖିରେ ଦେଖୁ, ଦୁଃଖି ହେଉ। ଘଟଣାର କାରଣ / ନିରାକରଣ, ପୂର୍ବାପର ଅବସ୍ଥା ସବୁକିଛିର ଗଭୀର ବିଶ୍ଳେଷଣ କରୁ। କେଉଁଠି ଭୁଲ୍ ରହିଲା, କ'ଣ କଲେ ଠିକ୍ ହୋଇଥାନ୍ତା ବିସ୍ତୃତ ଆଲୋଚନା କରୁ। ଅଥଚ ନିଜେ ଯେତେବେଳେ ଗାଡି ଧରି ରାସ୍ତାକୁ ଓହ୍ଲାଉ ସେତେବେଳେ ନା ସତର୍କ ରହୁ ନା ଚିତ୍ତ ସ୍ଥିର ରଖୁ। ରାସ୍ତା ଖରାପ ଥିଲେ ଅଭିଯୋଗ ହିଁ ଅଭିଯୋଗ। କିନ୍ତୁ ରାସ୍ତା ବଢ଼ିଆ ଥିଲେ ଆଗପଛ ନ ଦେଖି ଦ୍ରୁତ ଗତିରେ ଗାଡି ଚଲାଉ। ଯାହାଫଳରେ କେବେ ନା କେବେ ଦୁର୍ଘଟଣା ଘଟେ ଓ ଭୁଲ୍ କରିଥିବା / ନ କରିଥିବା ଉଭୟ ପକ୍ଷ ଦୁର୍ଦ୍ଦଶା ଭୋଗନ୍ତି। ପ୍ରକୃତରେ ଆମର ଚିନ୍ତାଧାରା ଓ ଜୀବନଶୈଳୀ ଯଦି ଶୃଙ୍ଖଳିତ ରହେ, ଉଭୟ ମଧ୍ୟରେ ସୁନ୍ଦର ସମନ୍ୱୟ ରକ୍ଷା କରାଯାଏ, ତେବେ ସମସ୍ୟା କମ୍ ସୃଷ୍ଟି ହୁଏ। ପରିବାର ଆଶାନୁରୂପ ଭାବେ ଆଗେଇ ଚାଲେ, ପରିବାରରେ ସ୍ଥିରତା ରହିଲେ ସମାଜ ଆପେ ଆପେ ସୁଦୃଢ଼ ହୁଏ।

ମନେ କରନ୍ତୁ, ଆମ ଘରକୁ ବିଦ୍ୟୁତ୍ ବା ଜଳ ଯୋଗାଣ କୌଣସି କାରଣରୁ ବାଧାପ୍ରାପ୍ତ ହେଲା, ଆମେ ସେତେବେଳେ ସମାଲୋଚନାରେ ଆକାଶ ପାତାଳ ଏକ କରିଦେଉ ଓ ଏସବୁ ବ୍ୟବସ୍ଥା ଜୀବନଧାରଣ ପାଇଁ ଅତ୍ୟାବଶ୍ୟକ କହୁ। କିନ୍ତୁ ନିଜ କର୍ମକ୍ଷେତ୍ରରେ ବା ସର୍ବସାଧାରଣ ସ୍ଥାନରେ ଏହି ସୁବିଧାର ସଠିକ୍ ଉପଯୋଗ କରି ଥାଉ କି ? ସମୟେ ସମୟେ ନିଜ ଘରେ ମଧ୍ୟ ଲାଇଟ୍, ଫ୍ୟାନ୍, ଏ.ସି. ଇତ୍ୟାଦି ତଥା ପାଣିର ଉଚିତ୍ ମତେ ବ୍ୟବହାର କରୁନାହିଁ। ପାଣି ମୁନ୍ଦାଏ ପାଇଁ ବାଲ୍‌ଟି ଡେକ୍‌ଚି ଧରି ମାଇଲ୍ ମାଇଲ୍ ବାଟ ଯାଉ। କିନ୍ତୁ ଘର ପାଖରେ ପାଣିକଳ ଟିଏ ବସିଗଲେ ପଛ ଦୁଃଖ ଭୁଲିଯାଉ, ଆମ ବାଲ୍‌ଟଟି ଭରିଗଲେ ଟ୍ୟାପ୍ ଖୋଲା ଥାଇ ପାଣି ଦୁଲ୍ ଦୁଲ୍ ପଡୁଥିଲେ ମଧ୍ୟ ଆମର ସେଥିପ୍ରତି ନଜର ନଥାଏ।

ଧରି ନିଆଯାଉ, ଆମର କାର୍ଯ୍ୟକ୍ଷେତ୍ର, ବେତନ /ପାରିଶ୍ରମିକ, ଆନୁସଙ୍ଗିକ ସୁବିଧା, ଉପରିସ୍ଥ ଅଧିକାରୀ ଅଥବା ମାଲିକଙ୍କ ବ୍ୟବହାର ନେଇ ଆମେ ସନ୍ତୁଷ୍ଟ ନୁହେଁ। କିନ୍ତୁ ଯେଉଁ କାର୍ଯ୍ୟରୁ ଅର୍ଜିତ ଆୟରେ ନିଜର ତଥା ପରିବାରର ପ୍ରତିପୋଷଣ ହେଉଛି, ସେହି କାର୍ଯ୍ୟ ଆମେ ନିଷ୍ଠାର ସହ କରୁଅଛୁ କି ? ସେତିକି ନୁହେଁ, ଘରେ ହେଉ ବା ବାହାରେ, ଆମ ପାଖରେ କାର୍ଯ୍ୟକରୁଥିବା ଲୋକମାନଙ୍କ ପ୍ରତି ସେହି ବେତନ, ଛୁଟି ବା ଅନ୍ୟାନ୍ୟ ସୁବିଧା ନେଇ ଆମେ ସମାନ ମନୋଭାବ ପୋଷଣ କରୁଅଛୁ କି ? ପ୍ରକୃତରେ ମିଳୁଥିବା ସୁବିଧା ସୁଯୋଗରେ ଆମେ ଯେତିକି ଉତ୍କୃଷ୍ଟତା ଖୋଜିବସୁ, ସମାଜ ବା କୌଣସି ବ୍ୟକ୍ତି ବିଶେଷ ପ୍ରତି ଆମର ଅବଦାନରେ ସେତିକି ସମାନ ବା କୌଣସି ବ୍ୟକ୍ତି ବିଶେଷ ପ୍ରତି ଆମର ଅବଦାନରେ ସେତିକି ଆନ୍ତରିକତା ନଥାଏ। ଏଥିରେ ସମାଜ ତ କ୍ଷତିଗ୍ରସ୍ତ ହୁଏ, ଏହାର କୁପରିଣାମ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଆମ ଜୀବନକୁ ମଧ୍ୟ ପ୍ରଭାବିତ କରିଥାଏ।

ବର୍ତ୍ତମାନ ପରିସ୍ଥିତିରେ 'ବିକାଶ'ର ନାରା ସବୁଠାରେ ଶୁଣିବାକୁ ମିଳୁଛି। କିନ୍ତୁ ବସ୍ତୁବାଦୀ ବିକାଶ ସହ ବୌଦ୍ଧିକ ଚିନ୍ତାଧାରାର ବିକାଶ ମଧ୍ୟ ଜରୁରୀ। ନଚେତ୍ କୋଠାବାଡ଼ି, କଳକାରଖାନା, ରାସ୍ତାଘାଟର ବିକାଶ ଯେତେ ହେଲେ ମଧ୍ୟ ମାନବ ସମାଜ ତା'ର ପ୍ରକୃତ ସୁଫଳ ପାଇପାରିବ ନାହିଁ, ଯେ ପର୍ଯ୍ୟନ୍ତ ଏହି ବିକାଶ / ସୁଧାର କାର୍ଯ୍ୟରେ ଆମ ପ୍ରତ୍ୟେକଙ୍କର ମଧ୍ୟ ମହତ୍ୱପୂର୍ଣ୍ଣ ଭାଗିଦାରୀ ଅଛି ବୋଲି ଏହା ଆମର ହୃଦ୍‌ବୋଧ ହୋଇନାହିଁ ସେ ପର୍ଯ୍ୟନ୍ତ ପ୍ରକୃତ ବିକାଶ ସମ୍ଭବ ହୋଇପାରିବ କି ? କୁହାଯାଏ, ସେହିପରି ବ୍ୟକ୍ତିଟିଏ ହେବାକୁ ଚେଷ୍ଟା କର ଯିଏ କି ସମାଧାନର ଏକ ଅଂଶବିଶେଷ, ସମସ୍ୟାର ନୁହେଁ। ଏହି ବିଶ୍ୱାସ ମନରେ ଆଣିଲେ, ତଥା ସେହି ଅନୁସାରେ କାର୍ଯ୍ୟକଲେ ସମସ୍ୟା କମ୍ ସୃଷ୍ଟି ହେବ ଏବଂ ଜୀବନ ସୁଖମୟ ହୋଇପାରିବ।

*ବଡଗଡ, ଭୁବନେଶ୍ୱର*

# ନେତାଜୀ ବେଙ୍ଗଲରେ ଜନ୍ମ ହୋଇଥିଲେ !



ଉମାକାନ୍ତ ରାଉତ (ଅରୂପ)

*(ପୂର୍ବ ପ୍ରକାଶ ଉତ୍ତାରୁ ...)*

ତେଣୁ ଏହା ନିଃସନ୍ଦେହରେ କୁହାଯାଇପାରେ ଯେ ହୁଏତ ସେମାନେ ସାହାଯ୍ୟ ନେଇଥିବା ଉପରୋକ୍ତ ଅଭିଲେଖାଗାରମାନଙ୍କରେ ଏସବୁ ତଥ୍ୟ ନାହିଁ, କିମ୍ବା ଯଦି ଅଛି ତାହା କପୋଳକଳ୍ପିତ ଅବା ସେସବୁକୁ ଜାଣିଶୁଣି ପ୍ରାମାଣିକ ତଥ୍ୟ ଭାବେ ନିଆ ନ ଯାଇ, ବିଭ୍ରାନ୍ତି ସୃଷ୍ଟି କରିବାର ହୀନ ଷଡ଼ଯନ୍ତ୍ର ରଚନା କରାଯାଇଛି। ଯଦି ଏହା ସତ୍ୟ ନୁହେଁ; ତା'ହେଲେ ଓଡ଼ିଶାର ବିଜ୍ଞ, ଶିକ୍ଷିତଗୋଷ୍ଠୀ, ଜନସାଧାରଣ, ଗବେଷକ, ଇତିହାସକାର, ପଣ୍ଡିତ, ସଚେତନ ବୁଦ୍ଧିଜୀବୀ, କବି, ସାହିତ୍ୟିକ ତଥା ଏ ଦିଗରେ କାର୍ଯ୍ୟ କରୁଥିବା ସାହିତ୍ୟ ଓ ସଂସ୍କୃତି ବିଭାଗ ଏ ସମ୍ପର୍କରେ ନୀରବ କାହିଁକି ? ଅଭ୍ୟାସଗତ ଅଳସୁଆମୀ ଓ କାଳକ୍ଷେପଣତାର ଏହି ଅଭୂତପୂର୍ବ ନିରବତା ଯୋଗୁଁ ଜାତୀୟ ପ୍ରେକ୍ଷାପଟରେ ପାଇକ ବିଦ୍ରୋହକୁ ଭାରତୀୟ ସ୍ୱାଧୀନତା ସଂଗ୍ରାମର ପ୍ରଥମ ସଂଗଠିତ ବିଦ୍ରୋହ ବୀରର ମର୍ଯ୍ୟାଦା ଏଯାଏଁ ଦିଆଯାଇ ନାହିଁ। (ଅବଶ୍ୟ ଏବର ଭାରତ ସରକାରଙ୍କ ବଜେଟ୍‌ରେ ବକ୍ସି ଜଗବନ୍ଧୁ/ପାଇକ ବିଦ୍ରୋହର ୨୦୦ ବର୍ଷ ପାଳନ ପାଇଁ ଅର୍ଥର ବ୍ୟବସ୍ଥା ଏକ ଶୁଭ ସୂଚନା)। ଜୟୀ ରାଜଗୁରୁ ଆଦିଙ୍କର ଅସୀମ ତ୍ୟାଗ ଓ ବୀର ସୁରେନ୍ଦ୍ର ସାଏ ଆଦିଙ୍କର ଅପୂର୍ବ ବୀରତ୍ୱରେ ଯଥାର୍ଥ ଉପସ୍ଥାପନା ହୋଇପାରି ନାହିଁ।

ଆମ ଏବର ପିଲା ଯେବେ ନେତାଜୀ ସୁଭାଷ ବୋଷଙ୍କୁ ନେଇ ଭ୍ରମରେ ପଡ଼ିଲେଣି, କିଏ କହିବ ହୁଏତ କପୋଳକଳ୍ପିତ ତଥ୍ୟ ଆଧାରରେ ଆଗାମୀ ପିଢ଼ିଙ୍କ ବୀର ସୁରେନ୍ଦ୍ର ଓ ବକ୍ସି ଜଗବନ୍ଧୁଙ୍କ ଭଳି ଜାତୀୟ ହିରୋମାନେ ଓଡ଼ିଶା ବାହାରର ବୋଲି ବୁଝାଇ ଦିଆ ନ ଯିବ ? ଆକାଶିଆ କପଟପୂର୍ଣ୍ଣ ତଥ୍ୟ ସମ୍ବଳିତ ମିଛ ନଥି ତିଆରି କରି ରସଗୋଲା, କୋଣାର୍କ ଆଦିକୁ ଜବରଦଖଲର ଫିସାଦି ଭଳି, ଗୋଟେ ଜାତିର ସମ୍ବଳ, ଉତ୍ତରପିଢ଼ିଙ୍କ ଅସ୍ମିତା ଓ ସ୍ୱାଭିମାନକୁ ସମ୍ପୂର୍ଣ୍ଣ ଭାବେ ହରଣ କରି ନିଆ ନ ଯିବ ? ଏହାକୁ ମିଛ ପ୍ରମାଣ କରିବା ପାଁଇ ଓଡିଶାର କେଇଜଣ ଅସିତ ମହାନ୍ତି ମିଳିବେ ?

ସୂଚେଇ ଦେବା ଉଚିତ୍ ହେବ ଯେ ବକ୍ସିଜଗବନ୍ଧୁ, ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ସମସ୍ତେ ଏହି ଓଡ଼ିଶା ମାଟିରେ ଜନ୍ମ ହୋଇଥିଲେ ହେଁ ପ୍ରଥମୋକ୍ତ ଦୁଇଜଣ ବିପ୍ଳବୀଙ୍କୁ ଜାତୀୟସ୍ତରରେ ଉପଯୁକ୍ତ ଭାବେ ଉପସ୍ଥାପିତ କରାଯାଇନାହିଁ; ଯଦିଓ ସୁଭାଷଙ୍କ ଆବିର୍ଭାବରେ ପ୍ରାୟ ଏକଶହ ବର୍ଷ ପୂର୍ବରୁ ସମ୍ପୂର୍ଣ୍ଣ ପ୍ରତିକୂଳ ପରିସ୍ଥିତି ଓ ଏକ ଅସନ୍ତୁଳିତ ସାମାଜିକ ପରିବେଶ ମଧ୍ୟରେ ସେମାନଙ୍କର ଏକନିଷ୍ଠ ସଂଗ୍ରାମ ଦୁର୍ଦ୍ଧଶ ବ୍ରିଟିଶ୍‌ମାନଙ୍କୁ ବିଚଳିତ କରିଦେଇଥିଲା। ସୁତରାଂ ପରବର୍ତ୍ତୀ ଆଲେଖ୍ୟମାନଙ୍କରେ ଉପରୋକ୍ତ ବୀରପୁରୁଷମାନଙ୍କ ସମ୍ପର୍କରେ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଉପସ୍ଥାପନା କରି ଏ ଲେଖକ ପୂର୍ବ ବିକ୍ରମ ଫେରେଇବାର ଗୁଣ୍ଡୁଚିମୂଷା ପ୍ରୟାସ ଅବଶ୍ୟ ଜାରି ରଖିବ। ହେଲେ ଓଡ଼ିଆ ଜାତୀୟତା, ବୀରତ୍ୱ, ଅସ୍ମିତା, ଓ ସ୍ୱାଭିମାନାଦି ଅପହରଣ ଷଡ଼ଯନ୍ତ୍ରର କଳାଗର୍ଭରୁ ଆମର ଭବିଷ୍ୟତ ପିଢ଼ିଙ୍କୁ ଉଦ୍ଧାର କରିବାର ଆହ୍ୱାନ ପ୍ରତ୍ୟେକ ସଚେତନ ଓଡ଼ିଆ ଓ ବୁଦ୍ଧିଜୀବୀଙ୍କର ପ୍ରଧାନ ଦାୟିତ୍ୱ ହେଉ; ଯେମିତି ଆମ ପିଲାଙ୍କୁ ସୁଭାଷ ଚନ୍ଦ୍ର ବେଙ୍ଗଲରେ ନୁହେଁ ଓଡ଼ିଶାରେ ଜନ୍ମ ହୋଇଛନ୍ତି ବୋଲି ବୁଝାଇବାର ନିର୍ଲ୍ଲଜ ଦୁର୍ଯୋଗ କେବେ ନ ଆସିବ।

*ଶୈଳଶ୍ରୀ ବିହାର*
*ଭୁବନେଶ୍ୱର-୨୧*

# 'ଏକ ମହାନ ଗୁପ୍ତଧନ'



**ମୂଳଲେଖା: ଜବାହରଲାଲ୍ ନେହେରୁ**
**ମର୍ମାନୁବାଦ: ସୁବୋଧ କାନୁନ୍‌ଗୋ**

**ଜ**ବାହାରଲାଲ୍ ନେହେରୁ, ଏକଦା ସ୍ୱାଧୀନତା ସଂଗ୍ରାମର ଖାଲି ପୁଣ୍ୟ ପ୍ରଭାତ ନ ଥିଲେ, ବରଂ ଜଣେ ମହାନ ଚିନ୍ତାନାୟକ, ଦାର୍ଶନିକ ଓ ସୁଲେଖକ ଭାବେ ସୁବିଦିତ। ଏଠାରେ ଆମେ ସ୍ମରଣ କରାଇଦେବାକୁ ଚାହୁଁ- ବିଗତ ଦିନରେ ୪/୪ଟି ରାଜ୍ୟର ରାଜ୍ୟପାଳ ଓ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତଃ ନିତ୍ୟାନନ୍ଦ କାନୁନ୍‌ଗୋ'ଙ୍କ ସହ ନେହେରୁଜୀ'ଙ୍କ ଅତି ନିବିଡ଼ ସମ୍ପର୍କ ଥିଲା। ସେହି ହିସାବରେ ତାଙ୍କ ସନ୍ତତି 'ଇନ୍ଦିରା ଗାନ୍ଧି'ଙ୍କ ଶୈଶବର ଯତ୍ନ ନେଇଥିଲେ ଓ ତାଙ୍କ ନାମକୁ ସାର୍ଥକ କରିବା ପାଇଁ 'ଇନ୍ଦୁ' ନାମରେ ନାମିତ କରିଥିଲେ। ଶ୍ରୀ କାନୁନ୍‌ଗୋ'ଙ୍କ ବଂଶଜ ହେତୁ ନେହେରୁଜୀଙ୍କ ସଂକ୍ରାନ୍ତ ଓ ତାଙ୍କ ଲିଖିତ ଏକ ମର୍ମାନୁବାଦ ଲେଖା 'ଏକ ମହାନ ଗୁପ୍ତଧନ' ପ୍ରକାଶ କରି ନିଜକୁ ଧନ୍ୟ ମନେକରୁଛି।"

ମୁଁ ମୋର ଚିନ୍ତନ ପ୍ରସ୍ତୁତିରେ ମୁଁ ନିଶ୍ଚିତ ନୁହେଁ, ଯଦିଚ ଏହା ମୋ ପାଇଁ ସବୁଠୁ ପସନ୍ଦଯୋଗ୍ୟ, ଆଶା ଅନ୍ୟମାନଙ୍କ ପାଇଁ ମଧ୍ୟ ଏହା ପସନ୍ଦଯୋଗ୍ୟ ହେବ। ଯଦିଓ ମୋର ଏକ ବିବେଚନା କରିବାରେ ମୁଁ ଲଜ୍ୟାବନତ- କୌଣସି ବ୍ୟକ୍ତି ଏବଂ ଭାରତ ସରକାରଙ୍କ ମୁଖ୍ୟଙ୍କ ବିଷୟରେର ମତାମତ ଦେବା। ଆମେ ବ୍ୟର୍ଥ ହେବା ଉଚିତ ସବୁଠୁଁ ଯାହା ସୁରକ୍ଷିତ ଗୁପ୍ତଧନକୁ ଆମେ ସୁରକ୍ଷା ଦେଇପାରିଛେ, ଯାହା ଆମ୍ଭମାନଙ୍କର ଅଧିକୃତ। ଏହା ଆମ୍ଭମାନଙ୍କର ସବୁଠୁ ବଡ ବ୍ୟର୍ଥତା, ଯାହା ଅତୀତର ମାସାଧିକ୍ୟ କାଳ ପାଇଁ ଆମର ଚେଷ୍ଟିତ ଚେଷ୍ଟା ଅବ୍ୟାହତ ଥିଲା, ଯାହା ଛୋଟ, ଛୋଟ, ସରଳ- ନିଷ୍ପାପ ଶିଶୁ, ମହିଳା, ଓ ସାଧାରଣ ଜୀବିକା ଅର୍ଜନ କରୁଥିବା, ମଣିଷମାନଙ୍କୁ ଆମେମାନେ ଶକ୍ତି ଓ ସାମର୍ଥ୍ୟ ଯୋଗାଇପାରି ନାହୁଁ।

ଏହା ଆମ୍ଭମାନଙ୍କ ପାଖରେ ଅସହଣୀୟ ବୋଝ ହୋଇପାରେ ଏବଂ ଏହି ଦାୟିତ୍ୱ ଆମ ପାଖରେ ସବୁଠୁ ମହାନ ଥିଲା କିମ୍ବା କୌଣସି ସରକାର ପାଖରେ। ତଥାପି, ଏହା ବ୍ୟର୍ଥ ଅଟେ ଏବଂ ଆଜି ଏହି ବିଷୟ ସଂପୃକ୍ତି ଯେ, ଯଦି ଗୋଟିଏ ବଳବାନ ମଣିଷ ଯାହାକୁ ଆମ୍ଭେ ସମ୍ବର୍ଦ୍ଧିତ କରିଥିଲୁ ଏବଂ ସେହିଭଳି କଳ୍ପନାତୀତ ଭଲ ପାଇବା ମଧ୍ୟ ତା' ପଶ୍ଚାତେ ଥିଲା, କିନ୍ତୁ ତାହାର ଯାହା, ଯାହା, ଅଧିକ ପ୍ରତିରକ୍ଷଣ ଏହା ଆମ ସମସ୍ତଙ୍କ ପାଇଁ ଲଜ୍ୟାପ୍ରଦ। ଏହା ଏକ ଲଜ୍ୟାଜନକ ମୋ ପ୍ରତି ଜଣେ ଭାରତୀୟ ଭାବେ, ତାର ହସ୍ତ ତା ବିରୋଧୀତା ଆରଚଣ କରୁଛି। ଏହା ଲଜ୍ୟାପ୍ରଦ ମୋ ପ୍ରତି ଜଣେ ହିନ୍ଦୁ ସେ ତା'ର ଜୀବନ କର୍ତ୍ତବ୍ୟ କରିବା ଉଚିତ। ଏବଂ ଜଣେ ଦିବାଲୋକର ମହାନ ଭାରତୀୟ ଭାବରେ ଜଣେ ହିନ୍ଦୁ ଭାବରେ କର୍ତ୍ତବ୍ୟ ମୁଖର ହୋଇ, ଏହି ଯୁଗପତ୍ ଧାରାରେ ଜଣେ ମହାନ୍ ହିନ୍ଦୁଭାବରେ ପରିଚୟ ପ୍ରଦାନ କରିବା ଉଚିତ। ଏହି ମହିମାନ୍ୱୀତ ଧାରାଟି ଅଲଗା ହୋଇଛି, ଏବଂ ଯାହା ଆମକୁ ଆବୃତ କରିଥିଲା, ଏହା ଆମେ ଆମର ଉଜ୍ଜଳ ପରମ୍ପରାଟି ଉଜ୍ଜଳତମ ହେବାରେ ଆମର ଜୀବନ ଏହି ଭାବରେ ନିରୂପିତ ହୋଇ ଆମେ ଅଣ୍ଡା ଏବଂ ଅନ୍ଧାର କିଭଳି ସ୍ୱର୍ଶ ବାରି ପାରନ୍ତୁ, ଯଦ୍ୟପି ସେ ଏହା ଅନୁଭବ କରିପାରୁନାହିଁ।

ସର୍ବୋପରି ଆମେ ଯାହା ମହିମାନ୍ୱୀତ, ଆମେ ତାହା ଏହି ବର୍ଷ ଗୁଡାକରେ ଦେଖିଛୁ, ଯଦିଓ ତାହା ମଣିଷ ସେହି ଦିବ୍ୟ ଅନୁପ୍ରେରିତ ଧାରାରେ ମଧ୍ୟ ଆମ୍ଭମାନଙ୍କୁ ପରିବର୍ତ୍ତିତ ହେବାକୁ ପଡିଥିଲା- ସେହିଭଳି ଆମ୍ଭେ ଏକାକି ଅଟୁ, ଆମ୍ଭମାନଙ୍କ କ୍ରୀୟା, ପ୍ରକ୍ରୀୟା ତାଙ୍କୁ ଅନୁସରଣ କରିଥାଏ, ଏହିଭଳି ଦିନ ତମାମ, ବର୍ଷ- ବର୍ଷ ଧରି ବିତୁଥିବା ଜୀବନରେ, ଏବଂ ଏହି ବଳୟ ବାହାରେ ଆମେ ତାହାର ଏକ ବିଚ୍ଛୁରିତ କଣିକାଟି, ଯାହା ଆମ୍ଭମାନଙ୍କୁ ସୁଦୃଢ଼ କରିଅଛି ଏବଂ ଆମର କାର୍ଯ୍ୟ ପ୍ରଣାଳୀକୁ ଅଧିକ ଯତ୍ନଶୀଳ କରିଥିଲା, କିଛିକାଂଶରେ ଏହି ରେଖାଙ୍କିତ ଅବସ୍ଥାରେ ସେ ନିଜକୁ ସାଜସଜ୍ଜା କରି ଗୋଟିଏ ଚମକପ୍ରଦ ଅନୁଭୂତି ଆଣି ଦେଇଥିଲା। ଏବଂ ଯଦିଚ ଆମ୍ଭେ ଏହାକୁ ପ୍ରଶଂସା କରୁ, ଆମର ବାକ୍ୟ ଅନ୍ୟ ପକ୍ଷରେ ଛୋଟ ଦେଖାଯାଏ, ଅନେକାଂଶରେ ଆମ୍ଭେମାନେ ନିଜକୁ ମଧ୍ୟ ପ୍ରଶଂସା କରୁ। ମହାନ ଲୋକ ଏବଂ ଯଶ- ଖ୍ୟାତି ପ୍ରକୀର୍ତ୍ତିତ ଲୋକମାନଙ୍କର ଅନେକ ସମୟରେ ପୂର୍ଣ୍ଣ ଆବୟବ ପ୍ରତିମୂର୍ତ୍ତିମାନ ବ୍ରୋଞ୍ଜ୍ କିମ୍ବା ମାର୍ବଲରେ ନିର୍ମିତ ହୋଇଥାଏ। କିନ୍ତୁ ଏହି ମଣିଷଟି ଯିଏ କି ଦିବ୍ୟ ଭାବନାରେ ଅନୁପ୍ରେରିତ, ଲକ୍ଷ ଲକ୍ଷ, ଜନସାଧାରଣଙ୍କ ହୃଦୟର ଭାବନାକୁ ଆଣେ, ଆମେ ତାର କିଞ୍ଚିତ୍ ମାତ୍ରାରେ ଏକ ଗହମର ଚୋପା- ସଦୃଶ, ଯଦିଚ ସେ କୌଣସି ନା କୌଣସି ପରିସ୍ଥିତିରେ ତାକୁ ତଉଲିବାର ମାପକାଠି କିଛି ନଥାଏ, ଏହି ପରିସ୍ଥିତିରେ ତାର ବ୍ୟାପକତା ସମଗ୍ର ଭାରତବର୍ଷକୁ ଛୁଇଁ ଯାଇଥାଏ। ଏହା କୌଣସି ଅଟ୍ଟାଳିକାର ନୁହେଁ, କିମ୍ବା କୌଣସି ସୁନିର୍ବାଚିତ ସ୍ଥାନ, ବା କୌଣସି ସୁନିର୍ବାଚିତ ବିଧାନସଭା ମଣ୍ଡଳୀ, କିନ୍ତୁ ଏହା ପ୍ରତ୍ୟେକ ଗାଁ- ଗଣ୍ଡାର ସଂଗୋଷ୍ଠୀକୁ, ଛୋଟ-ଛୋଟ, ଚାଳଘର ବା ମାଣ୍ଡୁ କରି ରହୁଥିବା କୁଡ଼ିଆ ଘରକୁ ମଧ୍ୟ ସଂପ୍ରେକ୍ଷୀତ କରିଥାଏ, ଯେଉଁମାନେ ଦୁଃଖ- କଷ୍ଟରେ ଜୀବନ ବିତାଉଛନ୍ତି ତାଙ୍କୁ ମଧ୍ୟ ଏହି ଭାବନାମୃତ ଛୁଇଁ ଥାଏ ଏବଂ ଏହି ବ୍ୟକ୍ତି ଜଣଙ୍କ ସ୍ମରଣାତୀତ ବର୍ଷ ପର୍ଯ୍ୟନ୍ତ ବଞ୍ଚିରୁହନ୍ତି।

ଏହି ପରିପ୍ରେକ୍ଷୀରେ, ତା'ପରେ ଆମେ ତାଙ୍କ ସମ୍ପର୍କରେ କ'ଣ କହୁ, ଅନୁଭବର ବାର୍ତ୍ତାରେ ତାଙ୍କ ପ୍ରତି ବିନମ୍ର ହେବା ବ୍ୟତିରେକ, ଆମେ ତାଙ୍କୁ ପ୍ରଶଂସା କରୁ, ଆମେ ଅନୁଭବରେ ଏକଥା ମଧ୍ୟ ଆଣୁ, ଆମେ ସେହି ପ୍ରକାର ଯୋଗ୍ୟ ନୁହଁ- ଆମେ ଯାହାଙ୍କୁ ପ୍ରଶଂସା କରୁ, ଆମେ ତାଙ୍କୁ ଆମର ଆବଶ୍ୟକତା ପୂରଣ କିମ୍ବା ପ୍ରଚୁରତା ଭାବରେ ତାଙ୍କୁ ଅନୁସରଣ କରିପାରୁନାହିଁ। ଏହା ତାଙ୍କ ପ୍ରତି ନିଶ୍ଚିତ ଭାବରେ ଘୋର ଅନ୍ୟାୟ, ଆମେ ଆମର ବାର୍ତ୍ତାକୁ ତାଙ୍କ ନିକଟକୁ ସଂପ୍ରେକ୍ଷୀତ କରିବାକୁ ଇଚ୍ଛା ପ୍ରକାଶ କରୁଛୁ, ଯେତେବେଳେ ସେ ଆମ ନିକଟକୁ କୌଣସି ଶ୍ରମ ବା କାର୍ଯ୍ୟ ବା ତ୍ୟାଗବାଦୀ କରୁଛନ୍ତି, ଆମେ ତାହା ଠିକ୍ ଭାବେ କାର୍ଯ୍ୟକାରୀ କରିପାରୁନାହୁଁ, ସର୍ବବୃହତ୍ ଭାବରେ ସେ ଏ ଦେଶକୁ ଗଠନ କରିଛନ୍ତି, ଦୀର୍ଘ ୩୦ ବର୍ଷ କିମ୍ବା ତତ୍ତୋଧିକ୍ୟ ବର୍ଷ ଧରି ଏ ଦେଶକୁ ସେ ଗଠନ କରିଛନ୍ତି, ଏହାଠାରୁ ବଳି ଆଉ କୌଣସି ଆଉ କୌଣସି ତ୍ୟାଗ ବା ଭୂଖଣ୍ଡର ପରିଧି ଏହାସହ ସମକକ୍ଷ ହୋଇ ନପାରେ।

*... (କ୍ରମଶଃ)*

ଦୂରଭାଷ ନଂ.-୮୭୬୩୯୪୭୧୦୦

# ଅଚଳ ସଂପତ୍ତିର ବୋଝ



ସୌମେନ୍ଦ୍ର ଜେନା

**ଭା**ରତରୁ ଲଣ୍ଡନ ଚାଲିଯାଇଥିବା ବ୍ୟବସାୟୀ ବିଜୟ ମାଲ୍ୟାଙ୍କୁ ଦେଶକୁ ଫେରାଇ ଆଣି ବିଚାର କରିବାକୁ ଭାରତ ସରକାର ପ୍ରୟାସ ଚଳାଇଥିବା ଖବର ପ୍ରକାଶ ପାଇଛି । ଏହାର କାରଣ ହେଉଛି ମାଲ୍ୟାଙ୍କ ପାଇଁ ଦେଶର୧୫ଟି ପ୍ରମୁଖ ବ୍ୟାଙ୍କଗୁଡ଼ିକର ପ୍ରାୟ ୯୦୦୦ କୋଟି ଟଙ୍କା ଅଚଳ ହୋଇଯାଇଛି । ଏହି ୯୦୦୦କୋଟି ହେଉଛି ସାଧାରଣ ଲୋକମାନଙ୍କର ବ୍ୟାଙ୍କରେ ଥିବା ଜମାଟଙ୍କା। ଏତେ ପରିମାଣର ଋଣ ନେଇ ଦେଶରୁ ଫେରାର ହୋଇଯାଇଥିବା ମାଲ୍ୟା କିନ୍ତୁ ଏବେ ବି ଇଂଲଣ୍ଡରେ ବିଳାସମୟ ଜୀବନ ବିତାଉଛନ୍ତି। ଆମ ଦେଶରେ ଅଚଳ ସଂପତ୍ତି ବା ନନ୍ ପର୍ଫମିଂ ଆସେଟ୍ (ଏନ୍‌ପିଏ) ଯୋଗୁଁ ଆର୍ଥିକ ବ୍ୟବସ୍ଥା ଏକରକମ ଅଚଳ ସ୍ଥିତିକୁ ଆସିଯାଇଛି। ସରକାର ବ୍ୟାଙ୍କଗୁଡ଼ିକୁ ଚାଲୁ ରଖିବାକୁ ସହାୟତା କରୁ ନ ଥିଲେ ସେଗୁଡ଼ିକ କେଉଁଦିନରୁ ବନ୍ଦ ହୋଇସାରନ୍ତାଣି। ଯେଉଁ ଋଣୀ ଋଣନେଇ କରଜର ମୂଳ କିମ୍ବା ସୁଧ ସୁଝି ନ ଥାନ୍ତି ତାକୁ ଖରାପ ଋଣ ଶ୍ରେଣୀରେ ରଖାଯାଇଥାଏ। ୯୦ ଦିନ ପରେ ତାକୁ ଅଚଳ ସଂପତ୍ତି କୁହାଯାଏ। ସୁବିଧା ପାଇଁ ପରେ ବ୍ୟାଙ୍କମାନେ ଋଣକୁ ପୁନର୍ଗଠନ କରିଥାନ୍ତି। ଏକଦା ରଘୁରାମ ରାଜନ୍ ଏହାକୁ ସମାଲୋଚନା କରି କହିଥିଲେ "ଘୁଷୁରିକୁ ଲିପ୍‌ଷ୍ଟିକ୍ ଲଗାଇ ରାଜକୁମାରୀ କରାଯାଇପାରିବ ନାହିଁ।"

୨୦୧୨ରେ ଭାରତର ବ୍ୟାଙ୍କଗୁଡ଼ିକର ଅଚଳ ସଂପତ୍ତି ପରିମାଣ ୭୪.୬ ହଜାର କୋଟିରୁ ବଢ଼ି ୧.୧୪ ଲକ୍ଷ କୋଟିରେ ପହଞ୍ଚିଥିଲା। କିନ୍ତୁ ସେ ସମୟରେ ସେଥିରେ ଲଗାମ କଷିବାରେ ଅବହେଳା ଯୋଗୁଁ ୨୦୧୫ରେ ତାହା ବଢ଼ିବଢ଼ି ୩,୯୩,୦୩୫ କୋଟିରେ ପହଞ୍ଚିଲା। ୨୦୧୬ ସେପ୍ଟେମ୍ବର ବେଳକୁ ତାହା ବଢ଼ି ବଢ଼ି ୬,୬୮,୮୨୫ କୋଟି ହୋଇଛି। ବୁଡିଥିବା ବ୍ୟାଙ୍କଗୁଡ଼ିକୁ ଚାଲୁରଖିବା ଲାଗି ସରକାର ୨୫ ହଜାର କୋଟି ଟଙ୍କା ପ୍ରଦାନ କରିଛନ୍ତି। ଋଣ ନେଇ ଠକୁଥିବା ବ୍ୟକ୍ତି ଓ ସଂସ୍ଥାମାନଙ୍କର ନାମ ସର୍ବସାଧାରଣରେ ପ୍ରକାଶ କରିବା ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେବା ସତ୍ତ୍ୱେ କେନ୍ଦ୍ର ସରକାର ଏ ପର୍ଯ୍ୟନ୍ତ ଏଥିରେ ସଫଳ ହୋଇପାରି ନାହାନ୍ତି। ୨୦୧୫-୧୬ରେ ମନ୍ଦଋଣ ପରିମାଣ ୮୦ ପ୍ରତିଶତ ବଢ଼ିଛି । ମାର୍ଚ୍ଚ ୨୦୧୫ରେ ଏହା ୪.୬ ପ୍ରତିଶତ, ସେପ୍ଟେମ୍ବରରେ ୫.୧ ପ୍ରତିଶତ, ୨୦୧୬ ମାର୍ଚ୍ଚରେ ୭.୬ ପ୍ରତିଶତ ହୋଇଥିଲା। ଏବେ ବେସରକାରୀ ବ୍ୟାଙ୍କଗୁଡ଼ିକରେ ଋଣ ୪ ପ୍ରତିଶତ ବଢ଼ିଲା ବେଳେ ସରକାରୀ ବ୍ୟାଙ୍କଗୁଡ଼ିକରେ ୨୪.୬ ପ୍ରତିଶତ ବଢ଼ିଛି। କିନ୍ତୁ ଜମା ପରିମାଣ ବେସରକାରୀ ବ୍ୟାଙ୍କରେ ୧୭.୩ ପ୍ରତିଶତ ବଢ଼ିଲା ବେଳେ ସରକାରୀ ବ୍ୟାଙ୍କରେ ମାତ୍ର ୫.୨ ପ୍ରତିଶତ ବଢ଼ିଛି।

ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କର ଅଚଳ ସଂପତ୍ତି ସର୍ବାଧିକ ୨୦.୨୬ ପ୍ରତିଶତ, ଦ୍ୱିତୀୟରେ ୟୁକୋ ବ୍ୟାଙ୍କର ୧୮.୩୩ ପ୍ରତିଶତ ଓ ୩ୟରେ ବ୍ୟାଙ୍କ ଅଫ୍ ଇଣ୍ଡିଆର ୧୬.୦୪ ପ୍ରତିଶତ ରହିଛି । ପରିମାଣ ଦୃଷ୍ଟିରୁ ଦେଖିଲେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ୯୩,୦୦୦ କୋଟି, ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ୫୫,୦୦୦ କୋଟି, ବ୍ୟାଙ୍କ ଅଫ୍ ଇଣ୍ଡିଆର ୪୮,୦୦୦ କୋଟି ଅଚଳ ସଂପତ୍ତି ହେଲାଣି । ଅଚଳ ସଂପତ୍ତି ବିକ୍ରୀ ଓ ନିଲାମ କରି ଅର୍ଥ ଉଦ୍ଧାର ପାଇଁ ସରଫାଇସି ଆଇନ ରହିଛି। ଏହି ଆଇନ ବଳରେ ୬୪,୫୧୯ଟି ସଂପତ୍ତି ୨୦୧୫-୧୬ରେ ବ୍ୟାଜାପ୍ତ ହୋଇଛି । ୨୦୧୬ ଜୁନ୍ ବେଳକୁ ୩୩,୯୨୮ଟି ସଂପତ୍ତି ବ୍ୟାଜାପ୍ତ ହୋଇଥିଲା। ମାର୍ଚ୍ଚ ୨୦୧୬ ସୁଦ୍ଧା ୨,୨୧,୪୦୦କୋଟିରୁ ୨୨,୮୦୦ କୋଟିର ସଂପତ୍ତି ଉଦ୍ଧାର ହୋଇଥିଲା ।

ଦେଶର କ୍ଷୁଦ୍ର ଉଦ୍ୟୋଗୀ ଓ ବ୍ୟବସାୟୀ ଦେଶରେ ୯୦ ପ୍ରତିଶତ ରୋଜଗାର ସୃଷ୍ଟି କରିବାକୁ ସକ୍ଷମ ହୋଇଛନ୍ତି । ୨୦୧୩-୧୪ର ଆର୍ଥିକ ହିସାବ ଅନୁସାରେ ଅଣକୃଷି ଓ ଅଣନିର୍ମାଣ ବ୍ୟବସାୟୀ ସଂସ୍ଥା ବହୁସଂଖ୍ୟକ ରୋଜଗାର ସୃଷ୍ଟି କରିଛନ୍ତି । ପୃଥିବୀରେ ଷ୍ଟାର୍ଟ ଅପ୍‌ସ କ୍ଷେତ୍ରରେ ଭାରତର ସ୍ଥାନ ତୃତୀୟ ବୋଲି କୁହାଯାଉଛି । ଏହି ସଂସ୍ଥା ଆରମ୍ଭ କରୁଥିବା ନବୋଦ୍ୟମୀମାନଙ୍କ ମଧ୍ୟରୁ ୪୨୦୦ ସରକାରୀ ଆର୍ଥିକ ସାହାଯ୍ୟ ବିନା କାର୍ଯ୍ୟ କରୁଛନ୍ତି । କିନ୍ତୁ ଏମାନଙ୍କ ସଂସ୍ଥାଗତ ବୃଦ୍ଧିପାଇଁ ବ୍ୟାଙ୍କଗୁଡିକର ସହାୟତା ଗୋଟିଏ ସମୟରେ ଆବଶ୍ୟକ ହେବ । ଯଦି ସେମାନଙ୍କୁ ଆବଶ୍ୟକ ପୁଞ୍ଜି ଯୋଗାଇବାରେ ଅସୁବିଧା ହୁଏ ତେବେ ଦେଶରେ ବିକାଶ ବାଧାପ୍ରାପ୍ତ ହେବ ।

ରିଜର୍ଭ ବ୍ୟାଙ୍କର ହିସାବ ଅନୁଯାୟୀ ବ୍ୟାଙ୍କ କ୍ଷେତ୍ରରେ ଅଚଳ ସଂପତ୍ତି ପରିମାଣ ମାର୍ଚ୍ଚ ୨୦୧୩ରେ ୩.୪ ପ୍ରତିଶତରୁ ବଢିବଢି ମାର୍ଚ୍ଚ ୨୦୧୬ରେ ୭.୧ ପ୍ରତିଶତ ହୋଇଥିଲା । ଚିନ୍ତାଜନକ ସଂପତ୍ତିର ପରିମାଣ ୧୧.୫ ପ୍ରତିଶତ ଥିଲା । ୨୦୧୭ ମାର୍ଚ୍ଚ ବେଳକୁ ଅଚଳ ସଂପତ୍ତିର ପରିମାଣ ୮.୫ ପ୍ରତିଶତ ହୋଇଯିବ ବୋଲି ରିଜର୍ଭ ବ୍ୟାଙ୍କ୍ ଆକଳନ କରିଛି । ବିଗତ ୧୨ବର୍ଷ ମଧ୍ୟରେ ଏହି ଅଚଳ ସଂପତ୍ତି ହାର ସବୁଠୁ ଅଧିକ ହେବ । ଅଚଳ ସଂପତ୍ତି ଦେଶରେ ବଢିବା ପଛରେ ଯେଉଁ ମୁଖ୍ୟ କାରଣଗୁଡିକ ରହିଛି ସେସବୁ ହେଲା ଜମି ଅଧିଗ୍ରହଣଜନିତ ବିଳମ୍ବ ହେବା ଯୋଗୁ ଢାଞ୍ଚାଗତ ଯୋଜନା ଉପରେ ପ୍ରତିକୂଳ ପ୍ରଭାବ, ଋଣ ଅର୍ଥକୁ ଅନ୍ୟବାଟରେ ଖର୍ଚ୍ଚ କରାଯିବା, ବଡ କମ୍ପାନୀଗୁଡିକର ଅକୁଶଳୀ ଅଥଚ ପ୍ରଭାବଶାଳୀ ବ୍ୟବସ୍ଥା, ଅନୁଭୂତି ବିନା ବ୍ୟବସାୟ ପାଇଁ ଋଣ ନେବାଲାଗି ଅନୁମତି ପ୍ରଦାନ । ଏହାର ସୁଯୋଗ ନେଇ ମାଲ୍ୟାଙ୍କ ପରି ଲୋକେ ଋଣ ଅର୍ଥରେ ବିଳାସମୟ ଜୀବନ ଅତିବାହିତ କରୁଛନ୍ତି । ତାଙ୍କ କମ୍ପାନୀ କିଙ୍ଗଫିସର ଏୟାରଲାଇନସ ଋଣଭାରରେ ବୁଡିରହିଥିଲାବେଳେ ମାଲିକ ମାଲ୍ୟା ବିକନୀ ପିନ୍ଧା ମଡେଲମାନଙ୍କ ସହ ପାର୍ଟି କରୁଥିଲେ । ୨୫୦ଟି ଦାମୀଗାଡ଼ି ସେ ନିଜ ପାଖରେ ରଖିଥିଲେ । ଆଇପିଏଲ ମ୍ୟାଚରେ ଦଳ କିଣିବା, ଫର୍ମୁଲା ୱାନ ପ୍ରତିଯୋଗିତାରେ ଅର୍ଥ ବିନିଯୋଗ କରୁଥିଲେ, ଘୋଡା ଦୌଡ ଓ ଘୋଡା ପ୍ରଜନନ କ୍ଷେତ୍ରରେ ଅର୍ଥ ଖର୍ଚ୍ଚ କରୁଥିଲେ । ପୃଥିବୀର ୨୬ଟି ସ୍ଥାନରେ ମୂଲ୍ୟବାନ ସଂପତ୍ତିର ଅଧିକାରୀ ଥିଲେ ମାଲ୍ୟା। ନିଜର ବୋଇଂ ୭୨୭ ବିଳାସମୟ ଉଡାଜାହାଜ, ଏୟାରବସ୍ ଏ ୩୧୯ ଏସିଜେ ଘର ପରି ଉଡାଜାହାଜର ମାଲିକଥିଲେ ମାଲ୍ୟା। ଏହାକୁ ଥରେ ଇନ୍ଧନ ଭରିଦେଲେ ଏହା ଥରକେ ଉଡାଣଭରି ଆମେରିକାରେ ପହଞ୍ଚାଇପାରିବ। ଏହାଛଡ଼ା ବେଙ୍ଗାଲୁରଠାରେ କିଙ୍ଗଫିସର ଟାୱାର୍ସରେ ଗୋଟିକୁ ୨୦କୋଟିରୁ ଉର୍ଦ୍ଧ୍ୱ ୮୦ଟି ଆପାର୍ଟମେଣ୍ଟ, ଦକ୍ଷିଣ-ଆଫ୍ରିକାର ଜୋହାନସ୍‌ବର୍ଗରେ ଘର, ନ୍ୟୁୟର୍କରେ ସବୁଠୁ ମୂଲ୍ୟବାନ ଟ୍ରମ୍ପ ଟାୱାରରେ ଘର, ଗୋଆର କାଣ୍ଡୋଲିୟମ୍ ସମୁଦ୍ର କୂଳର ଘର,୬୨୦ କୋଟି ମୂଲ୍ୟର ୯୫ ମିଟର ଦୀର୍ଘ ଏମ୍ପ୍ରେସ ୟାଟ, କାଳିଜମା ୟାଟ ଆଦି ରହିଛି । ଦେଶରେ ସେମିତି କେତେକ ପ୍ରମୁଖ କମ୍ପାନୀ ରହିଛନ୍ତି ଯେଉଁମାନେ ବ୍ୟାଙ୍କଗୁଡିକରୁ ହଜାର ହଜାର କୋଟି ଟଙ୍କାର ଋଣ କରିଛନ୍ତି ।

ସାଧାରଣ ଲୋକଙ୍କ ଅର୍ଥରେ ଏପରି ବିଳାସ କରୁଥିବା ବ୍ୟକ୍ତି ଓ ସଂସ୍ଥାଙ୍କ ବିରୁଦ୍ଧରେ କଠୋର ପଦକ୍ଷେପ ଗ୍ରହଣ କରାଯାଇ ଲୋକଙ୍କ ଜମାଟଙ୍କାକୁ ପୁନର୍ବାର ବ୍ୟାଙ୍କ ବ୍ୟବସ୍ଥାକୁ ଫେରାଇ ଅଣାଯିବା ଆବଶ୍ୟକ । ଏଥିପାଇଁ କେନ୍ଦ୍ର ସରକାର ବ୍ୟାଙ୍କଗୁଡିକୁ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରିବା ଉଚିତ୍ । ପେସାଦାର ଠକମାନେ ଆଇନ ଅଦାଲତର ଆଶ୍ରୟ ନେଇ ଋଣ ସଂଗ୍ରହକୁ ବିଳମ୍ବିତ କରୁଥିବାରୁ ସରକାର ଏଥିପାଇଁ ସ୍ୱତନ୍ତ୍ର ଅଦାଲତ ବସାଇ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଋଣ ପରିଶୋଧ ପାଇଁ ସୁଯୋଗ ଦିଅନ୍ତୁ । ଏଥିରେ ବିଫଳ ହେଉଥିବା ଲୋକଙ୍କ ସଂପତ୍ତି ବ୍ୟାଜାପ୍ତ କରାଯାଇ ଭରଣା କରିବାଲାଗି କ୍ଷମତା ପ୍ରଦାନ କରନ୍ତୁ। ପ୍ରତିବର୍ଷ ଏଥିପାଇଁ ସ୍ୱତନ୍ତ୍ର ଋଣଆଦାୟ ଅଭିଯାନ ଜାରି ରହୁ। ଆବଶ୍ୟକ ସ୍ଥଳେ ଏସବୁକୁ ତ୍ୱରାନ୍ୱିତ କରିବାପାଇଁ ସ୍ୱତନ୍ତ୍ର ଅଧିକାରୀ ଓ ବିଭାଗକୁ ଦାୟିତ୍ୱ ଦିଅନ୍ତୁ । ଅର୍ଥଲକ୍ଷ୍ୟ ପୂରଣର ସୀମା ନିର୍ଦ୍ଧାରଣ କରାଯିବା ଆବଶ୍ୟକ। ଅଚଳ ସଂପତ୍ତିର ବୋଝରୁ ବ୍ୟାଙ୍କଗୁଡିକୁ ମୁକ୍ତ କରିବା ସହ ସାଧାରଣ ଲୋକଙ୍କ ଜମା ପୁଞ୍ଜିର ସୁରକ୍ଷା ପାଇଁ ଦେଶରେ ବ୍ୟବସ୍ଥା ହେବା ଉଚିତ୍ ।

*ଏଲ/୩୮୨, ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର-୩*

ଆମ ଠିକଣା
ଏକମାତ୍ର
ସମ୍ପାଦନା କାର୍ଯ୍ୟାଳୟ
ଏଚଆଇଜି-୧୩୭, ଧର୍ମବିହାର
ଖଣ୍ଡଗିରି, ଭୁବନେଶ୍ୱର-୩୦
ଦୂରଭାଷ : ୦୮୭୬୩୩୬୮୦୨୯
୦୭୦୦୮୩୪୦୩୮୯

# ବେଦନାର ବେଦ-୭



**କ୍ଷୀରୋଦ ଦାସ**
ମୋ : ୯୪୩୭୧୬୩୦୦୨
ମେଲ୍ : khirod65@gmail.com



ଧାରାବାହିକ ଉପନ୍ୟାସ

**ମାଟିମନସ୍କ, କଥକତା, ସ୍ମୃତିସଜଳ କାହାଣୀ ଅବତାରଣା, ବଳିଷ୍ଠ କାହାଣୀଧର୍ମିତା, ଚମତ୍କାର ଉପମାଯୁକ୍ତ ଭାଷାବିନ୍ୟାସ ତଥା ଅପୂର୍ବ କ୍ଷୀରୋଦୀୟ ଶୈଳୀରେ ଲିଖିତ ଗାଳ୍ପିକ କ୍ଷୀରୋଦ ଦାସଙ୍କ ଗଳ୍ପ ଓ ଉପନ୍ୟାସ ଅଗଣିତ ପାଠକଙ୍କୁ ମୋହାବିଷ୍ଟ ତଥା ମନ୍ତ୍ରମୁଗ୍ଧ କରିବା ସହିତ ଏକ ଅନନ୍ୟ ଉପଲବ୍ଧିରେ ବିଗଳିତ କରି ପକାଇବାର ସାମର୍ଥ୍ୟ ରଖେ। ପ୍ରାୟ ୧୪ଖଣ୍ଡ ଗଳ୍ପ ସଂକଳନ ଏବଂ ୩ଟି ଅନନ୍ୟ ଉପନ୍ୟାସର ରଚୟିତା ସଦା ସୃଜନମଗ୍ନ ଏଇ ସ୍ରଷ୍ଟାଙ୍କ ପ୍ରତିଟି ସୃଷ୍ଟିରେ ଭରି ରହିଛି ଜୀବନ ପାଇଁ ଅସୀମ ଶ୍ରଦ୍ଧା, ଭୁଶୁଡ଼ି ପଡୁଥିବା ସମ୍ପର୍କ ଓ ମୂଲ୍ୟବୋଧ ପାଇଁ ଅସରନ୍ତି ଦରଦ ଏବଂ ଆଞ୍ଜୁଳା ଆଞ୍ଜୁଳା ଆହାପଣ।**

"**କେ**ଡ଼େ ବେଅକଲୀ ମାଇକିନିଆଟା କିଲୋ ତୁ!" -କମଳା ଦିଦିଙ୍କୁ ଅଧିକ କଥା କୁହାଇ ନଦେଇ ରାଗରେ ଥରି ଥରି ବୁଢ଼ୀ ସେହିପରି ରାହାବାଲୀ ସ୍ୱରରେ ଚିତ୍କାର କଲା- "ତୋ ମୁହଁରେ ଦଇବ ଲାଜ ସରମ ଟିକେ ଦେଇନାଇଁ କିଲୋ? ମୁଁ ତ ମନା କରୁଚି, ମୋ ବୋହୂକୁ ଇଞ୍ଜେସନ୍ ଦିଆଯିବ ନାଇଁ! ତୋର ଏତେ ଜିଦି କାଇଁକି? କ'ଣ ଦି' ପଇସା ପାଇବୁ ବୋଲି? ତୁ ମୋ ଘରର ମୁରବୀ ନା ମାମଲତକାର? ଆଲୋ ହେ ଅଲାଜୁକି ମାଇକିନା, ତୁ ତ ଆଜିକାଲିର ଟୋକୀ। ତୁ ବା ସେକଥା କାହୁଁ ଜାଣିବୁ? ଆମ ଦାଉ ସାଧିଲା, ହେଲେ ଚାରିଚାରିଟା ଛୁଆର ମା' ପରା ମୁଁ! ସେତେବେଳେ କୋଉ ପୋଡ଼ମୁହାଁ ସରକାର ଥେଲା ନା ମେଡିକଲ ଇଞ୍ଜେସନ ଥେଲା? ତମରିମାନଙ୍କ ବେଳକୁ ସବୁ ଅସୁବିଧା। ଛୁଆ ଏଣେ ପେଟରେ ରହୁ ନରହୁଣୁ ଦେ ଦୌଡ଼ ମେଡ଼ିକଲ। ମେଡ଼ିକଲ ନୁହଁ ତ ସେଇଟା ଯମଦଣ୍ଡ। ସେଠି ଖାଲି ହାଁ ହାଁ ହେଇ ଅନେଇ ବଇଚନ୍ତି ଦଳେ ନିଆଁଗିଲା ଡାକତର। ଦେହରେ ରୋଗଫୋଗ କିଛି ନଥବ, ବଢେଇ କୁଢେଇ କହି ମଣିଷକୁ ଦରମରା କରିପକେଇବେ। ଏମିତି ଲାଗିଯିବେ ଦେହରେ ଯେ ଜୋକ ରକ୍ତ ଶୋଷିଲା ପରି ଶୋଷି ପକାଇବେ। ତା' ପରେ ନାଟ ଦେଖୁଆ! ପୋଷୁଆ ଡାକତରକୁ! ଗିଲୁଆ ଏହୁଁ ବଡ଼ ବଡ଼ ବଟିକା। ଶେଷକୁ କ'ଣ ନା ପେଟ ଚିର, ଛୁଆ ବାହାର କର! କ'ଣ ଆଉ କହିବି, ଯୁଗଟା ପରା କଳିକାଳ...........

ଏକାଥରକେ ଏତେଗୁଡ଼ାଏ କଥା କହିପକାଇ ବୁଢ଼ୀ ଧଇଁସଇଁ ହୋଇଗଲା। ତଥାପି ରାଗରେ ଥରୁଥାଏ। ପୂର୍ବଦିନ ସଞ୍ଜବେଳେ ଖାସ୍ ଏଇକଥା ନେଇ ଚକ୍ରଧର ସହିତ ଝଗଡ଼ା କରିଥିଲା। ସେକଥା ମନେ ପଡ଼ିଯିବାରୁ ବୁଢ଼ୀର ରାଗ ତାଳୁ ଉପରକୁ ଉଠିଗଲା। ହିତାହିତ ଜ୍ଞାନ ଭୁଲି ସେ ଠିଆ ହୋଇପଡ଼ି ରଡ଼ି ଛାଡିଲା- "ବଜାତ୍ ମାଇକିନା, କଳି ଲଗାଇ ମୋ ଘର ଭାଙ୍ଗିବାକୁ ଆଇଚୁ! କିଛି କାମଧନ୍ଦା ନାଇଁ ବୋଲି ଦେହ ଦେଖାଇ ଦାରୀଆଣୀଙ୍କ ପରି ଆ' ଘର ତା' ଘର ପଶୁଚୁ! ଜଲ୍‌ଦି ବାହାର ମୋ' ଘରୁ। ଯାଉଛୁ ନା ଦେଖିବୁ!!

ସେତେବେଳକୁ ଗାଁ ସାରା ଲୋକ ଜମି ଯାଇଥିଲେ ସେଠି। ମନ୍ଦିରକାମ ସାରି ଚମ୍ପା ବି କେତେବେଳୁ ଆସି କାହୁଁ ଆସିବା ପରି ଠିଆ ହୋଇଥିଲା। ବୁଢ଼ୀକୁ ଭରସି କରି କେହି କିଛି କହିପାରୁନଥିଲେ। ବୁଢ଼ୀଟା ଭାରି ଦୁଷ୍ଟ। ଯିଏ ତା' କଥା ଉପରେ କଥା କହିବ, ତା' ଚୌଦପୁରୁଷ ଉଦ୍ଧାର କରିବ ସେ ପାଟିକୁ ଯାହା ଆସିବ, ଶୋଧି ଦେଇଯିବ। ତେଣୁ ସମସ୍ତେ 'ଆଲୋ ସଖି ଆପଣା ମହତ ଆପେ ରଖି' ନ୍ୟାୟରେ ଚୁପ୍‌ଚାପ୍ ଠିଆ ହୋଇଥିଲେ ଏବଂ ତାମସା ଦେଖୁଥିଲେ।

କମଳାଦିଦିଙ୍କ ମୁହଁ ପୋଡ଼ିଗଲା ଲଜ୍ଜା ଓ ଅପମାନରେ। ତରବର ହୋଇ ସେଠୁ ପଳାଇବାକୁ ବାଟ ପାଇଲେନି ସେ।

ଦିପ୍ରହରରେ ବିଲରୁ ଫେରି ସବୁ ଶୁଣିଲା ଚକ୍ରଧର। ବୁଢ଼ୀମା' ଉପରେ ରାଗରେ ରକ୍ତଚାଉଳ ଚୋବାଇ ହେଲା। ଚମ୍ପା ତାକୁ ଆକଟ କରିବାରୁ ସେ ଦାନ୍ତରେ ଚିପି ଚୁପ୍ ରହିଲା। ସେ ବି ଚାହୁଁନଥିଲା ପୂର୍ବଥର ପରି ପୁଣିଥରେ ଝଗଡ଼ା ହେଉ ଘର ଭିତରେ।

ଦିନ ବିତି ଯାଉଥିଲା। ଆଙ୍ଗୁଠି ଗଣି ଗଣି ଚମ୍ପା ମାସ ଗଣୁଥିଲା। ତାକୁ ଭାରି ଅଥୟ ଲାଗୁଥିଲା। ଭୟ ଲାଗୁଥିଲା। ଅଜଣା ଏକ ଆଶଙ୍କାରେ ବେଳେବେଳେ ସେ ଶିହରି ଉଠୁଥିଲା।

ଭବିଷ୍ୟତର ସ୍ୱପ୍ନ ବୁଣୁ ବୁଣୁ ଅଧୈର୍ଯ୍ୟ ହୋଇ ପଡୁଥିଲା ଚକ୍ରଧର। ଅସ୍ତବ୍ୟସ୍ତ ହୋଇଯାଉଥିଲା। ଏବେ ତା' ସାମ୍ନାରେ ଆଉ କିଛି ନଥିଲା। କିଛି ବୋଲି କିଛି ନଥିଲା। ନା ଛକ ଉପରର ତାସ୍‌ଖେଳ ନା ଜମିବାଡ଼ିର ଚାଷ! ନା କାଳିଆ କଷରା ବଳଦ ନା ବାଡ଼ିପୋଖରୀର ମାଛ! ଥିଲା କେବଳ ମୁଠାଏ ସ୍ୱପ୍ନ! ବାପା ହେବାର ସ୍ୱପ୍ନ। ସେ ସ୍ୱପ୍ନର ସ୍ରୋତରେ ସେ ଭାସିଯାଉଥିଲା ଦିଗରୁ ଦିଗନ୍ତ ଯାଏ। ସେ ସ୍ୱପ୍ନ ତାକୁ ଅହର୍ନିଶ ଶୁଣାଉଥିଲା ଜୀବନର ମଧୁର ସଙ୍ଗୀତ। ଏସବୁ ସତ୍ତ୍ୱେ ତାକୁ ବି ବେଳେ ବେଳେ ସଂଜ୍ଞାହୀନ ଆଶଙ୍କାଟିଏ ଆନ୍ଦୋଳିତ କରିପକାଉଥିଲା। ବୁଦ୍ଧିବଣା ହୋଇଯାଉଥିଲା ତାର। ଥଳକୂଳ ନପାଇ ସେ କେବଳ ଅସହାୟ ଭାବରେ ବାଡ଼େଇଛାଟି ହଉଥିଲା।

ଦିନେ ରାତିରେ, ଖାଇସାରି, ବିଡ଼ି ଖଣ୍ଡିଏ ଲଗାଇ ବାଡ଼ି ଆଡ଼କୁ ଯାଉଥିବାବେଳେ ଚକ୍ରଧର ଦେଖିଲା ରୋଷେଇଘର ଚୂଲୀପାଖରେ ବସି ଚମ୍ପା କୁନ୍ଥୋଉଚି। ଅଟକିଗଲା ତା' ପାଦ। ବିଡ଼ିଟାକୁ ଫୋପାଡ଼ିଦେଇ ସେ ଫେରିଆସି ଠିଆହେଲା ଚମ୍ପା ପାଖରେ ଓ ପଚାରିଲା- "କ'ଣ ହେଉଚି ତୋର? ଏମିତି କୁନ୍ଥୋଉଚୁ କାହିଁକି?"

ସତେଯେପରି କେହି ତାଟିଂକୁ ଖୁବ୍ ଜୋର୍‌ରେ ଚିପି ଧରିଚି, ସେହିପରି ଯନ୍ତ୍ରଣାରେ ଆଲୁବାଲୁ ହୋଇ ଧୀର ସ୍ୱରରେ ଚମ୍ପା କହିଲା, 'ଭଲ ଲାଗୁନାଇଁ ଜମା ଦେହଟା। ଭାରି କଷ୍ଟ ଲାଗୁଚି। ଅଣ୍ଟା ପାଖଟା ଶୂଳେଇ ହେଇ ବିନ୍ଧି ଉଠୁଚି ଯେ କାହିଁରେ କ'ଣ! ଜୀବନ ଛାଡ଼ିଗଲା ପରି ଲାଗୁଚି। ମୁଣ୍ଡଟା ଭାରି ଲାଗୁଚି। ମତେ ଲାଗୁଚି, ବୋଧହୁଏ ଆଜି ରାତିରେ କିଛି ଗୋଟାଏ ହେଇଯିବ!"

କିଂକର୍ତ୍ତବ୍ୟମୂଢ଼ ପାଲଟିଗଲା ଚକ୍ରଧର। ଜଖମ ହୋଇଗଲା ତା' ବିଚାରବୁଦ୍ଧି। ଚାରିଆଡ଼ ତାକୁ ଅନ୍ଧାରମୟ ଦେଖାଗଲା। ତା' ସାମ୍‌ନାରେ ସେହି ମୁହୂର୍ତ୍ତରେ ସୃଷ୍ଟି ହୋଇଯାଉଥିଲା ଅନନ୍ତ ପାରାବାର। ଏ ବିଶାଳ ପାରାବାରକୁ ସେ କେମିତି ପାରିହେବ ଏକା ଏକା? ସାମ୍‌ନାରେ ତ ଘମାଘୋଟ ଅନ୍ଧକାର! ସେ ଠିକ୍ କରି ପାରିଲାନି ଏଭଳି ସମୟରେ କ'ଣ କରିବ?

ଚକ୍ରଧର ଚମ୍ପାର ଦୁଇବାହୁ ଧରି ଉଠାଇଲା। ମୁହଁଟାଣ ଦେଖାଇ କହିଲା- "ଚାଲ୍ ଉଠ୍। କାଇଁକି ଗୋଟାଏ ଅଭିଲା ହେଇ ଏମିତି କୁନ୍ଥୋଉଚୁ? ଗୋଟାଏ ନବରଙ୍ଗ ବାହାର କରୁଚୁ, ନାଇଁ! କିଛି ଅସୁବିଧା ହବନି ତୋର। ଚା' ଲେ ଘର ଭିତରକୁ। କ'ଣ ଗଣ୍ଡାଏ ଖାଇଦେଇ ଚୁପ୍‌ଚାପ୍ ଶୋଇପଡ଼। ଆଗ ରାତି ପାହୁ, ସକାଳ ହେଲେ ଦେଖିବା!"

ତଳୁ କିନ୍ତୁ ଉଠିପାରିଲାନି ଚମ୍ପା, ଚକ୍ରଧର ତା' ବାହୁଧରି ଉଠାଇବା ସତ୍ତ୍ୱେ। ତା' ଦେହ ବେଳ ଓଦାମାଟି ପରି ନୋଷଡ଼ି ତା' ଦୁଇଆଖି ବନ୍ଦ ହୋଇ ଆସୁଥିଲା। ପେଟ ଭିତରଟା ରନ୍ଧାଳି ହୋଇଯାଉଥିଲା। ଦେହ ଉପରେ ଯେପରି ଲକ୍ଷେ ହାତୀ ଉପଦ୍ରବ କରି ଚାଲିଥିଲେ! ମୁଣ୍ଡରେ ନାହିଁ ନଥିବା ଯନ୍ତ୍ରଣା। ସମଗ୍ର ଶରୀର ବୁଡିଯାଇଥିଲା ଝାଳରେ। ଧଇଁସଇଁ ହୋଇଯାଉଥିଲା ଚମ୍ପା। ସେଇଠି, ସେଇ ଚୂଲୀ ପାଖରେ ସେ ଗଡିପଡ଼ିଲା। ତା' ପାଟିରୁ ବାହାରି ଆସୁଥିଲା ନିର୍ଯ୍ୟାତିତ ଆର୍ତ୍ତନାଦ ଗୁଡ଼ାଏ।

ସେଇ ଦୟନୀୟ ଆର୍ତ୍ତନାଦ ସାବାଡ଼୍ କରିପକାଇଲା ଚକ୍ରଧରକୁ। ତା' ପରି ଏଡ଼େ ଚୌକସ୍ ମର୍ଦ୍ଦଟାଏ ଦେଖାଗଲା ଅସହାୟ ଓ ବିକଳ। ସତେକି ସେ ସୁସ୍ଥସବଳ ମର୍ଦ୍ଦଟାଏ ନୁହେଁ, ଚାରି-ପାଂଚ ବର୍ଷର ଅସହାୟ ଶିଶୁଟିଏ! ତା' ମୁଣ୍ଡ ଗୋଳମାଳ ହୋଇଯାଉଥିଲା। ତା' ପାଦତଳୁ ସବୁ ମାଟି ଆହୁରି ତଳକୁ ତଳକୁ ଖସିଯାଉଥିଲା। ସେ ଅସ୍ଥିର ହୋଇପଡୁଥିଲା। ଏଭଳି ଅଥୟ ମୁହୂର୍ତ୍ତମାନଙ୍କରେ କ'ଣ ବସିହୁଏ ଚୁପ୍‌ଚାପ୍? ହାତରେ ହାତଛନ୍ଦି? ଚକ୍ରଧରର ଗୋଡହାତ ଖୁଜୁବୁଜୁ ହେଲା। ଶିରା ପ୍ରଶିରା ଟାଣ ହୋଇଗଲା। ତା' ମାଂସପେଶୀରେ ଖୁନ୍ଦି ହୋଇଯାଉଥିଲା କାହୁଁ କାହୁଁ ବଳ।

*କ୍ରମଶଃ...*

## ଋତୁ ମେଘମାସ

**ସତ୍ୟ ପଟ୍ଟନାୟକ**

**ଦ**କ୍ଷିଣର ପାହାଡ଼ରୁ
ଉଡି ସେ ଆସନ୍ତି ଯେବେ
ଡେଣାଝାଡି କେତେ କୃଷ୍ଣହଂସ,
ଲାଗେ ସତେ
ମୋ ଗାଆଁର ଆକାଶରେ
ପବନରେ ଉଡୁଅଛି
ତୁମ ଖୋଲା କେଶ!
ମେଘ ଆସେ, ତା ହାତରେ
ଖୋଲିଦିଏ ମୀନାକରା
ହୀରାର ଗାଗରୀ
ଝରିଦିଏ ଅସରନ୍ତି ମୋତି
ପ୍ରତିଟି ମୋତିର ଦେହେ ବନ୍ଧାଥାଏ
ତୁମ ଲେଖା ଗୋଟେ ଗୋଟେ ଚିଠି!
ମେଘ ଏଠି
କେତେବେଳେ ନାଚିଯାଏ
ପାଦେ ବାନ୍ଧି ପ୍ରୀତିର ଘୁଙ୍ଗୁର
ଗାଆଁ ସାରା ଭାସିଆସେ
କଦମ୍ବ ଫୁଲର ବାସ୍ନା
ଅହରହ ଶୁଣାଯାଏ
ମଡୁଆଲା ଝିଂକାରି ଗଜଲ!
ଅୟୁତ ଜନ୍ମର ଶୋଷ ଭରିଥାଏ
ମୋ ଗାଆଁର ମାଟିର ଓଠରେ
ତୁମ ଗାଆଁ ମେଘ ଆଣେ
ସଜଳ ଚୁମ୍ବନ ଧାରେ
ତା ପାଇଁ ଅତି ସରାଗରେ!
ସମସ୍ତେ ଖୋଜନ୍ତି ଏଠି
ଶରଦର ଜହ୍ନରାତି
ଅବା ପୁଣି
ଫାଲ୍‌ଗୁନର କାଉଁରୀ ପରଶ,
ମୁଁ କିନ୍ତୁ ଖୋଜୁଥାଏ
ଶ୍ରାବଣ ମାଟିର ବାସ୍ନା
ତୁମ ଗାଆଁ ଋତୁ ମେଘମାସ!

*୭୪୬୪ ଡ୍ରିଜଡମ୍ ଲେନ୍,
ଡବଲିନ୍, ଓହିଓ ୪୩୦୧୬,
ଯୁକ୍ତରାଷ୍ଟ୍ର ଆମେରିକା*

# ମୁଁ ସରପଞ୍ଚ ହେବି

**ଅନୁଜ ଦାସ**



**ମା**ଉସୀ ନମସ୍କାର, ମଉସା ଓଳିକି। ମନେ ଅଛି ତ ମୋର ଛତା ଚିହ୍ନ? କେଟ୍‌ଲି ଚିହ୍ନକୁ ଭୁଲିବେ ନାହିଁ। ମୁଁ ପରା ତମ ଗାଁ ଛୁଆ। କିଏ ଧଳାଖଦୀ କୁର୍ତ୍ତା ପିନ୍ଧିଛି ତ ଆଉ କିଏ ସାର୍ଟ ପେଣ୍ଟ ଇନ କରି ତଳେ ଛିଡ଼ା ଚପଲ ପିନ୍ଧିଛି। ଏମିତି କିଛି ଡିଜାଇନର ଲୋକେ ଏବେ ଗାଁ ଦାଣ୍ଡରେ। ସାଙ୍ଗରେ ପଙ୍ଗପାଳ, ଗାଁଉଲି ଭାଷାରେ କୁଜି ନେତା। ସକାଳ ନ ହେଉଣୁ ହାତ ଯୋଡି ଭିକ ମାଗିବାକୁ ଚାଲି ଆସୁଛନ୍ତି ଏଭଳି କିଛି ଲୋକ। ଆଉ କିଛି ତ ରାତିର ଅନ୍ଧାରରେ ଏଭଳି ଆସୁଛନ୍ତି, ସତେ ଯେମିତି ବାଉଁଶ ବୁଦା ପାଖରେ ଲୁଚି ରହିଛି ଭୂତ। ଭୋଟ ଭିକ୍ଷାରେ ଚାଲିଛି ଏଭଳି ଯାତ୍ରା। କଥା କଣ କି ଏବେ ନିର୍ବାଚନୀ ମାହୋଲ ତ ସେଥିପାଇଁ ଗାଁ ଦାଣ୍ଡରେ ଚାଲିଛି ଏମିତି ଫ୍ୟାନ୍ସି ଡ୍ରେସ। ଫ୍ୟାନ୍ସି ଡ୍ରେସ ନୁହଁ ତ ଆଉ କଣ, ନିଜକୁ ଭଳିକି ଭଳି ବେଶରେ ସଜାଇ ମିଠାମିଠା କଥା କହି ଲୋକଙ୍କୁ ଆକୃଷ୍ଟ କରିବାରେ ବ୍ୟସ୍ତ ଏମାନେ। ଟାର୍ଗେଟ ଗୋଟିଏ- ଭୋଟ୍। ଯିଏ ବର୍ଷ ତମାମ ଗାଁ ଦାଣ୍ଡ ବୁଲିନଥିଲା ଆଜି ସେ ଘର ଘର ବୁଲୁଛି। କିଛି ନେତା ତ ବିଦେଶୀ ପକ୍ଷୀ ପରି ଆସିଛନ୍ତି। ନିର୍ବାଚନ ଆସିଲେ ଏମିତି କିଛି ବିଦେଶୀ ପକ୍ଷୀ ତ ନିଶ୍ଚୟ ଦେଖାଯାନ୍ତି। ଯିଏ ଠିକ୍ ଏହି ସମୟରେ ମଉସା ମାଉସୀ କହିବାକୁ ଆସନ୍ତି। ଆଉ ଭାବନ୍ତି ଭୋଟ ମିଳିଗଲେ ସରପଞ୍ଚ ହୋଇଯିବେ। ଆଉ ପରେ ଗାଇବେ... ଅପନା କାମ ବନ୍‌ତା.... ଭାଡ୍ ମେଁ ଯାଏ ଜନ୍‌ତା....।

କଥା କଣ କି ନିର୍ବାଚନ ଆସିଲେ ନେତା ତ ବୁଲନ୍ତି, ହେଲେ ଅଭିନେତା ବି ନେତାଙ୍କ ପାଇଁ ହାତ ଯୋଡି ଭୋଟ ମାଗନ୍ତି। ଆଉ ତାହା ପୁଣି ଫିଲ୍ମି ଷ୍ଟାଇଲ୍‌ରେ। କ୍ୟାମେରା ସାମ୍ନାରେ ଅଭିନୟ କରୁଥିବା ଅଭିନେତା। ଅଭିନେତ୍ରୀମାନେ ଗାଁ ବୁଲି ଅଭିନୟ କରିବାକୁ ଲାଗିପଡନ୍ତି। ପ୍ରାର୍ଥୀଙ୍କୁ ନ ଚିହ୍ନିଲେ ବି ପ୍ରଚାର କରିବାକୁ ଆଗେଇ ଆସନ୍ତି ଅଭିନେତା ଓ ଅଭିନେତ୍ରୀ। ଗାଁ ଲୋକଙ୍କର ବି ମଉଜ। ବିନା ପଇସାରେ ହୋଇଯାଏ ଫିଲ୍ମ ଦେଖା। ହେଲେ ଆମ ଭୋଟର ବି ଭାରି ଚାଲାକ। ସମସ୍ତେ ଜାଣନ୍ତି ଆଗକୁ ସମସ୍ୟା, ହେଲେ ଏହି ଅଭିନେତା କି ଅଭିନେତ୍ରୀ ଆସିବେନି। ସେଥିପାଇଁ ବେଳ ଥାଉଥାଉ ଭୋଟର ବି ନିଜକୁ ବୁଝାଇ ଦେଲେଣି। ହେଲେ ନେତାମାନଙ୍କର ଭୋଟ ମାଗିବା ଷ୍ଟାଇଲ ବି ଭିନ୍ନଭିନ୍ନ। ନିର୍ବାଚନ ଆସିଲେ ଗାଁ ସ୍କୁଲ ପାଖରେ ଜମିଯାଏ ଭୋଜିର ଆସର। ଏଥର ବି ସେମିତି ଚାଲିଛି। ପୁରୁଷ ଲୋକ ସିନା ଖାଇଲେ, ହେଲେ ମାଇପି ଲୋକଙ୍କ ପାଇଁ ଜରିରେ ବୁହା ହେଲା ଭାତ ଆଉ ମାଉଁସ। ଆଇଁଷ ପ୍ରତି ତ ସଭିଙ୍କ ଲୋଭ ରହିଛି ନା। ଆଉ ଭୋଟ ବି ତ ସମସ୍ତେ ଦେବେ। ଗାଁର ଟୋକାମାନେ ଟିକେ ଅଲଗା। ତାଙ୍କୁ ଶାନ୍ତି କଲା ଭଳି ମଦ ଆଉ କ୍ଲବ ପାଇଁ କିଛି ଟଙ୍କା ଦେଇଦେଲେ କଥା ଜମିଲା। ତାପରେ ଜମିଲା ପ୍ରଚାର। ଆମର ଭାଇ, ତମର ଭାଇ, ଅମକେଇ ଭାଇ ଜିନ୍ଦାବାଦ ଚାଲିଲା। ଖାଲି ଏତିକି ନୁହେଁ, ମଟର ସାଇକେଲର ବି କଥା ବୁଝାଗଲା। ନହେଲେ କଣ ଗାଡି ଗଡିବ। ଆଉ କର୍ମୀଙ୍କ ମଥାରେ ଦଳୀୟ ପଟି। ମତଦାନର ପୂର୍ବ ରାତି ତ ପରୀକ୍ଷାର ବେଳ। ଯେତେ ଯାହା ହେଉ ପଛେ ଭୋଟଖଣ୍ଡିକ ୨ ହଜାରରୁ କମ୍ ହେଲେ ଆଉ ଚଳୁନାହିଁ। ବିମୁଦ୍ରିକରଣରୁ କିଛି ଲାଭ ହେଉ ବା ନହେଉ, ହଜାରେ ଟଙ୍କା ଅଚଳ ହେଲା ପରେ ଏଥର ଭୋଟରଙ୍କ କଚେ ପୁଅ ବାର। ଗୋଲାପୀ ରଙ୍ଗର ୨ ହଜାର ଟଙ୍କା ଗୁଞ୍ଜି ଦେଉଛନ୍ତି ନେତାମାନେ। ତଥାପି ନେତା ଟିକେ ଟେନସନ୍‌ରେ। ପଇସା ନେଇ ବି କାଳେ ଭୋଟ ନମିଳିବ ସେଥିପାଇଁ ଏକ ଜବରଦସ୍ତ ଫଣ୍ଡା ଆପଣେଇଛନ୍ତି ନେତାମାନେ। କିଏ ପିଲାଙ୍କ ମୁଣ୍ଡ ଛୁଆଁଇ ନିୟମ କରୁଛନ୍ତି ତ ଆଉ କିଛି ନେତା ଗ୍ରାମଦେବୀର ସାକ୍ଷୀ ରଖି ଭୋଟ ମାଗୁଛନ୍ତି। ହେଲେ ଜନତା ଜନାର୍ଦ୍ଦନ ଯାହାକୁ ଚାହିଁଲେ ତାକୁ ଦେଲେ ଭୋଟ। ବାଲଟ ବକ୍ସ ଭିତରେ ନିଜ ମନପସନ୍ଦର ପ୍ରାର୍ଥୀଙ୍କ ଚିହ୍ନରେ ଦେଲେ ଭୋଟ। ତଥାପି ମନେ ପଡିଯାଉଛି ପୁରୁଣା କଥା। ଠିକ୍ ୫ ବର୍ଷ ପୂର୍ବରୁ ଏମିତି ଭଳିକି ଭଳି ନେତା ଆସିଥିଲେ ଭୋଟ ବି ମାଗିଥିଲେ, ପ୍ରତିଶୃତି ବି ଦେଇଥିଲେ। ହେଲେ ଜିତିବା ପରେ ସବୁ ଫୁସ...। ନିର୍ବାଚନ ବେଳେ ଭୋଟ ପାଇଁ ଘର ଘର ବୁଲି ଭୋଟ ମାଗିଲେ ନେତା। ଆଉ ନିର୍ବାଚନ ପରେ ନେତାଙ୍କ ଘର ଆଗରେ ଲାଗିଲା ଭୋଟରଙ୍କ ଭିଡ। ହେଲେ ଆଉ କଣ ଚିହ୍ନି ହେଉଛି। ଏବେ ପରା ସେ ସରପଞ୍ଚ।

ସରପଞ୍ଚ ବି ଜାଣିଛନ୍ତି ବିଧାୟକ ହେବା ଲୋଡା ନାହିଁ। କାହିଁକି ଏତେ ଝାମେଲାରେ ପଶିବେ, କାହିଁକି ରାଜଧାନୀ ଆସିବେ। ଗାଁରେ ଥାଇ ବ୍ୟାଙ୍କ ବାଲାନ୍ସକୁ ବଢେଇ ହେବ। ଥରେ ସରପଞ୍ଚ ହୋଇଗଲେ ତିନି ପୁରୁଷ ଆରାମରେ ଚଳିଯିବେ। କଥାଟି ହୁଏତ ସରପଞ୍ଚ ବାବୁଙ୍କୁ ଆବାଗିଆ ଲାଗିପାରେ। ହେଲେ ଏଇଟା ହିଁ ସତ। ପ୍ରତି ଯୋଜନାରେ ସରପଞ୍ଚ ବାବୁଙ୍କ ମୋଟା କମିଶନ। ଘର ତିଆରି କରିଦେଲେ ୨୦ ହଜାର, ପାଇଖାନା ପାଇଁ ଏତିକି ଛାଡିଲେ ଗାଁ ପୋଖରୀ, ରାସ୍ତା ଓ ବିଭିନ୍ନ ଉନ୍ନୟନ କାମ ପାଇଁ ବି ସରପଞ୍ଚ ବାବୁଙ୍କ ପକେଟକୁ ଆସୁଛି ମୋଟା ଅଙ୍କର ବଟି। ଆଉ କେହି କିଛି କହିବାକୁ ମୁହଁ ବି ଫିଟାଉ ନାହାନ୍ତି, କାରଣ ଲୋକାଲ ଗୁଣ୍ଡାକୁ କାହାର ଭୟ ନାହିଁ। ସମସ୍ତଙ୍କ ପାଟି ବନ୍ଦ।

ହେଲେ ନିର୍ବାଚନ ଆସିଲେ ସବୁ ସାବାଡ।

**ଭୁବନେଶ୍ୱର**
*ମୋ:୯୨୩୮୯୭୯୬୯୯*

## ଇଚ୍ଛାହୁଏ ପହଞ୍ଚିବି

*ତାରକ ମହାନ୍ତି*

ବିପରୀତ ଦିଗକୁ ମୁହଁ କରିଛି ଲୋକଟା
ସଂସାର ରହିଛି ଆଗରେ ପଛରେ
କେଉଁ ଦିଗକୁ ବାଟ ଚାଲିବ, ଭାବୁଛି ମନେ ମନେ
ସୂର୍ଯ୍ୟୋଦୟ ଘଡି ବିତିଗଲାଣି କେବେଠୁ
ପାଦ ଦେବକି ସୂର୍ଯ୍ୟାସ୍ତ ପିଠିରେ!

ଛାଇ ଆଲୁଅରେ ଖେଳ ଢ଼େର ଖେଳିଛି
ହାରିବା ଶିଖିଛି, ହେଲେ ଜିତି ପାରିନି
ଯନ୍ତ୍ରଣାର ଧାଡି ଧାଡି ଘର ଭିତରୁ
ପଦାକୁ ମୁହଁକାଢ଼ି ଚାହିଁଛି ବାରମ୍ବାର
ଦେଖିଛି ମରଣର ଭୟ
ଆତୁର ସମୟରେ ଗୋଧୂଳିର ଚିତ୍ର
ହେଲେ ରହି ପାରିନି ପ୍ରେମରେ।

ବହଳ ଅନ୍ଧାର ଭିତରୁ ଚିହ୍ନି ନେଇଛି
କୋମଳ ହୃଦୟର ପ୍ରିୟଜନମାନଙ୍କୁ
ଫୁଲ୍ ଓ ଭଅଁରଙ୍କ ବିଷୟରେ ଅନେକ
କଥା ହୋଇଛି ଜଂଜାଳ ଭିତରେ,
ହେଲେ ମୁକୁଳିପାରିନି ମୋହ ମାୟାରୁ
କୁଢ଼ କୁଢ଼ ଶବ୍ଦଙ୍କ ମେଳରେ
ରାତି ବିତାଇଛି, ଶୋଇ ପାରିନି
ସ୍ୱପ୍ନକୁ ଥରୁଟିଏ ଛୁଇଁ ପାରିନି ସତରେ!

ଏବେ କୋଉ ମାଇଲ୍ ମାଇଲ୍ ଦୂରରେ
ପବନରେ ବାତେନି ଓ ପ୍ରେମ ଗୀତ
ଯମ ଖାତାରେ ନାଁ ଚଢ଼ିଛି ବୋଲି
ଖବର ଆସିନଥିଲେ ସୁଦ୍ଧା
ଇଚ୍ଛାହୁଏ ବାଟ ପହଞ୍ଚିବି ପୁଣି ସେହି
ମୋହଭଙ୍ଗ ଅଜଣା ବାଟରେ।

*ସେକ୍ଟର ୨/୨୮୯, ନୀଳାଦ୍ରି ବିହାର
ଭୁବନେଶ୍ୱର-୨୧*

## ଅପରାଜିତ

**ଡ. ମୌସୁମୀ ପରିଡା**

ଚୋରି ହୋଇଯାଇଥିବା
ସକାଳଟେ ପାଇଁ
ଖଞ୍ଜି ରଖିଥିଲି ସତେଜ ରଙ୍ଗ
ଓ କିଛି ପ୍ରାର୍ଥନା।
କେବେଦିନେ ସତେଜ ପତ୍ର
ନ କଅଁଳିବାର ସମ୍ଭାବନାରେ
ବିଳପିତ ଥୁଣ୍ଟା ଡାଳଟେ ପାଇଁ
ମନ ଭିତରେ ଖୁନ୍ଦି ଦେଇଥିଲି
ବେଶ୍ କିଛି ଆଶିଷ ଓ ଅନୁରାଗ।
ଘାସଟେ ବି ଉଠିନଥିବା
ସେ ଲଣ୍ଡା ପାହାଡ ପାଇଁ
ମନାସିଥିଲି ଶ୍ରାବଣର ସଙ୍ଗ
ନହେଲେ ଫଗୁଣର ରଙ୍ଗ।

ନିର୍ବାସିତ ଅନୁଭବକୁ ଦୂରରେ
ଛାଡି ଆସିବା ପରେ...
ପାଦରୁ ଖୋଲି ଦେଇଥିଲି ପାଉଁଜି।
କାଳେ ତା' ଶବ୍ଦରେ ଭାଙ୍ଗିଯିବ
ଯୋଗିନୀର ସାଧନା...
ଜଂଗଲର ନୀରବ ପ୍ରାର୍ଥନା...!
ମିଛ ଆବରଣ ଓ ଆଭରଣମାନଙ୍କୁ
ଫିଙ୍ଗି ଦେଇଥିଲି ନଦୀରେ
ଈଶ୍ୱରଙ୍କଠୁ ମୁକୁଳି ହୁଏନା ବୋଲି।
ଏବେ ରାତି ତମାମ ଚାଲିବାର ଅଛି...
ଚୋରି ହୋଇଯାଇଥିବା ସକାଳକୁ
ପୁନଃରୋପଣ କରିବାକୁ
ନୂତନ ସୂର୍ଯ୍ୟୋଦୟଟେ ଅପେକ୍ଷା କରିଛି!

*ମାର୍ଫତ୍ - ଡାକ୍ତର ସାରଦା ପ୍ରସନ୍ନ ସ୍ୱାଇଁ
ଘର ନଂ- ୩ଆର/୪
ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର
ଜଗତସିଂହପୁର*

# ପାରାଦୀପ ନିକଟରେ ହେବ ଅତ୍ୟାଧୁନିକ ଟ୍ରକ୍ ଟର୍ମିନାଲ

**ଭୁବନେଶ୍ୱର :** ବହୁ ପୁରାତନ ପାରାଦୀପ ବନ୍ଦରକୁ ଗମନାଗମନର ଅସୁବିଧା ଏବଂ ପରିବେଶ ପ୍ରଦୂଷଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ପାରାଦୀପର ଭୂତମୁଣ୍ଡେଇଠାରେ ଏକ ଅତ୍ୟାଧୁନିକ ଟ୍ରକ ଟର୍ମିନାଲ କରାଯିବାକୁ ପ୍ରସ୍ତାବ ରହିଛି । ତେବେ ଏନେଇ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଆସିଥିବା ପ୍ରସ୍ତାବକୁ ତୁରନ୍ତକାର୍ଯ୍ୟକାରୀ କରିବାକୁ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି । ସଚିବାଳୟରେ ଏନେଇ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ମୁଖ୍ୟ ସଚିବ ଶ୍ରୀ ପାଢ଼ୀଙ୍କୁ ପରିବହନ ବିଭାଗ ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁଯାୟୀ ପାରାଦୀପ ବନ୍ଦରକୁ ସଂଯୋଗ କରୁଥିବା ରାସ୍ତାଗୁଡିକ ସବୁବେଳେ ଭିଡ଼ ଲାଗି ରହୁଛି । ଅନେକ ସମୟରେ ହରତାଳ, ବନ୍ଦଡାକରା ଯୋଗୁଁ ପରିସ୍ଥିତି ଅଣାୟତ ହେଉଛି । ଏହାଦ୍ୱାରା ପରିବେଶ ପ୍ରଦୂଷଣ ହେବା ସହିତ ସ୍ଥାନୀୟ ବାସିନ୍ଦାଙ୍କ ସ୍ୱାସ୍ଥ୍ୟ ଉପରେ ମଧ୍ୟ କୁପ୍ରଭାବ ପଡୁଛି । ଏସବୁକୁ ନଜରରେ ରଖି ପାରାଦୀପର ଭୂତମୁଣ୍ଡେଇଠାରେ ୩୫ ଏକର ଜମି ଚିହ୍ନଟ ହୋଇଛି । ସେଠାରେ ୱେବ୍ରିଜ୍, ପେଟ୍ରୋଲ ପମ୍ପ, ଶୀତଳ ଭଣ୍ଡାର, ବ୍ୟାଙ୍କ, ପାନୀୟଜଳ ପ୍ରକଳ୍ପ, ଶୌଚାଳୟ, ବିଭିନ୍ନ ସରକାରୀ କାର୍ଯ୍ୟାଳୟ ସହିତ ହୋଟେଲ ଓ ଲଜିଂର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବରେ ରଖାଯାଇଛି । ପାରାଦ୍ୱୀପ ପୋଟ୍ ଟ୍ରଷ୍ଟ(ପିପିଟି) ସହିତ ସହଭାଗିତାରେ ଏହି ଟ୍ରମିନାଲ କରାଯିବାକୁ ପ୍ରସ୍ତାବ ରହିଥିବାବେଳେ ଏଠାରେ ୧୫୦୦ରୁ ଅଧିକ ଟ୍ରକ ପାର୍କିଂ କରିବାର ବ୍ୟବସ୍ଥା କରାଯିବ । ଏବେ ଏଠାରେ ୧୨୦୦ରୁ ଅଧିକ ଟ୍ରକ ପାର୍କି କରୁଥିବାବେଳେ ଆଗାମୀ ଦିନରେ ଏସବୁର ସୁବ୍ୟବସ୍ଥା ପାଇଁ ପ୍ରସ୍ତାବରେ ରହିଥିବା ବୈଠକରୁ ଜଣାଯାଇଛି । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ଆର୍ ବାଲ୍କ୍ରିଷ୍ଣନ୍ଙ୍କ ସହିତ ଶିଳ୍ପ ସଚିବ ସଞ୍ଜୀବ ଚୋପ୍ରା, ବାଣିଜ୍ୟ ଓ ପରିବହନ ସଚିବ ସଞ୍ଜୟ ରସ୍ତୋଗୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସଚିବ ଡା. ମୋନା ଶର୍ମା, ପୂର୍ତ୍ତ ସଚିବ ନଳିନୀକାନ୍ତ ପ୍ରଧାନ, ଇଡ୍କୋ ସିଏମ୍ଡି ସଞ୍ଜୟ କୁମାର ସିଂହ, ପିଟିଆଇ ଅଧ୍ୟକ୍ଷ ରିଙ୍କେଶ ରୟ, ପିପିପି ପରାମର୍ଶଦାତା ଶୁଭ୍ର ରଞ୍ଜନ ମିଶ୍ର ଓ ଏନ୍ଏଚ୍ଏଆଇର ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ ।

### ଷ୍ଟାଟ୍‌ଅପ୍ ଓଡ଼ିଶା ହେଲ୍‌ପ ଲାଇନ୍ ଉନ୍ମୋଚିତ

# କ୍ଷୁଦ୍ର ଶିଳ୍ପ ଲାଗି ଚୁକ୍ତିନାମା

**ଭୁବନେଶ୍ୱର :** ରାଜ୍ୟରେ ନୂତନ ଉଦ୍ୟୋଗପତି ସୃଷ୍ଟି କରିବା, ଷ୍ଟାଟ୍ଅପ୍‌ମାନଙ୍କୁ ପ୍ରୋତ୍ସାହନ ଯୋଗାଇଦେବା ଏବଂ ଯୁବକମାନଙ୍କଠାରେ ଥିବା ଅନ୍ତର୍ନିହିତ ଜ୍ଞାନକୁ ନେଇ ବ୍ୟବସାୟରେ ଲଗାଇବାପାଇଁ ସରକାରଙ୍କ ପକ୍ଷରୁ ଓଡ଼ିଶା ଷ୍ଟାଟ୍ଅପ୍ ନୀତି-୨୦୧୬ ପ୍ରଣୟନ କରାଯାଇଛି । ଗତବର୍ଷ ବାଙ୍ଗାଲୋରଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏନେଇ ଏକ କାର୍ଯ୍ୟକ୍ରମ ହୋଇ ସାରିଥିବାବେଳେ ଏହାକୁ ତୃଣମୂଳସ୍ତରରେ ପହଞ୍ଚାଇବାପାଇଁ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ)ବିଭାଗ ପକ୍ଷରୁ ଇତିମଧ୍ୟରେ ମାର୍ଗଦର୍ଶିକା ପ୍ରକାଶ ପାଇଛି । ଏହାସତ୍ତ୍ୱେ ବାସ୍ତବରେ ଷ୍ଟାଟ୍ଅପ୍ ନୀତିକୁ କାର୍ଯ୍ୟକାରୀ କରିବାପାଇଁ ତଥା ଗ୍ରାମାଞ୍ଚଳର ଯୁବ ଉଦ୍ୟୋଗୀଙ୍କୁ ବିଶ୍ୱସ୍ତରର ଜ୍ଞାନ ଓ ମାର୍ଗ ଦେଖାଇବାପାଇଁ ସରକାରଙ୍କ ପକ୍ଷରୁ ମାଗଣା ହେଲ୍‌ପ ଲାଇନ ନମ୍ବର-୧୮୦୦୩୪୫୭୧୦୦ଉନ୍ମୋଚନ କରାଯାଇଛି । ଏହାଦ୍ୱାରା ଷ୍ଟାଟ୍ଅପ୍‌ମାନଙ୍କୁ ହାତ ପାଆନ୍ତାରେ ଜମି, ଅର୍ଥ, ବଜାର ଭଳି ସମସ୍ତ ପ୍ରକାର ସୁବିଧା ସୁଯୋଗ ଦେଇ ଏମ୍ଏସ୍ଏମ୍ଇ ସେକ୍ଟରକୁ ବୁଦ୍ଧିମନ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ।

ବୁଧବାର ସଚିବାଳୟରେ ଷ୍ଟାଟ୍ଅପ୍ ଓଡ଼ିଶା ମାଗଣା ଟୋଲ ଫ୍ରୀ ନମ୍ବରକୁ ଉନ୍ମୋଚନ କରି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଷ୍ଟାଟ୍ଅପ୍‌ମାନଙ୍କୁ ଅତ୍ୟାଧୁନିକ ଜ୍ଞାନକୌଶଳ ଯୋଗାଇଦେବା ଏବଂ ବୈଷୟିକ ସହାୟତା ଯୋଗାଇବା ପାଇଁ ସରକାର ଆଜି ଇନ୍‌ଭେଷ୍ଟ ଇଣ୍ଡିଆ ସହିତ ମଧ୍ୟ ଏକ ଚୁକ୍ତିନାମା ସମ୍ପାଦନା କରିଛନ୍ତି । ଏହାଦ୍ୱାରା ଇନ୍‌ଭେଷ୍ଟ ଇଣ୍ଡିଆ ରାଜ୍ୟରେ ମୁଖ୍ୟତଃ ଖାଦ୍ୟ ପ୍ରକ୍ରିୟାକରଣ, ମସଲା ଉତ୍ପାଦନ ଏବଂ କୃଷି ଉତ୍ପାଦନ ବୃଦ୍ଧି କରାଇବାରେ ସହାୟକ ହେବ ।

ଏଥିରେ ଏମ୍ଏସ୍ଏମ୍ଇ ମନ୍ତ୍ରୀ ଯୋଗେନ୍ଦ୍ର ବେହେରା ଷ୍ଟାଟ୍ଅପ୍ ନୀତି ଅନୁଯାୟୀ ରାଜ୍ୟରେ ୨୪ଟି କ୍ଷେତ୍ରରେ ୨୨୫ଟି ଷ୍ଟାଟ୍ଅପ୍ କାର୍ଯ୍ୟକ୍ଷମ ହେବାକୁ ରହିଥିବାବେଳେ ୨୦୨୦ ସୁଦ୍ଧା ଏହି ସଂଖ୍ୟା ୧୦୦୦ଷ୍ଟାଟ୍ଅପ୍‌କୁ ଛୁଇଁବ । ଏହାଦ୍ୱାରା ଗୋଟିଏ ପଟେ ବେକାରୀ ସମସ୍ୟା ଦୂରୀକରଣ ହେବା ସହିତ ରାଜ୍ୟର ଆର୍ଥିକ ଅଭିବୃଦ୍ଧି ହେବ ବୋଲି ମନ୍ତ୍ରୀ ଶ୍ରୀ ବେହେରା କହିଛନ୍ତି । କାର୍ଯ୍ୟକ୍ରମରେ ଏମ୍ଏସ୍ଏମ୍ଇ ପ୍ରମୁଖ ସଚିବ ଲକ୍ଷ୍ମୀନାରାୟଣ ଗୁପ୍ତା ରାଜ୍ୟରେ ଷ୍ଟାଟ୍ଅପ୍‌ନୀତିକୁ ଠିକଣା ଭାବେ କାର୍ଯ୍ୟକାରୀ କରିବାପାଇଁ ଏହି ମାଗଣା ହେଲ୍‌ପ ଲାଇନ ନମ୍ବର ବହୁ ଗୁରୁତ୍ୱ ବହନ କରିବ ବୋଲି କହିଥିଲେ । ଏହାଦ୍ୱାରା ତୃଣମୂଳସ୍ତରର ଯୁବବର୍ଗଙ୍କୁ ଘରେ ବସି ସବୁ ପ୍ରକାର ସୁବିଧା ସୁଯୋଗ ଯୋଗାଇ ବିଶ୍ୱ ସହ ଯୋଡିବାକୁ ପ୍ରୟାସ କରାଯାଇଛି । ଖୁବ୍‌ଶୀଘ୍ର ଷ୍ଟାଟ୍ଅପ୍ ପୋଟାଲ ମଧ୍ୟ ଖୋଲାଯାଇ ଏମ୍ଏସ୍ଏମ୍ଇ ସେକ୍ଟରକୁ ବ୍ୟାପକ କରାଯିବ ବୋଲି ଶ୍ରୀ ଗୁପ୍ତା କହିଥିଲେ । ଏଥିରେ ଇନ୍‌ଭେଷ୍ଟ ଇଣ୍ଡିଆର ସିଇଓ ଦୀପକ ବାଗଲା ଯୋଗଦେଇ ଓଡ଼ିଶା ସରକାରଙ୍କ ଏହି ଉଦ୍ୟମ ଯୁବ ଉଦ୍ୟୋଗୀଙ୍କ ପାଇଁ ସବୁ ପ୍ରକାର ବାଟ ଖୋଲିଲା ବୋଲି କହିଥିଲେ । ସେ କହିଥିଲେ ଯେ ଜଣେ ଉଦ୍ୟୋଗପତି ହେବାପାଇଁ ସରକାରଙ୍କ ପକ୍ଷରୁ ନୀତିରେ ସବୁ ପ୍ରକାର ସୁବିଧା ରହିଥିବାବେଳେ ଇନ୍‌ଭେଷ୍ଟ ଇଣ୍ଡିଆ ଏଥିରେ ବୈଷୟିକ ସହାୟତା ଏବଂ ବଜାରୀକରଣର ସୁବିଧା ଯୋଗାଇ ଦେବ । ଯାହାକି ଷ୍ଟାଟ୍ଅପ୍‌ମାନଙ୍କୁ ଆଗକୁ ବଢ଼ିବାରେ କୌଣସି ଅସୁବିଧା ରହିବ ନାହିଁ ବୋଲି ଶ୍ରୀ ବାଗଲା କହିଥିଲେ । ଏହି ଅବସରରେ ଇନ୍‌ଭେଷ୍ଟ ଇଣ୍ଡିଆ(ଆଇଆଇ) ସହିତ ଚୁକ୍ତିନାମାରେ ଆଇଆଇ ସିଇଓ ଶ୍ରୀ ବାଗଲା ଏବଂ ଏମ୍ଏସ୍ଏମ୍ଇ ପ୍ରମୁଖ ସଚିବ ଶ୍ରୀ ଗୁପ୍ତା ଚୁକ୍ତିନାମା ସମ୍ପାଦନା କରିଥିଲେ । କାର୍ଯ୍ୟକ୍ରମରେ ଶିଳ୍ପମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ମୁଖ୍ୟ ଶାସନସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ, ଉନ୍ନୟନ କମିଶନର ଆର୍ ବାଲ୍କ୍ରିଷ୍ଣନ, ଅର୍ଥବିଭାଗ ପ୍ରମୁଖ ସଚିବ ତୁହିନକାନ୍ତ ପାଣ୍ଡେ, ଜଙ୍ଗଲ ଓ ପରିବେଶ ବିଭାଗ ପ୍ରମୁଖ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ରାଜସ୍ୱ ବିଭାଗ ପ୍ରମୁଖ ସଚିବ ଡ. ମୋନା ଶର୍ମା, ଶ୍ରମସଚିବ ଜି ଶ୍ରୀନିବାସ, ସାଧାରଣ ପ୍ରଶାସନ ବିଭାଗ ସ୍ୱତନ୍ତ୍ର ସଚିବ ଅଶୋକ କୁମାର ମୀନା, ଦକ୍ଷତା ଓ ବିକାଶ କର୍ତ୍ତୃପକ୍ଷ ସୁବ୍ରତ ବାଗଚୀଙ୍କ ସହିତ ବହୁ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ ।



ଭୁବନେଶ୍ୱର : ଓଃ... କି ଖରା

# ୩୧ ମଧ୍ୟରେ ଏନ୍ଏଚ୍‌ରୁ ମଦ ଦୋକାନ ନ ହଟିଲେ ବନ୍ଦ ହେବ

**ଭୁବନେଶ୍ୱର :** ଆସନ୍ତା ୩୧ ତାରିଖ ସୁଦ୍ଧା ରାଜ୍ୟ ଓ ଜାତୀୟ ରାଜପଥ ପାର୍ଶ୍ୱସ୍ଥ ମଦ ଦୋକାନ ସ୍ଥାନାନ୍ତର ନ ହେଲେ ଏହାର ନବୀକରଣ ହେବ ନାହିଁ ଏବଂ ଏପ୍ରିଲ ୧ ତାରିଖରୁ ବନ୍ଦ କରି ଦିଆଯିବ ବୋଲି ସରକାରୀ ସ୍ତରରେ ନିଷ୍ପତ୍ତି ନିଆଯାଇଛି । ସଚିବାଳୟରେ ଅନୁଷ୍ଠିତ ବୈଠକରେ ଅଧକ୍ଷତା କରି ଏହି ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ମୁଖ୍ୟ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ । ରାଜ୍ୟ ରାଜପଥ ଓ ଜାତୀୟ ରାଜପଥ ପାର୍ଶ୍ୱରୁ ମଦ ଦୋକାନ ହଟାଇବା ନିମନ୍ତେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି ରାଜ୍ୟ ସରକାର । ଏ ସମ୍ପର୍କରେ ଅବକାରୀ ବିଭାଗ ପକ୍ଷରୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହି ଦୋକାନଗୁଡ଼ିକୁ ରାଜପଥରୁ ଅନ୍ୟୂନ ୫୦୦ ମିଟର ପର୍ଯ୍ୟନ୍ତ ସ୍ଥାନାନ୍ତର କରାଯିବା ନିମନ୍ତେ ଜିଲ୍ଲାପାଳ ଓ ଏସ୍‌ପିମାନେ ପଦକ୍ଷେପ ନେବାକୁ କହିଛନ୍ତି ମୁଖ୍ୟ ଶାସନ ସଚିବ । ଏ ସମ୍ପର୍କରେ ସମୀକ୍ଷା କରିବା ପରେ ମୁଖ୍ୟ ଶାସନ ସଚିବ ଶ୍ରୀ ପାଢ଼ୀ କହିଛନ୍ତି ଯେ ରାଜ୍ୟ ଓ ରାଜପଥର ୫୦୦ ମିଟର ଦୂରତା ମଧ୍ୟରେ ୧୭୧୨ଟି ମଦ ଦୋକାନ ରହିଛି । ଏହି ମଦ ଦୋକାନଗୁଡ଼ିକୁ ୩୧ ତାରିଖ ସୁଦ୍ଧା ସ୍ଥାନାନ୍ତର କରିବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଯେଉଁ ଦୋକାନଗୁଡ଼ିକ ଏହି ସମୟ ମଧ୍ୟରେ ସ୍ଥାନାନ୍ତର ହେବ ନାହିଁ ତାହାକୁ ୧ ତାରିଖରୁ ବନ୍ଦ କରି ଦିଆଯିବ ଏବଂ ନବୀକରଣ କରାଯିବ ନାହିଁ । ବୈଠକରେ ଅବକାରୀ ସଚିବ ବିଷ୍ଣୁପଦ ସେଠୀ ଏ କ୍ଷେତ୍ରରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପ୍ରମୁଖ ସଚିବ ଡ଼. ମୋନା ଶର୍ମା, ପୂର୍ତ୍ତ ସଚିବ ନଳିନୀକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ କେନ୍ଦ୍ର ସରକାରଙ୍କ ପରିବହନ ମନ୍ତ୍ରାଳୟ ୨୦୧୩ରେ ରାଜପଥ ପାର୍ଶ୍ୱରେ ମଦ ଦୋକାନ ପ୍ରଚଳନ ନ କରିବା ପାଇଁ ସବୁ ରାଜ୍ୟକୁ ଚିଠି ଲେଖିଥିଲେ ଓ ତଦନୁସାରେ ରାଜ୍ୟ ସରକାର ମଦ ଦୋକାନଗୁଡ଼ିକୁ ୫୦ ମିଟର ଦୂରକୁ ସ୍ଥାନାନ୍ତର ନିର୍ଦ୍ଦେଶ ଦେଇଥିଲେ । ଏହି କ୍ରମରେ ୬୫୦ ଦୋକାନକୁ ୫୦ ମିଟର ଦୂରତାକୁ ସ୍ଥାନାନ୍ତରିତ କରାଯାଇଥିଲା । ମାତ୍ର ସୁପ୍ରିମକୋର୍ଟ ପରବର୍ତ୍ତୀ ସମୟରେ ରାଜପଥ ଓ ରାଜ୍ୟ ରାଜପଥ ପାର୍ଶ୍ୱରେ ଥିବା ମଦ ଦୋକାନଗୁଡ଼ିକୁ ୫୦୦ ମିଟର ଦୂରକୁ ସ୍ଥାନାନ୍ତର ନିମନ୍ତେ ସବୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି ।

# ଲୋକଙ୍କ ଆଖିରୁ ନିଦ ହଜାଉଛି ଜଣ୍ଡିସ୍

**କଟକ :** କଟକ ସହରରେ ଜଣ୍ଡିସ୍ ଥମିବାର ନାଁ ଧରୁନି । ଗତ ୪ବର୍ଷ ହେଲା ଶୀତ ଋତୁର ଶେଷଭାଗରେ ଜଣ୍ଡିସ୍ ଏହି ସହରକୁ କବ୍‌ଜା କରି ନେଉଛି । ଏଥିରେ ୧୦ରୁ ଊର୍ଦ୍ଧ୍ୱ ଜୀବନଦୀପ ଲିଭି ଯାଇଥିବାବେଳେ ଶହଶହ ବ୍ୟକ୍ତି ଆକ୍ରାନ୍ତ ହୋଇଛନ୍ତି । ପ୍ରତିବର୍ଷ ସହରର ଗୋଟିଏ ପରେ ଗୋଟିଏ ସାହିକୁ କାମଳ ବ୍ୟାପିବାରେ ଲାଗିଥିଲାବେଳେ ପ୍ରଶାସନର ପଦକ୍ଷେପ ଆଖିଦୃଶିଆ ହୋଇପାରୁନାହିଁ । ସହରର ପ୍ରଦୂଷିତ ପାନୀୟ ଜଳ ଓ ପରିବେଶକୁ ସୁଧାରିବାରେ ସକ୍ଷମ ହୋଇପାରୁନି ପ୍ରଶାସନ । ଗତବର୍ଷ କାମଳରେ ୨୦୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହୋଇଥିବାବେଳେ ଚଳିତବର୍ଷ ଏ ପର୍ଯ୍ୟନ୍ତ ୧୬୭ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହୋଇସାରିଲେଣି । କାମଳ ପ୍ରତିଶେଧକରେ ପ୍ରଶାସନ ସଫଳ ହୋଇନଥିବାରୁ କାମଳ ଆକ୍ରାନ୍ତ ଓ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ସମ୍ଭାବନା ସୃଷ୍ଟି ହୋଇଛି । ଆଜି ଗୋଟିଏ ଦିନରେ କାମଳରେ ୩୧ ଜଣ କାମଳରେ ଆକ୍ରାନ୍ତ ହୋଇ ଚିକିତ୍ସା ପାଇଁ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଜଣାପଡିଛି । କାମଳ ନିୟନ୍ତ୍ରଣ ପାଇଁ କଟକ ମହାନଗର ନିଗମ(ସିଏମ୍‌ସି), ଜନସ୍ୱାସ୍ଥ୍ୟ ବିଭାଗ ଓ ଜିଲା ପ୍ରଶାସନ ପକ୍ଷରୁ କାମଳ ନିୟନ୍ତ୍ରଣ ସକାଶେ ପଦକ୍ଷେପ ନେଇଥିଲେ ମଧ ତାହାର ସଫଳତା ମିଳିପାରୁନାହିଁ । କେନ୍ଦ୍ର ସରକାର ଅମୃତ ଯୋଜନାରେ ସହରବାସୀଙ୍କୁ ବିଶୁଦ୍ଧପାନୀୟ ଜଳ ଯୋଗାଇ ଦେବା ପାଇଁ ୭୬ କୋଟି ଟଙ୍କା ଯୋଗାଇ ଦେଇଥିଲେ । ଉକ୍ତ ଅର୍ଥର ୩୦ପ୍ରତିଶତ ବି ବିଭାଗ ଖର୍ଚ୍ଚ କରିବାରେ ସମର୍ଥ ହୋଇପାରିନଥିବା ଜଣାପଡିଛି । ନିୟନ୍ତ୍ରଣରେ ପ୍ରଶାସନର ଆନ୍ତରିକତା ଅଭାବରୁ ପ୍ରତିବର୍ଷ ସହରରେ କାମଳ ଭୟଙ୍କର ରୂପ ନେଇଚାଲିଛି ।

ଦୀର୍ଘଦିନ ଧରି ସହରରେ ପରିମଳ ଓ ପାନୀୟଜଳ ଯୋଗାଣ ସଠିକଭାବେ ହେଉନାହିଁ । ବହୁ ଅଞ୍ଚଳରେ ପୁରୁଣା ଓ ଫଟା ପାଇପରେ ପାନୀୟଜଳ ଯୋଗାଣ ହେଉଥିବାବେଳେ ଏହାକୁ ବଦଳାଇବା ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯାଉନାହିଁ । ଏ ପର୍ଯ୍ୟନ୍ତ ବହୁ ଅଞ୍ଚଳରେ ପୁରୁଣା ପାଇପଲାଇନ ପରିବର୍ତ୍ତନ ସମ୍ଭବ ହୋଇପାରିନାହିଁ । ଜାଇକା କାର୍ଯ୍ୟ ଯୋଗୁଁ ବିଭିନ୍ନ ସ୍ଥାନରେ ରାସ୍ତା ଖୋଳାଯିବା ଦ୍ୱାରା ପାଣିପାଇପ୍ ଫାଟି ଯାଉଛି । ଏଥିରେ ଡ୍ରେନ୍ ପାଣି ମିଶୁଛି । ଅନେକ ଅଞ୍ଚଳରେ ଏବେ ବି ବହୁଲୋକ ସେହି ପୁରୁଣା ପାଇପ ଲାଇନରେ ଯୋଗାଣ ହେଉଥିବା ପାନୀୟଜଳକୁ ପିଇବାକୁ ବାଧ୍ୟ ହେଉଛନ୍ତି । ୨୦୧୪ ମସିହାରେ ପ୍ରଥମଥର ପାଇଁ ସହରରେ କାମଳ ରୋଗ ଦେଖାଦେଇଥିଲା । ଅକ୍ଟୋବର ମାସରେ କଟକ ମହାନଗର ନିଗମର ୨୦ନମ୍ବର ୱାର୍ଡ ଅନ୍ତର୍ଗତ ଫିରିଙ୍ଗିବଜାର ଅଞ୍ଚଳରେ କାମଳ ରୋଗୀ ଚିହ୍ନଟ ହୋଇଥିଲେ । ଏହି ସାହିର ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି କାମଳରେ ଆକ୍ରାନ୍ତ ହୋଇଥିଲେ । ପ୍ରାଥମିକ ଚିକିତ୍ସା ପରେ ରୋଗ ନିୟନ୍ତ୍ରଣ ହୋଇଥିଲା । କାମଳର ସ୍ଥାୟୀ ପ୍ରତିକାର ପାଇଁ ସିଏମ୍‌ସି କିମ୍ବା ଜନସ୍ୱାସ୍ଥ୍ୟ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନଥିଲା । ପ୍ରଶାସନର ଖାମଖିଆଲ ପଦକ୍ଷେପ ଯୋଗୁଁ ୨୦୧୫ରେ କାମଳ ପୁଣି ସହରକୁ ଫେରିଥିଲା । ଯୋବ୍ରାର ପାରେଶ୍ୱର ସାହିରୁ କାମଳ ରୋଗୀ ଚିହ୍ନଟ ହୋଇଥିଲା । ପରେ ପରେ ଏହା ବିଭିନ୍ନ ସାହିକୁ କାୟା ବିସ୍ତାର କରିଚାଲିଥିଲା । ନିଗମର ପ୍ରାୟ ୨୫ଟି ୱାର୍ଡବାସୀ କାମଳରେ ପ୍ରଭାବିତ ହୋଇଥିଲେ । ଏହିବର୍ଷ କାମଳରେ ୬ରୁ ଊର୍ଦ୍ଧ୍ୱ ବ୍ୟକ୍ତି ମୃତ୍ୟୁବରଣ କରିଥିଲେ ମଧ ପ୍ରଶାସନ ପକ୍ଷରୁ ତାହାକୁ ସ୍ୱୀକାର କରାଯାଇନଥିଲା । ନାୟକସାହି, ପଟ୍ଟାପୋଲ, ଯୋବ୍ରା ସମାଧିପାଟଣା, ଥୋରିଆସାହି, ବଡେଇସାହି, ଗହ୍ମାଡିଆ, ମଙ୍ଗଳାବାଗ, ସୂତାହାଟ, ରାଣୀହାଟ ପ୍ରଭୃତି ଅଞ୍ଚଳର ଶହଶହ ଲୋକ କାମଳରେ ଆକ୍ରାନ୍ତ ହୋଇଥିଲେ । ଗୋଟିଏ ପରେ ଗୋଟିଏ ଅଞ୍ଚଳକୁ କାମଳ ବ୍ୟାପିବାରୁ ସହରବାସୀ ଏକପ୍ରକାର ଆତଙ୍କିତ ହୋଇପଡିଥିଲେ । କାମଳ ଆକ୍ରାନ୍ତଙ୍କ ରକ୍ତ ନମୁନାରେ ହେପାଟାଇସ 'ଇ' ରହିଥିବା ଜଣାପଡିଥିଲା । ବେଆଇନ ପାଣି ପାଇପ କାଟିବା ସହିତ ପୁରୁଣା ପାଣି ପାଇପ ପରିବର୍ତ୍ତନ, ସ୍ୱାସ୍ଥ୍ୟସେବା ଓ ସଚେତନତା ଶିବିର କରାଯିବା ପରେ କାମଳ ନିୟନ୍ତ୍ରଣକୁ ଆସିଥିଲା । କାମଳ ପ୍ରତିକାର ପାଇଁ ପାଇପଲାଇନ ପରିବର୍ତ୍ତନ କାର୍ଯ୍ୟକୁ ତ୍ୱରାନ୍ୱିତ କରାନଯିବାରୁ ୨୦୧୬ରେ ପୁଣି ଫେବୃଆରୀରେ କାମଳ ଦେଖାଦେଇଥିଲା । ପଟ୍ଟାପୋଲ ସମେତ ଥୋରିଆସାହି, ମେରିଆବଜାର, ସାଆନ୍ତସାହି, କାଫଲାବଜାର, ଦେଉଳସାହି ପ୍ରଭୃତି ଅଞ୍ଚଳରେ କାମଳ ରୋଗୀ ଚିହ୍ନଟ ହୋଇଥିଲେ । ଏହିବର୍ଷ ବି ୨୦୦ରୁ ଊର୍ଦ୍ଧ୍ୱ ରୋଗୀ କାମଳରେ ଆକ୍ରାନ୍ତ ହୋଇଥିବାବେଳେ ୨ଜଣଙ୍କର କାମଳରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା । ପୂର୍ବବର୍ଷ ପରି ଗତବର୍ଷ ମଧ ତାଳିପକା ଢଙ୍ଗରେ କାମଳ ନିୟନ୍ତ୍ରଣ କରାଯାଇଥିଲା । କାମଳ ପ୍ରଭାବିତ ଅଞ୍ଚଳରେ ପାଇପ ବଦଳାଇବା ସହ ବେଆଇନ ପାଣି ସଂଯୋଗକାରୀଙ୍କୁ ଚିହ୍ନଟ କରାଯାଇ ପ୍ରଶାସନ ତାର ଦାୟିତ୍ୱ ଶେଷ ନକରି ପରବର୍ତ୍ତୀ ପଦକ୍ଷେପ ପାଇଁ କାର୍ଯ୍ୟପନ୍ଥା ଗ୍ରହଣ କରିବାର ଆବଶ୍ୟକତା ରହିଛି ।

# 'ସୁରକ୍ଷାରୁ ବଞ୍ଚିତ ହେଲେ ଶିଶୁର ବିକାଶ ଅସମ୍ଭବ'



**ଭୁବନେଶ୍ୱର :** ପ୍ରତ୍ୟେକ ଶିଶୁ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ ଓ ସୁରକ୍ଷା ଆବଶ୍ୟକ ଥିଲା ବେଳେ ଏଥିରୁ ବଞ୍ଚିତ ହେଲେ ଶିଶୁଟିର ବିକାଶ ଅସମ୍ଭବ । କୋଣ ଠେସା ଓ ଅବହେଳିତ ହୋଇ ରହିଯାଉଥିବା ଶିଶୁମାନଙ୍କୁ ତୃଣମୂଳ ସ୍ତରରେ ଚିହ୍ନଟି କରଣ ଓ ବ୍ୟାପକ ସମନ୍ୱୟତା ମାଧ୍ୟମରେ ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ପଡ଼ିବ । ଶିଶୁ ପାଇଁ ଲୋଡା ଶିଶୁ ଶ୍ରମିକ ମୁକ୍ତ ସହର । ଯେଉଁଠାରେ ଶିଶୁଟି ପାଠ ପଢ଼ିବାକୁ ଯାଉଥିବ ଓ ନିଜର ଲୁକ୍କାୟିତ ପ୍ରତିଭାକୁ ପ୍ରତିପାଦନ କରିପାରୁଥିବ, ତେବେ ଯାଇ ଶିଶୁ ସାଥୀ ସହର ହୋଇ ପାରିବ ବୋଲି ଚାଇଲ୍ଡ ମେଡିଆ କ୍ଲବ୍‌ର ବିକାଶ ସାହୁ କହିଛନ୍ତି । ଶିଶୁ ସାଥି ଓ ଶିଶୁ ନିର୍ଯ୍ୟାତନା ବିହୀନ ସହରର ସ୍ୱତନ୍ତ୍ର ପ୍ରକଳ୍ପ ବାବଦରେ ଶିଶୁ ମହାସଂଘର ପ୍ରତିନିଧି ଅରୂପ୍ରୀୟା ମହାରଣା ପ୍ରକଳ୍ପ ମାଧ୍ୟମରେ ପ୍ରଦର୍ଶନୀ ସମ୍ପର୍କରେ କହିଥିଲେ ।ସରକାରଙ୍କ ବିଭିନ୍ନ ବିଭାଗରେ ଶିଶୁଙ୍କ ପାଇଁ ଅଧିକ ଦାୟିତ୍ୱ ରହିଲେ ଶିଶୁମାନେ ଉତ୍ତମ ରୂପେ ଗଢ଼ିହେବା ସହ ସୁରକ୍ଷିତ ରହିପାରିବେ ବୋଲି ମତ ରଖିଥିଲେ ସି.ସି.ଡବ୍ଲ୍ୟୁ.ଡିର ସମ୍ପାଦକ ସଦାଶିବ ସ୍ୱାଇଁ । ରାଜ୍ୟର ଅଗ୍ରଣୀ ଶିଶୁ ଅଧିକାର ସଂଗଠନ ଶିଶୁ ଓ ମହିଳା ବିକାଶ କେନ୍ଦ୍ର (ସି.ସି.ଡବ୍ଲ୍ୟୁ.ଡି) ପକ୍ଷରୁ ଆୟୋଜିତ ଶିଶୁ ସାଥି ଓ ଶିଶୁ ନିର୍ଯାତନା ବିହୀନ ସହରର ସ୍ୱତନ୍ତ୍ର ପ୍ରକଳ୍ପ ପ୍ରଦର୍ଶନୀକୁ ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ଭବାନୀ ଚରଣ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବରେ ବରିଷ୍ଠ ଶିଶୁ ସାହିତ୍ୟିକ ଶରତ କୁମାର ନାୟକ, ବିଜେବି ସ୍ୱୟଂ ଶାସିତ ମହାବିଦ୍ୟାଳୟର ଗଣମାଧମ ଓ ଯୋଗାଯୋଗ ବିଭାଗର ମୁଖ୍ୟ ଡ.ନଳିନି କୁମାର ପାତ୍ର, ପ୍ରଭାସ ସାମନ୍ତରାୟ ପ୍ରମୁଖ ଯୋଗଦାନ କରିଥିଲେ ।

# ବାବା ଓ ମାଫିଆଙ୍କ ତଦନ୍ତ ସାରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର :** ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପରିସରରେ ପୂର୍ବାଞ୍ଚଳ ସ୍ୱତନ୍ତ୍ର ନିର୍ଦ୍ଦେଶକ ଯୋଗେଶ ଗୁପ୍ତା ଓଡ଼ିଶାର ୩ଟି ପ୍ରମୁଖ ବେଆଇନ୍ କାରବାର ମାମଲାର ତଦନ୍ତ ସମୀକ୍ଷା କରିଛନ୍ତି । କଟକଠାରେ କଳାଧନ କାରବାରକୁ ରୋକିବା ଲାଗି ଗଠିତ ହୋଇଥିବା ଏସ୍ଆଇଟିର ବୈଠକରେ ଯୋଗଦେବା ପରେ ନିର୍ଦ୍ଦେଶକ ଶ୍ରୀ ଗୁପ୍ତା ଆଇଆର୍‌ସି ଭିଲେଜ୍‌ସ୍ଥିତ ଇଡିର କାର୍ଯ୍ୟାଳୟରେ ଦୀର୍ଘ ୪ ଘଣ୍ଟା ଧରି ସମୀକ୍ଷା କରିଥିଲେ । ଅପରାହ୍ନ ପ୍ରାୟ ୪ଟା ସମୟରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ଗୁପ୍ତା କହିଛନ୍ତି, କେନ୍ଦ୍ରାପଡା ବାରିମୂଳ ଆଶ୍ରମର ସାରଥି ବାବା, ବାଲିପାଟଣା ଝିଇଁଣ୍ଟିଶାସନସ୍ଥିତ ତ୍ରାହି ଅଚ୍ୟୁତ୍ ଆଶ୍ରମ ଏବଂ ଧଳସାମନ୍ତ ଭ୍ରାତାଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ତଦନ୍ତ ଚାଲୁଥିବା ମାମଲା କୋର୍ଟରେ ତୁରନ୍ତ ଅଭିଯୋଗ ଫର୍ଦ୍ଦ ଦାଖଲ କରାଯିବା ଲାଗି ନିଷ୍ପତ୍ତି ନିଆଯାଇଛି । ଦୁଇ ଦିନ ତଳେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଏକ ଟିମ୍ ବାରିମୂଳ ଆଶ୍ରମକୁ ଯାଇ ମପାଚୁପା କରି ଫେରିଛି । ସେହିପରି ଏକ ଟିମ୍ ଖୁବ୍‌ଶୀଘ୍ର ତ୍ରାହିଅଚ୍ୟୁତ୍ ଆଶ୍ରମକୁ ଯାଇ ମପାଚୁପା କରିବ ବୋଲି ଜଣାପଡିଛି ।

# କମିଛି ଆଳୁ, ତେଲ ଓ ଡାଲି ଦର

**ଭୁବନେଶ୍ୱର :** ଚାଉଳ, ଲୁଣ ଦର ବଢ଼ିନାହିଁ । ସୋରିଷ ତେଲ, ଡ଼ାଲି, ଆଳୁ, ପିଆଜ ଦର କମିଛି । ହେଲେ ଅଟା, ଚିନି,ଗୁଡ଼ ଓ ପାମୋଲିନ ଦର ବଢ଼ିଛି । ଗତବର୍ଷ ଫେବ୍ରୁଆରୀ ୨୮ ଓ ଚଳିତ ବର୍ଷ ଫେବ୍ରୁଆରୀ ୨୮ ତାରିଖରେ ବିଭିନ୍ନ ସାମଗ୍ରୀର ବଜାର ଦର ସଂକ୍ରାନ୍ତରେ ଯୋଗାଣ ବିଭାଗ ସହକାରୀ ନିର୍ଦ୍ଦେଶକ ସରକାରଙ୍କୁ ଦେଇଛନ୍ତି ଏହି ରିପୋର୍ଟ ।

ଭୁବନେଶ୍ୱର ବଜାର ସମ୍ପର୍କରେ ସରକାରଙ୍କୁ ଦିଆଯାଇଥିବା ତଥ୍ୟ ଅନୁସାରେ ଗତବର୍ଷ ଏହି ସମୟରେ ଚାଉଳ ଦର ଖୋଲାବଜାରରେ ୨୪ ଟଙ୍କା ଥିଲା ଓ ଚଳିତ ବର୍ଷ ତାହା ଅପରିବର୍ତ୍ତିତ ରହିଛି । ଲୁଣ ୬ ଟଙ୍କା ଥିବାବେଳେ ଏ ବର୍ଷ ମଧ୍ୟ ସେହି ଦର ରହିଛି । ହେଲେ ଅଟା ଦର ୨ରୁ ୫ ଟଙ୍କା ପର୍ଯ୍ୟନ୍ତ ବଢ଼ିଛି । ସାଧାରଣ ଅଟା ୨୪ ଟଙ୍କାରୁ ୨୬ ଟଙ୍କାକୁ ଓ ଚକି ଅଟା ୨୭ ଟଙ୍କାରୁ ୩୨ ଟଙ୍କାକୁ ବୃଦ୍ଧି ପାଇଛି । ସେହିପରି ପାମୋଲିନ କିଲୋ ୨ଟଙ୍କା, ଚିନି କିଲୋ ୯ଟଙ୍କା, ଗୁଡ଼ କିଲୋ ୧୨ଟଙ୍କାପର୍ଯ୍ୟନ୍ତ ବୃଦ୍ଧି ପାଇଛି । ଗତବର୍ଷ ଏହି ସମୟରେ ଖୋଲା ବଜାରରେ ଗୁଡ଼ କିଲୋ ୩୬ଟଙ୍କା ଥିବାବେଳେ ଚଳିତ ବର୍ଷ ଏହା ୪୮ ଟଙ୍କାରେ ପହଞ୍ଚିଛି ଓ ଚିନି ୩୬ରୁ ୪୫ ଟଙ୍କାକୁ ବଢ଼ିଛି । ଅପରପକ୍ଷରେ ଆଳୁ କିଲୋ ୫ ଟଙ୍କା ଓ ପିଆଜ କିଲୋ ୧ ଟଙ୍କା କମିଛି । ଗତବର୍ଷ ଆଳୁ କିଲୋ ୧୩ଟଙ୍କା ଥିବାବେଳେ ଏ ବର୍ଷ ୮ଟଙ୍କା ଓ ପିଆଜ ୧୬ ଟଙ୍କାରୁ ୧୫ ଟଙ୍କାକୁ କମିଛି । ହରଡ଼ ଡ଼ାଲି କିଲୋ ପ୍ରାୟ ୪୦ ଟଙ୍କା ହ୍ରାସ ପାଇଛି । ୧୧୦ ଟଙ୍କାରୁ ଦର କମି ୭୦ ଟଙ୍କାରେ ପହଞ୍ଚିଛି ମୁଗଡ଼ାଲି ୮୬ ଟଙ୍କାରୁ ୬୫କୁ ଖସିଛି । ତେବେ ବୁଡ଼ ଡ଼ାଲି କିଲୋ ପିଛା ପ୍ରାୟ ୧୫ ଟଙ୍କା ବଢ଼ିଛି । ବୁଟଡ଼ାଲି କିଲୋ ୬୦ ଟଙ୍କା ଥିବାବେଳେ ଏ ବର୍ଷ ୭୫ ଟଙ୍କା ଛୁଇଁଛି । ତେବେ କଟକ ବଜାରରେ ଚକି ଅଟା ଦର ଗତବର୍ଷ ଓ ଏ ବର୍ଷ ମଧ୍ୟରେ କିଛି ଫରକ ନାହିଁ । କିଲୋ ପିଛା ଦର ୨୭ ଟଙ୍କା ଅପରିବର୍ତ୍ତିତ ରହିଛି । କଟକରେ ଏବେ ମୁଗଡ଼ାଲି ୬୫, ହରଡ଼ ଡ଼ାଲି ୬୭, ବୁଟଡ଼ାଲି



୬୨, ସୋରିଷ ତେଲ ୧୦୬, ଚିନି ୪୫ ଟଙ୍କା ରହିଛି । ସେହିପରି ଆଳୁ ୭ ଓ ପିଆଜ ୧୩ଟଙ୍କା ରହିଛି । ରାଉରକେଲାରେ ସାଧାରଣ ଅଟା ୨୬ ଓ ଚକି ଅଟା କିଲୋ ୩୧ ଟଙ୍କା ଥିବାବେଳେ ହରଡ଼ ଡ଼ାଲି ୧୧୨ଟଙ୍କାରୁ ୬୯ ଟଙ୍କାକୁ ଓ ମୁଗଡ଼ାଲି ୮୭ରୁ ୬୪କୁହ୍ରାସ ପାଇଛି । ଅନୁରୂପ ଭାବରେ ସୋରିଷ ତେଲ ୧୦୭, ଚିନି ୪୫, ଗୁଡ଼ ୩୭ ଟଙ୍କା ରହିଥିବା ସହକାରୀ ନିର୍ଦ୍ଦେଶକ ରିପୋର୍ଟ ଦେଇଛନ୍ତି । ସମ୍ବଲପୁରରେ ଚାଉଳ ୨୪, ଅଟା ୩୧, ମୁଗନାଲି ୬୪, ହରଡ଼ଡ଼ାଲି ୬୯, ବୁଟଡ଼ାଲି ୭୫, ସୋରିଷ ତେଲ ୧୦୪, ପାମୋଲିନ୍ ୭୭, ଚିନି ୪୫, ଲୁଣ ୫ ଟଙ୍କା, ଆଳୁ ୯ ଓ ପିଆଜ ୧୨ ଟଙ୍କା ଥିବା ବେଳେ ବ୍ରହ୍ମପୁରରେ ଖାଦ୍ୟ ସାମଗ୍ରୀ ଦର ଚଳିତ ବର୍ଷ ଅନ୍ୟ ସହର ଅପେକ୍ଷା କିଛିଟା ଅଧିକ ରହିଛି । ଏଠାରେ ଚାଉଳ ୨୬, ଅଟା ୩୩, ହରଡ଼ ଡ଼ାଲି ୬୬, ମୁଗଡ଼ାଲି ୭୨, ବୁଟ ଡ଼ାଲି ୮୦, ସୋରିଷ ତେଲ ୧୦୮, ପାମୋଲିନ ୮୫, ଚିନି ୮, ଆଳୁ ୯ ଓ ପିଆଜ ୧୫ ଟଙ୍କା ରହିଛି ତେବେ ସାମଗ୍ରିକ ଭାବରେ ହାରାହାରି ଚାଉଳ କିଲୋ ୨୩.୭୮ରୁ ୨୪.୬୭ଟଙ୍କାକୁ, ଅଟା ୨୩.୧୧ରୁ ୨୬.୭୮ ଟଙ୍କାକୁ ବୃଦ୍ଧି ପାଇଛି । ଚକି ଅଟା ୨୬.୧୧ରୁ ୩୦.୩୩କୁ, ବୁଟଡ଼ାଲି ୬୩.୧୧ରୁ ୭୯.୫୫କୁ, ପାମୋଲିନ୍ ୬୯.୨୨ରୁ ୭୯.୩୩କୁ, ଚିନି ୩୫.୬୭ରୁ ୪୫.୪୪ ଏବଂ ଗୁଡ଼ ୩୪.୧୧ରୁ ୪୧.୭୮ ଟଙ୍କାକୁ ବୃଦ୍ଧି ପାଇଛି । ଅପରପକ୍ଷରେ ଆଳୁ ୧୩.୧୧ରୁ ୭.୭୮, ପିଆଜ ୧୫.୫୬ରୁ ୧୩.୮୯କୁ, ହରଡ଼ଡ଼ାଲି ୧୧୩.୭୮ରୁ ୭୦.୩୩କୁ ଓ ମୁଗଡ଼ାଲି ୯୧.୧୧ରୁ ୬୬.୬୭ ଟଙ୍କାକୁ ହ୍ରାସ ପାଇଛି ।

# କିନ୍ନରଙ୍କୁ ମାଗଣା ଘରଡିହ

**ଭୁବନେଶ୍ୱର :** ରାଜ୍ୟ ସରକାଙ୍କ ଦ୍ୱାରା କିନ୍ନରମାନଙ୍କୁ ଗ୍ରାମାଞ୍ଚଳରେ ମାଗଣା ଘରଡିହ ଯୋଗାଇ ଦିଆଯିବ । ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ସମସ୍ତ ଜିଲ୍ଲାପାଳଙ୍କୁ ବସୁନ୍ଧରା ଯୋଜନାରେ 'କିନ୍ନର'ଙ୍କୁ ହିତାଧିକାରୀ ଭାବେ ଗ୍ରହଣ କରି ଗ୍ରାମାଞ୍ଚଳରେ ଘରଡିହ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ସୁପ୍ରିମକୋର୍ଟଙ୍କ ଦିର୍ଦ୍ଦେଶରେ କିନ୍ନରଙ୍କୁ ସମସ୍ତ ପ୍ରକାରର ସାମାଜିକ ଓ କଲ୍ୟାଣମୂଳକ ଯୋଜନାରେ ସୁବିଧା ପ୍ରଦାନ ନିମନ୍ତେ ରାଜ୍ୟ ସରକାର ଏହି ପଦକ୍ଷେପ ନେଇଛନ୍ତି । ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗର ଯୁଗ୍ମ ସଚିବ ଶଶଧର ନାୟକ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖି ଜଣାଇଛନ୍ତି ଯେ, ଓଜିଏଲ୍ଏସ୍ ରୁଲ୍‌ସ-୧୯୮୩ରେ ସମସ୍ତ ସର୍ତ୍ତାବଳୀକୁ ପୂରଣ କରୁଥିବା କିନ୍ନରଙ୍କୁ 'ବସୁନ୍ଧରା' ଯୋଜନାରେ ଗ୍ରାମାଞ୍ଚଳରେ ଘରଡିହ ପାଇବାକୁ ଯୋଗ୍ୟ ବିବେଚିତ କରାଯିବ । ୨୦୧୫ ଜୁନ୍ ୧୯ ତାରିଖରେ ବିଭାଗ ପକ୍ଷରୁ ପଠାଯାଇଥିବା ଗ୍ରାମାଞ୍ଚଳରେ ବାସହୀନ ପରିବାରର ତାଲିକା ଆଧାରରେ ହିତାଧିକାରୀ ଚୟନ ପାଇଁ କାର୍ଯ୍ୟ କରିବା ପାଇଁ କହିଛନ୍ତି । କିନ୍ନରମାନଙ୍କୁ ଘରଡିହ ପ୍ରଦାନରେ ହେଉଥିବା ଅଗ୍ରଗତି ସମ୍ପର୍କରେ ବିଭାଗକୁ ନିୟମିତ ଭାବେ ଜଣାଇବାକୁ ଶ୍ରୀ ନାୟକ ପରାମର୍ଶ ଦେଇଛନ୍ତି । ୨୦୧୧ ଜନଗଣନା ସଂଖ୍ୟା ୨୦,୩୩୨ ଥିବାବେଳେ ଏବେ ଏହା ପ୍ରାୟ ୨୫ରୁ ୩୦ହଜାର ମଧ୍ୟରେ ହେବ ବୋଲି ଆକଳନ କରାଯାଉଛି ।

# ସ୍ମାର୍ଟ ସିଟି ପାଇଁ ବଳି ନପଡୁ 'ଭାଷା ଭବନ'

**ଭୁବନେଶ୍ୱର :** ରାଜଧାନୀରେ ସ୍ମାର୍ଟ ସିଟି ପାଇଁ 'ଭାଷା ଭବନ' ବଳି ପଡିବ ବୋଲି ଜଣାପଡିଛି । ଏହା ଶୁଣି ଭାଷାପ୍ରେମୀ ଯେତିକି ମର୍ମାହତ ସେତିକି ଚିନ୍ତାରେ ପଡିଛନ୍ତି । ସରକାରଙ୍କ ପ୍ରସ୍ତାବିତ ଭାଷା ଭବନ ନିର୍ମାଣ ଏବେ ଏକପ୍ରକାର ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି । ଓଡ଼ିଆ ଭାଷାର ବିକାଶ ନିମନ୍ତେ ୨୦୦୬ ଫେବୃଆରୀରେ ରାଜ୍ୟ ଜନଶିକ୍ଷା ସାଧନକେନ୍ଦ୍ର ପରିସରରେ ଅନୌପଚାରିକଭାବେ ଓଡ଼ିଆ ଭାଷା ପ୍ରତିଷ୍ଠାନ ଶୁଭାରମ୍ଭ ହୋଇଥିଲା । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଏହି ପ୍ରତିଷ୍ଠାନ କାର୍ଯ୍ୟାରମ୍ଭ କରିଥିବାବେଳେ ଉକ୍ତ ବର୍ଷ ଏପ୍ରିଲ ୧ରେ ମୁଖ୍ୟମନ୍ତ୍ରୀ ଜୟଦେବ ଭବନରେ ପ୍ରତିଷ୍ଠାନକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ୨୦୧୫ ଜୁନ୍ ୨୪ ତାରିଖରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରୁ ସଂସ୍କୃତି ବିଭାଗକୁ ଏହି ପ୍ରତିଷ୍ଠାନ ଆସିଥିବାବେଳେ ୨୦୧୬ ଅଗଷ୍ଟ ମାସରେ ରାଜ୍ୟ ଜନଶିକ୍ଷା ସାଧନ କେନ୍ଦ୍ର ପରିସରରୁ ସଂସ୍କୃତି ଭବନର ନବନିର୍ମିତ ପ୍ରକୋଷ୍ଠକୁ ଉକ୍ତ ପ୍ରତିଷ୍ଠାନ ସ୍ଥାନାନ୍ତର ହୋଇ ସେଠାରେ ଏବେ କାର୍ଯ୍ୟ କରୁଛି । ତେବେ ୨୦୦୯ରେ ଭାଷା ପ୍ରତିଷ୍ଠାନର ସ୍ଥାୟୀ ଗୃହ ଭାଷା ଭବନ ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ଖାରବେଳନଗର ମୌଜାରେ ପ୍ଲଟ୍ ନଂ ୪୦୧ ଦିଆଯିବା ସହ ଏନେଇ ୧ କୋଟି ୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା । ପରବର୍ତ୍ତୀ ସମୟରେ ଏହାର ପ୍ରଶାସନିକ ଓ ସରକାରୀ ମଞ୍ଜୁର ପରେ କାର୍ଯ୍ୟାରମ୍ଭ ପାଇଁ ପୂର୍ତ୍ତ ବିଭାଗକୁ ଦାୟିତ୍ୱ ଦିଆଯାଇଥିଲା । ତେବେ ପୂର୍ତ୍ତ ବିଭାଗକୁ ଇତିମଧ୍ୟରେ ଭୁବନେଶ୍ୱର ସ୍ମାର୍ଟସିଟିର ମୁଖ୍ୟ ନିର୍ବାହୀ ଅଧିକାରୀ ପତ୍ର ଲେଖି ସମ୍ପୃକ୍ତ ପ୍ଲଟ୍‌ରେ କୌଣସି ପ୍ରକଳ୍ପ ନିର୍ମାଣ ନକରିବାକୁ କହିଛନ୍ତି । ଫଳରେ ପ୍ରତିଷ୍ଠାନକୁ ଏହା ଶକ୍ତ ଧକ୍କା ସଦୃଶ ହୋଇଛି ।

ସଂସ୍କୃତି ସଚିବ ମନୋରଞ୍ଜନ ପାଣିଗ୍ରାହୀ କହିଛନ୍ତି ଏହି ମର୍ମରେ ସାଧାରଣ ପ୍ରଶାସନ ବିଭାଗକୁ ଆମେ ପତ୍ର ଲେଖିଛୁ । ଉକ୍ତ ସ୍ଥାନ ଅନ୍ୟ କାହାରିକୁ ନଦେବା ପାଇଁ ଉଲ୍ଲେଖ କରିଛୁ । ଭାଷା ପ୍ରତିଷ୍ଠାନ ମାଧ୍ୟମରେ ଆଗାମୀ ଦିନରେ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯିବାର ଥିବାରୁ ଏକ ସ୍ଥାୟୀ କାର୍ଯ୍ୟାଳୟ ଜରୁରୀ ହୋଇପଡ଼ିଛି ବୋଲି ସେ କହିଛନ୍ତି ।

ପୂର୍ବତନ ସାଂସଦ ତଥା ଭାଷା ସମ୍ମିଳନୀର ସଭାପତି ବୈଷ୍ଣବ ଚରଣ ପରିଡ଼ା କହିଛନ୍ତି, ସ୍ମାର୍ଟସିଟି ପାଇଁ ଭାଷା ଭବନ ବଳି ପଡ଼ିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଯେଉଁମାନେ ଏ ପ୍ରକାର ନିଷ୍ପତ୍ତି ନେଉଛନ୍ତି ସେମାନଙ୍କର ଭାଷା ପ୍ରତି ଆଦୌ ମମତା ନାହିଁ । ଓଡ଼ିଆ ଭାଷା, ସଂସ୍କୃତି କ'ଣ ସେମାନେ ଜାଣନ୍ତି ନାହିଁ । ସ୍ମାର୍ଟସିଟି କର୍ତ୍ତୃପକ୍ଷ ଏପରି ବିଚିତ୍ର ନିଷ୍ପତ୍ତିରୁ ତୁରନ୍ତ ଓହରିଯିବା ଦରକାର । ନଚେତ ଏ ନେଇ ରାଜ୍ୟବ୍ୟାପୀ ଆନ୍ଦୋଳନ ହେବ । ଓଡ଼ିଆ ଭାଷା ପ୍ରତିଷ୍ଠାନ ସାଧାରଣ ପରିଷଦର ସଭାପତି ଖୋଦ୍ ମୁଖ୍ୟମନ୍ତ୍ରୀ ଏ ଦିଗରେ ଜରୁରୀ ପଦକ୍ଷେପ ନେବା ଆବଶ୍ୟକ ବୋଲି ସେ କହିଛନ୍ତି । ସେହିପରି ଉତ୍କଳ ସମ୍ମିଳନୀର ପ୍ରଫେସର ଅଦ୍ୱୈତ ପାତ୍ର କହିଛନ୍ତି ଭାଷା ପ୍ରତିଷ୍ଠାନର ଭାଷା ଭବନ ନିର୍ମାଣ ପାଇଁ ଉଦ୍ଦିଷ୍ଟ ଜମିକୁ ଅନ୍ୟ କୌଣସି କାର୍ଯ୍ୟ ପାଇଁ ନିୟୋଜନ କରାନଯାଇ କେବଳ ଭାଷା ଭବନ ନିର୍ମାଣ ନିମନ୍ତେ ବ୍ୟବହାର କରାଯାଉ ।

# ରହସ୍ୟମୟ ଗାଁ କୋଦିନି



ଉପସ୍ଥାପନା : ଜାହ୍ନବୀସୁତ

**କେ**ରଳର ରହସ୍ୟମୟ ଗାଁ କୋଦିନି। ଏହି ଗାଁ କାହିଁ କେତବର୍ଷ ଧରି ଆଧୁନିକ ମଣିଷର ମନକୁ ଦୋହଲାଉଛି। ହଁ ଏହି ଗାଁରେ ଅଧିକାଂଶ ଛୁଆ ଯାଆଁଳା ଜନ୍ମ ହୋଇଥାନ୍ତି। ଏହା ଶୁଣି ଅପାଣଙ୍କୁ ମଧ ଆଶ୍ଚର୍ଯ୍ୟ ଲାଗୁଥିବ। ହଁ କେରଳର ମାଲାପୁରମ ଜିଲ୍ଲାରେ ରହିଛି ଏହି ରହସ୍ୟମୟ ଗାଁ। ଯାହା ତିରୁଙ୍ଗାଡ଼ି ସହରର ନିକଟରେ ଅବସ୍ଥିତ। ଏହି ଗାଁ ସେତେବେଳେ ଲୋକଲୋଚନକୁ ଆସିଥିଲା ଯେତେବେଳେ ଏ ଗାଁରେ ଅଧିକ ଯାଆଁଳା ଛୁଆ ରେକର୍ଡ ହୋଇଥିଲା। ତା ପରେ ଡାକ୍ତରୀ ଦଳ ଠାରୁ ଆରମ୍ଭ କରି ଚିକିତ୍ସା ବିଜ୍ଞାନୀ ସମସ୍ତେ ଧାଇଁ ଥିଲେ ସେ ଗାଁକୁ ପରୀକ୍ଷା ନିରୀକ୍ଷା ବି ଆରମ୍ଭ ହୋଇଥିଲା। ଅନେକ ସିଦ୍ଧାନ୍ତ ବି ବାହାରିଲା ହେଲେ କୌଣସି ଗୋଟିଏ ସିଦ୍ଧାନ୍ତ ସର୍ବଜନ ଆଦୃତ ହୋଇପାରିଲା ନାହିଁ। ସୂଚନା ଅନୁସାରେ ଆଶ୍ଚର୍ଯ୍ୟ କରିଥିଲା। ଏହି ଗାଁରେ ଏକ ଟୁଇନ୍ ଆସୋସିଏସନ ମଧ ଗଠନ କରାଯାଇଛି। ଏହି ସଂଗଠନର ନାଁ ରହିଛି। ତେବେ ଏହି ଗାଁ ଅର୍ନ୍ତଜାତୀୟ ସ୍ତରରେ ମଧ ଏଭଳି ଏକ ଅସାଧାରଣ ଘଟଣାକୁ ନେଇ ଚର୍ଚ୍ଚାରେ ରହିଛି। ତେବେ ସବୁଠାରୁ ବଡ଼କଥା ହେଲା ଦେଶ ବିଦେଶର ଅନେକ ବୈଜ୍ଞାନିକ ଏଭଳି ଅସାଧାରଣ ଘଟଣାକୁ ନେଇ ଗବେଷଣା କରୁଥିଲେ ମଧ ଏ ପର୍ଯ୍ୟନ୍ତ କୌଣସି ନିର୍ଦ୍ଦିଷ୍ଟ ମତରେ ପହଂଚି ପାରିନାହାଁନ୍ତି। କେତକ ବିଶେଷଜ୍ଞ ମାନଙ୍କ ମତରେ ଏହି ଗାଁର ପାଣି ହିଁ ଏଭଳି ଅସାଧାରଣ ତଥା ରହସ୍ୟମୟ ଘଟଣା ପଛର କାରଣ। ଏହି ଗାଁରେ ଲୋକମାନେ ପିଇଥିବା ପାଣିରେ ଏକ ନିର୍ଦ୍ଦିଷ୍ଟ ପ୍ରକାରର ରସାୟନିକ ପଦାର୍ଥ ରହିଛି ଯାହା ଏଭଳି ଘଟଣା ପାଇଁ ଦାୟୀ। ତେବେ ଏ ତଥ୍ୟକୁ ମଧ ସମସ୍ତେ ଗ୍ରହଣ କରି ପାରୁନାହାଁନ୍ତି। ଏହି ଗାଁରେ ରହିଛନ୍ତି ୨୦୦ରୁ ଅଧିକ ଯାଆଁଳା ଯୋଡି। ଭାବନ୍ତୁ କେତେ ରହସ୍ୟମୟ ଏ ଘଟଣା। ଏ ଘଟଣାକୁ ଅନୁଧାନ କଲାପରେ ଜଣାପଡ଼ିଛି ଆଉ ଏକ ଅଜଣା ରହସ୍ୟ। ଏପରିକି ଏହି ଗାଁର ମହିଳା ବା ଝିଅମାନେ ବହୁତ ଦୂରରେ ବାହା ହୋଇଥିଲେ ମଧ ସେମାନଙ୍କର ମଧ ଯାଆଁଳା ଛୁଆ ହେବାର ନଜିର ରହିଛି। ଏହି ଗାଁର ଇତିହାସକୁ ଅନୁଧାନ କଲେ ଜଣାଯାଏ ଯେ ୧୯୪୯ ମସିହାରେ ହିଁ ପ୍ରଥମେ ଏଭଳି ଯାଆଁଳା ଯୋଡି ଦେଖିବାକୁ ମିଳିଥିଲା। ଏବଂ ସେବେଠାରୁ ବର୍ଷ ପରେ ଏହି ଯାଆଁଳା ଯୋଡିଙ୍କର ସଂଖ୍ୟା ବଢିବାରେ ଲାଗିଛି। ଅବଶ୍ୟ ଏଭଳି ଯାଆଁଳା ଯୋଡି କେବଳ କେରଳର କୋଦିନି ନୁହେଁ ବିଦେଶରେ ମଧ ଦେଖିବାକୁ ମିଳିଥାଏ। ନାଇଜେରିଆର ଇଗବୋ ଓରା ନାମକ ଏକ ସ୍ଥାନରେ ମଧ ଏଭଳି ଅସାଧାରଣ ଯାଆଁଳା ଯୋଡି ଦେଖିବାକୁ ମିଳନ୍ତି। କେତକ ଗବେଷକ ମାନଙ୍କ ମତରେ ଏଠାର ମହିଳା ମାନଙ୍କର ଖାଦ୍ୟ ହିଁ ଏଭଳି ଘଟଣା ପଛର କାରଣ। କିନ୍ତୁ ଏ ଅଧୟନକୁ ମଧ ଶେଷ ସିଦ୍ଧାନ୍ତ ଭାବେ ଗ୍ରହଣ କରାଯାଇପାରେନା। କାରଣ କେରଳର ଏହି ଗାଁର ମହିଳାମାନଙ୍କ ଖାଦ୍ୟ କେରଳର ଅନ୍ୟ ଅଞ୍ଚଳର ମହିଳାମାନଙ୍କର ଖାଦ୍ୟ ସହ ପ୍ରାୟ ସମାନ ତେଣୁ ଏଭଳି ଭିନ୍ନତା କେବଳ କୋଦିନି ଗାଁରେ କାହିଁକି ? ଏହା କେରଳର ଅନ୍ୟ ଗାଁରେ ମଧ ହୋଇଥାନ୍ତା। ତେଣୁ ଏ ଘଟଣା ବେଶି ରହସ୍ୟମୟ ଲାଗୁଛି। କେରଳର କୋଦିନୀ ଗାଁର ଯାଆଁଳା ଯୋଡ଼ିଙ୍କର ଘଟଣା ଏବେବି ଅନେକ ରହସ୍ୟଘେରରେ। ବର୍ଷପରେ ବର୍ଷ ମଣିଷର ବିଜ୍ଞାନୀ ମନ ଏ ରହସ୍ୟ ଉପରୁ ପର୍ଦା ଉଠାଇବାକୁ ଚେଷ୍ଟା କରୁଛନ୍ତି ହେଲେ ଯେତେ ସମୟ ବିତୁଛି ସେତିକି ନୂଆ ତଥ୍ୟ ସାମ୍ନାକୁ ଆସୁଛି। କେଉଁ ଗୋଟିଏ ତଥ୍ୟକୁ ଶେଷ ତଥ୍ୟ ବା ସିଦ୍ଧାନ୍ତ ବୋଲି ଗ୍ରହଣ କରାଯାଇପାରୁ ନାହିଁ। କେରଳର କାଲିକଟ ସହରଠାରୁ ପ୍ରାୟ ୩୫ କିଲୋମିଟରେ ଦୂର ଓ ମଲପୁରମ ଜିଲ୍ଲା ସଦର ମହକୁମାର ପଶ୍ଚିମ ଦିଗରେ ପ୍ରାୟ ୩୦ କିଲୋମିଟର ଗଲେ ପଡେ ଏହି ରହସ୍ୟମୟ କୋଦିନି ଗାଁ। ଏହା ଏକ ମୁସଲମାନ ବହୁଳ ଗାଁ। ତେଣୁ ଏହି ଗାଁରେ ମୁସିଲିମ ଧର୍ମ ଅନୁଯାୟୀ ଚାଲିଚଳନ ଦେଖିବାକୁ ମିଳିଥାଏ। ଆଉ ଏହି ଗାଁର ଏହି ରହସ୍ୟମୟ ଘଟଣା ସେମାନଙ୍କ ସାମାଜିକ ଜୀବନରେ କୌଣସି ପ୍ରଭାବ ପକାଇପାରି ନାହିଁ। ଏଠାରେ ବାସ କରୁଥିବା ଉଭୟ ହିନ୍ଦୁ ଓ ମୁସଲମାନ ପରିବାରର ଘରେ ଏଭଳି, ଯାଆଁଳା ଯୋଡି ଦେଖିବାକୁ ମିଳେ। ତେଣୁ ଏ ରହସ୍ୟ ପଛରେ ଧର୍ମ ଓ ଦେବତାଙ୍କୁ ନେଇ ସେମିତି କିଛି ରହସ୍ୟ କାହା ମନରେ ଏ ପର୍ଯ୍ୟନ୍ତ ଆସିନାହିଁ। ତେଣୁ ସମସ୍ତେ ଏହାକୁ ଏକ ପ୍ରାକୃତିକ ରହସ୍ୟ ଭାବରେ ଧରି ନେଇଛନ୍ତି। ତେବେ ସବୁଠାରୁ ଆଶ୍ଚର୍ଯ୍ୟ କଥା ହେଲା ଭାରତର କେବଳ କେରଳ ନୁହେଁ ଉତ୍ତର ପ୍ରଦେଶ ରାଜ୍ୟର ଆହ୍ଲାବାଦ ସହର ନିକଟ ମହମ୍ମଦପୁର ଉମାରୀ ଗାଁ ମଧ ନିଜ ଭିତରେ ଏମିତି ଏକ ରହସ୍ୟକୁ ଜାବୁଡ଼ି ଧରିଛି। ଏହି ଗାଁରେ ମଧ ଜନ୍ମିତ ହେଉଥିବା ଶିଶୁଙ୍କ ମଧରେ ଅଧିକାଂଶ ଯାଆଁଳା ଯୋଡି ଦେଖିବାକୁ ମିଳିଥାନ୍ତି। କେମିତି ସମ୍ଭବ ଏହା ? କେରଳର କୋଦିନି ଗାଁ ଭାରତର ଦକ୍ଷିଣରେ ହୋଇଥିବାବେଳେ ମହମ୍ମଦପୁର ଗାଁ ହେଲା ଉତ୍ତରରେ ତେବେ ଗୋଟିଏ ପ୍ରକାରର ରହସ୍ୟ ଏଭଳି ଦୂରତାରେ ବି ଦେଖିବାକୁ ମିଳିଛି। ମୋହମ୍ମଦପୁର ଉମରି ଗାଁ ଆହ୍ଲାବାଦ ସହର ନିକଟରେ ଥିବା ଭାରତୀୟ ବାୟୁସେନାର ବାମରୌଲି ଘାଟି ପାଖରେ ଅବସ୍ଥିତ। ସୂଚନାଅନୁସାରେ ଏହି ଗାଁରେ ପ୍ରାୟ ୬୦୦ ଜଣଙ୍କ ମଧରୁ ୩୩ଜଣ ଯାଆଁଳା ଦେଖିବାକୁ ମିଳିଥାନ୍ତି। ଏବଂ ସବୁଠାରୁ ବଡ଼କଥା ହେଲା ଏଠାରେ ଯାଆଁଳା ଛୁଆ ଜନ୍ମ ହେବାର ହାର ଖୁବ୍ ଅଧିକ। ଏ ଘଟଣା ମଧ ଅନେକ ଚିକିତ୍ସା ବିଜ୍ଞାନୀଙ୍କୁ ସେଠାକୁ ଆକର୍ଷିତ କରିଥିଲା ଆଉ ସେମାନେ ସେହି ଗାଁର ଛୁଆ ଏବଂ ମା ମାନଙ୍କର ରକ୍ତ ନେଇ ପରୀକ୍ଷା କରିଥିଲେ କିନ୍ତୁ ଏକ ନିର୍ଦ୍ଦିଷ୍ଟ ଉତ୍ତର ପାଇନଥିଲେ। କେହି କେହି ଏହା ସେଠାରେ ବାସ କରୁଥିବା ମହିଳାମାନଙ୍କର ଚାଲିଚଳଣି, ଖାଦ୍ୟପେୟକୁ ଦାୟୀ କରୁଥିବାବେଳେ ଆଉ କେହି ଏହାକୁ ନେଇ ଗବେଷଣା ଜାରି ରଖିଛନ୍ତି। ତେବେ କେରଳର କୋଦିନି ଆଉ ଉତ୍ତରପ୍ରଦେଶର ମହମ୍ମଦପୁର ଉମାରୀ ଗାଁର ଏ ରହସ୍ୟମୟ ଯାଆଁଳା ଜନ୍ମ ଉପରୁ କେବେ ପର୍ଦା ଉଠିବ ସେହି ସମୟକୁ ସମସ୍ତେ ଅପେକ୍ଷା କରି ରହିଛନ୍ତି।

ଭୂତଙ୍କ ଗାଁ କୁଲଧାରା। ଏହାକୁ ନେଇ ଅନେକ ପ୍ରଶ୍ନ ରହିଛି ଜନସାଧାରଣଙ୍କ ମନଭିତରେ। ସତରେ କଣ ଭୂତ ଆମ ମଣିଷମାନଙ୍କ ସମାଜରେ ରହିଛନ୍ତି। ଏ ପ୍ରଶ୍ନ ଏବେବି ବିତର୍କରେ। ଭୁତପ୍ରେତକୁ ବିଶ୍ୱାସ କରୁନଥିବା ଲୋକେ ଏହାକୁ ମିଛ ବୋଲି କହିଥାନ୍ତି ଆଉ ଯେଉଁମାନେ ଭୁତପ୍ରେତଙ୍କୁ ବିଶ୍ୱାସ କରନ୍ତି ସେମାନଙ୍କ ବିଶ୍ୱାସରେ ଏବେବି ଭୁତପ୍ରେତ ରହିଛନ୍ତି। ସେହିଭଳି ଏକ ବିଶ୍ୱାସକୁ ନେଇ ରାଜସ୍ଥାନର ରହସ୍ୟମୟ ଭୁତ ଗାଁ କୁଲଧାରା। ଏହି ଗାଁକୁ ନେଇ ରହିଛି ଅନେକ ଶୁଣାକଥା। ଏସବୁ କଥାକୁ ସାଧାରଣ ବିଜ୍ଞାନୀମନ ସହଜରେ ଗ୍ରହଣ କରିପାରୁନାହାନ୍ତି ତେବେ ଲୋକ ବିଶ୍ୱାସରେ ଏବେବି ଏହି ଗାଁ ହେଉଛି ଭୁତ ଗାଁ। ରାଜସ୍ଥାନର ମରୁଭୂମୀ ସହର ଜୟସାଲମିରରୁ ପଶ୍ଚିମକୁ ପ୍ରାୟ ୨୦ କିଲୋମିଟର ଯିବାପରେ ପଡେ ଏହି ରହସ୍ୟମୟ ଗାଁ କୁଲଧାରା। ଏହି ଗାଁର ନିକଟବର୍ତ୍ତୀ ଅଞ୍ଚଳରେ ମଧ ଏତେ ଜନବସତି ଦେଖିବାକୁ ମିଳେନାହିଁ। ଏକ ନିକାଞ୍ଚନ ସ୍ଥାନରେ ଅନେକ ରହସ୍ୟକୁ ନିଜ ଭିତରେ ଚାପି ଧରି ଅର୍ଧଭଗ୍ନ ଅବସ୍ଥାରେ ରହିଛି ଏହି ଗାଁ କୁଲଧାରା। ଯାହା ଜନଶ୍ରୁତିରୁ ଶୁଣାଯାଏ ଯେ ପାଖାପାଖି ୨୦୦ରୁ ୩୦୦ ବର୍ଷ ତଳେ ଏହି ସ୍ଥାନରେ ଏକ ସମ୍ପୂର୍ଣ୍ଣ ଗାଁ ରହିଥିଲା। ପାଲିଓ୍ୱାଲ ବ୍ରାହ୍ମଣମାନଙ୍କର ଏହା ଥିଲା ବାସସ୍ଥାନ। କୁହାଯାଏ ଯେ ସେ ସମୟରେ ଜୟସାଲମିରର ଦିଓ୍ୱାନ ଥିବା ସଲିମ ସିଂ ଏହି ଗାଁର ଜଣେ ତରୁଣୀଙ୍କ ପ୍ରେମରେ ପଡ଼ିଥିଲେ। ଆଉ ସଲିମ ସିଂ ସ୍ୱାଭବରେ ଥିଲେ ଖୁବ୍ ଅତ୍ୟାଚାରୀ। ତେଣୁ ଗାଁର ଏକ ଝିଅକୁ ଜବରଦସ୍ତ ବିବାହ କରିବାକୁ ଚାହିଁଥିଲେ। ଆଉ ଯଦି ଗ୍ରାମବାସୀ ତାଙ୍କୁ ଏହି ବିବାହରେ ବାରଣ କରନ୍ତି ତେବେ ସେ ସେମାନଙ୍କ ଉପରେ ଅତ୍ୟଧିକ କର ବୋଝ ଦେବେ। ଆଉ ଦିଓ୍ୱାନଙ୍କ ଏହି ଚେତାବନୀରେ ଭୟଭୀତ ହୋଇ ପୂରା ଗ୍ରାମବାସୀ ଦିନେ ରାତିରେ ପୂରା ଅଞ୍ଚଳକୁ ଖାଲି କରି ଚାଲିଯାଇଥିଲେ। ତେବେ ଏ ଘଟଣା ଲୋକମୁଖରେ ହିଁ ଜୀବିତ ଅଛି ଏ ଘଟଣାର କେହି ସାକ୍ଷୀ ମଧ ନାହାଁନ୍ତି। ଗ୍ରାମରେ ବାସ କରୁଥିବା ଏତେ ସଂଖ୍ୟକ ଗ୍ରାମବାସୀ କୁଆଡ଼େ ଗଲେ ତାର କୌଣସି ଖବର କାହା ପାଖରେ ନାହିଁ। ତେଣୁ ଏହି ଗାଁ ସେହିଦିନ ଠାରୁ ସେମିତି ଏତେ ରହସ୍ୟମୟ ଘଟଣାର ମୂକସାକ୍ଷୀ ହୋଇରହିଛି। ତେବେ ସତରେ କଣ ଗ୍ରାମବାସୀ ସେଠାରେ ପଳାଇଛନ୍ତି ତେବେ ଭୁତ ଆସିଲେ କେଉଁଠୁ। କାହିଁକି ଏ ଗାଁର ନାଁ ଭୁତ ଗାଁ ଦିଆଯାଇଛି। କଣ ଭୁତମାନେ କେବଳ ମଣିଷଦ୍ୱାରା ପରିତ୍ୟକ୍ତ ସ୍ଥାନରେ ହିଁ ରହିଥାନ୍ତି ? ଆମେ ଭୁତ ପ୍ରେତରେ ବିଶ୍ୱାସ ରଖୁନଥିବା ବ୍ୟକ୍ତିମାନଙ୍କ ମନରେ ଏଭଳି ପ୍ରଶ୍ନ ଆସିବା ସ୍ୱାଭାବିକ। ତେଣୁ ଏ ରହସ୍ୟମୟ କୁଲଧାରା ଗାଁ ସବୁବେଳେ ଜିଜ୍ଞାସୁ ମନକୁ ଆକର୍ଷିତ କରୁଛି। ୨୦୦ରୁ ୩୦୦ ବର୍ଷର ଲୋକବିଶ୍ୱାସ। ଆଜିର ଆଧୁନିକ ଯୁଗରେ ବି ଲୋକଙ୍କ ମନରେ ବସା ବାନ୍ଧିଛି। ଭୁତପ୍ରେତର ଭୟ। ରାଜସ୍ଥାନର କୁଲଧାରା ଗାଁ ଲୋକଙ୍କ ମୁହଁରେ ପାଲଟିଛି ଭୁତ ଗାଁ। କାହିଁକି ଏ ଲୋକବିଶ୍ୱାସ ? କଣ ପାଇଁ ଶହଶହ ବର୍ଷଧରି ଏପରି ଗାଁ ପଡ଼ିଛି ପରିତ୍ୟକ୍ତ ହୋଇ ? ଏମିତି ଅନେକ ପ୍ରଶ୍ନ ରହିଛି ବିଜ୍ଞାନୀ ମଣିଷର ମନରେ। ତେବେ ଆଜିବି କୁଲଧାରା ନିକଟରେ ବସବାସ କରୁଥିବା ଅନେକ ଗ୍ରାମବାସୀଙ୍କ ବିଶ୍ୱାସ ରହିଛି ଯେ ସନ୍ଧ୍ୟା ପରେ ଏହି ସ୍ଥାନରେ କେବଳ ଭୁତପ୍ରେତ ବିଚରଣ କରିଥାନ୍ତି। ଆଉ ସୂର୍ଯ୍ୟାସ୍ତ ହେବା ସହ ପରିତ୍ୟକ୍ତ କୁଲଧାରା ଗାଁର ମୁଖ୍ୟ ପ୍ରବେଶ ପଥରେ ଥିବା ଫାଟକକୁ ବନ୍ଦ କରିଦିଆଯାଏ। ଆଉ ବିଶ୍ୱାସ ରହିଛି ଯେ ସୂର୍ଯ୍ୟାସ୍ତ ପରେ ଅନ୍ଧାର ବିରାଜମାନ କରିବା ମାତ୍ରେ ଏଠାରେ ଭୁତପ୍ରେତ ବିଚରଣ କରିଥାନ୍ତି। ସତରେ କେତେ ରହସ୍ୟମୟ ଏ ଲୋକ ବିଶ୍ୱାସ। ବିଶ୍ୱାସ ଅନୁସାରେ ଅତ୍ୟାଚାରୀ ଦିଓ୍ୱାନ ସଲିମ ସିଂର ଅତ୍ୟାଚାରରୁ ମୁକ୍ତି ପାଇବା ପାଇଁ ସେ ସମୟରେ ପ୍ରାୟ ୮୫ କୋଟି ଗାଁର ଗ୍ରାମବାସୀ ନିଷ୍ପତ୍ତି ନେଇଥିଲେ। ଦିଓ୍ୱାନ ସଲିମ ସିଂଭ୍‌କ କ୍ରୁରଦୃଷ୍ଟିରୁ ବଞ୍ଚିବାପାଇଁ କୁଲଧାରାରେ ସେତେବେଳେ ବସବାସ କରୁଥିବା ପାଲିଓ୍ୱାଲ ବ୍ରାହ୍ମଣମାନେ ତାଙ୍କ ପ୍ରିୟ ବାସସ୍ଥାନକୁ ଛାଡ଼ିବା ପୂର୍ବରୁ ଅଭିଶାପ ଦେଇଥିଲେ। ଆଉ ତାଙ୍କ ଅଭିଶାପ ଅନୁସାରେ କେହି ତାଙ୍କ ଦ୍ୱାରା ପରିତ୍ୟକ୍ତ ହୋଇଥିବା ଏହି କୁଲଧାରା ଗାଁରେ ଆଉ ବସତିସ୍ଥାପନ କରିପାରିନାହାଁନ୍ତି। ଏପରିକି ଯଦି କେହି ଏହି ସ୍ଥାନରେ ରାତ୍ରିଯାପନ କରିବାକୁ ଚାହିଁଛି ସେହିସମୟରେ ତାଙ୍କୁ ଭୁତପ୍ରେତ ଭୟଭୀତ କରିଛନ୍ତି ଆଉ ସେ ଏ ସ୍ଥାନ ଛାଡ଼ି ଚାଲିଯାଇଛି। ଏଭଳି ବିଶ୍ୱାସ ପଛରେ କେତେ ସତ ରହିଛି ତାହା ନିହାତି ଅନୁସନ୍ଧାନ ସାପେକ୍ଷ। ତେବେ ଭୁତପ୍ରେତରେ ବିଶ୍ୱାସ କରୁନଥିବା ଆମ ଭଳି ମଣିଷମାନଙ୍କ ପାଇଁ ଏହା ଖୁବ୍ ସାଧାରଣ କଥା। କିନ୍ତୁ ଗୋଟିଏ କଥା ଯେଉଁ କାରଣ ପାଇ ଗ୍ରାମବାସୀମାନଙ୍କୁ ନିଜ ବାସସ୍ଥାନ ଛାଡ଼ିବାକୁ ପଡ଼ିଲା ତାହା ଯଦି ସତ ହୁଏ ତେବେ ତାହା ଖୁବ୍ ଦୁଃଖଦାୟକ। କାରଣ ଜଣେ ଅତ୍ୟାଚାରୀ ଶାସକର ଏକତରଫା ପ୍ରେମର କରୁଣ ପରିଣତି ଏବେ ଦେଖିବାକୁ ମିଳୁଛି ଏହି ପରିତ୍ୟକ୍ତ ଗାଁ କୁଲଧାରାରେ। ଏବେବି ସେହି ଗାଁରେ ଅନେକ ଘର ସାମାନ୍ୟ ସୁରକ୍ଷିତ ଅବସ୍ଥାରେ ରହିଛି। ଏପରିକି ଏକ ପରିତ୍ୟକ୍ତ ମନ୍ଦିର ମଧ ସେଠାରେ ଦେଖିବାକୁ ମିଳୁଛି। ଆଉ ସେଠାରେ ଏକ ସଭ୍ୟସମାଜ ବାସ କରୁଥିବାର ଅନେକ ପ୍ରମାଣ ମିଳୁଛି। କିନ୍ତୁ ପାଲିଓ୍ୱାଲ ବ୍ରାହ୍ମଣମାନଙ୍କ ଅଭିଶାପ ଓ ଗାଁରେ ଭୁତଙ୍କ ବିଚରଣ ଏସବୁ ନିହାତି ରହସ୍ୟ ଘେରରେ। ତେବେ ବର୍ଷ ବର୍ଷ ଧରି ଲୋକ ବିଶ୍ୱାସରେ ଲୁଚି ରହିଥିବା ଏଭଳି ରହସ୍ୟ ଆମ ଭଳି ଆଧୁନିକ ମଣିଷମାନଙ୍କୁ ସବୁବେଳେ ମାନସିକ ସଂଗ୍ରାମ କରିବାକୁ ଉତ୍ସାହିତ କରିଛି। ତେବେ କୁଲଧାରା ଗାଁ ଏବେ ଭାରତ ସରକାରଙ୍କ ଆର୍କୋଲୋଜି ବିଭାଗର ଅଧିନରେ ରହିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଗକୁ ...

ବିଗତ ବର୍ଷ ମାନଙ୍କରେ ମାର୍ଚ୍ଚ ମାସରେ ରାଜ୍ୟର ତାପମାତ୍ରା ଯେତିକି ରୁହେ ତା'ଠାରୁ ଏବର୍ଷ ଅଧିକ ୨ ଡିଗ୍ରୀ ସେଲସିୟସ ବଢ଼ିଯିବାର ସମ୍ଭାବନା ରହିଛି। କେନ୍ଦ୍ରୀୟ ଓ ପଶ୍ଚିମ ଓଡ଼ିଶାରେ ସ୍ୱାଭାବିକ ତାପମାତ୍ରାଠାରୁ ଏହା ୨ରୁ ୪ ଡିଗ୍ରୀ ସେଲସିୟସ ଅଧିକ ଅନୁଭୂତ ହେବ। ଦୀର୍ଘ ସମୟ ଧରି ତାପମାତ୍ରା ଜାରି ରହିବା ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିବାର ସମ୍ଭାବନା ମଧ ଦେଖାଦେଇଛି। ତାତି ଜମାଟ ବାନ୍ଧି ପରିବେଶକୁ ଅଧିକ ଉତ୍ତପ୍ତ କରାଇବା ସହ ସ୍ଥିତି ଅସମ୍ଭାଳ ମଧ ହୋଇପାରେ। ଗତ ମାସର ସାମୁଦ୍ରିକ ତାପମାତ୍ରା ଏବଂ ବାୟୁ ଚଳଣକୁ ଲକ୍ଷ୍ୟ କରାଯାଇ ପାଣିପାଗ ବିଭାଗ ଏହି ପୂର୍ବାନୁମାନ କରିଛି। ବିଭାଗ ତରଫରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ, ବାର୍ଷିକ ତାପମାତ୍ରା ହିସାବରେ ୨୦୧୬ରେ ଏହା ଅଧିକ ରହିଥିଲା। ପ୍ରାକ୍ ମୌସୁମୀ ମାର୍ଚ୍ଚରୁ ମେ' ତିନିମାସରେ ହାରାହାରି ମଧମ ତାପମାତ୍ରା ୧.୩୬ ଡିଗ୍ରୀ ଅଧିକ ଥିଲା। ଶୀତଦିନେ ଜାନୁୟାରୀ ଓ ଫେବୃଆରୀ ମଧରେ ମଧ ୧.୪୩ ଡିଗ୍ରୀ ଅଧିକ ରହିଥିଲା। ତେଣୁ ୨୦୧୭ରେ ଏହି ଧାରା ଜାରି ରହିବ। ଏଲ୍‌ନିନୋ ସ୍ଥିତି (ପ୍ରଶାନ୍ତ ମହାସାଗରରେ ଜଳସ୍ତର ତାପମାତ୍ରା ହ୍ରାସ ପାଇବା) ଦୁର୍ବଳ ରହିଛି। ତେଣୁ ଖରା ଆସିବା ଆଗରୁ ଏହି ସ୍ଥିତି ଆହୁରି ଦୁର୍ବଳ ହୋଇ ନିଷ୍କ୍ରିୟ ହୋଇପଡିବ। ଫଳରେ ଏଲ୍‌ନିନୋ ପ୍ରଭାବରେ ଗ୍ରୀଷ୍ମ ତାପମାତ୍ରା ସନ୍ତୁଳନ ରକ୍ଷା କରିପାରିବ ନାହିଁ। ଗ୍ରୀଷ୍ମ ପ୍ରବାହ ଜୋନ୍ ଭାବେ ଚିହ୍ନଟ ହୋଇଥିବା ରାଜ୍ୟ ମଧରେ ପଞ୍ଜାବ, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ଦିଲ୍ଲୀ, ହରିୟାଣା, ରାଜସ୍ଥାନ, ଉତ୍ତରପ୍ରଦେଶ, ଗୁଜରାଟ, ମଧ୍ୟପ୍ରଦେଶ, ଚଣ୍ଡିଗଡ, ବିହାର, ଝାଡଖଣ୍ଡ, ପଶ୍ଚିମବଙ୍ଗ, ଓଡିଶା ଓ ତେଲଙ୍ଗାନା ରାଜ୍ୟ ରହିଛି। ଏହିସବୁ ଅଞ୍ଚଳକୁ କୋର ହିଟ ୱେଭ ଜୋନ କୁହାଯାଏ। ଏହି ଅଞ୍ଚଳରେ ମରାଠାୱାଡା, କେନ୍ଦ୍ରୀୟ ମହାରାଷ୍ଟ୍ର , ବିଦର୍ଭ ଅଞ୍ଚଳ ଓ ଉପକୂଳ ଆନ୍ଧ୍ରପ୍ରଦେଶ ରହିଛି। ୧୯୦୧ ପରଠାରୁ ୨୦୧୬ ଦେଶର ସବୁଠାରୁ ଉତ୍ତପ୍ତ ବର୍ଷ ଥିଲା। ରାଜସ୍ଥାନର ଫାଲେଡିରେ ତାପମାତ୍ରା ୫୧ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିଲା। ଏହା ଦେଶର ସବୁଠାରୁ ଅଧିକ ଉତ୍ତପ୍ତ ଅଞ୍ଚଳ ବିବେଚିତ ହୋଇଥିଲା। ରୌଦ୍ରତାପ ଯୋଗୁଁ ଗତବର୍ଷ ୧୬୦୦ ଲୋକଙ୍କର ମୃତ୍ୟୁ ହୋଇଥିଲା। କେବଳ ତେଲଙ୍ଗାନା ଓ ଆନ୍ଧ୍ରପ୍ରଦେଶରେ ୪୦୦ ପ୍ରାଣ ହରାଇଥିଲେ। ୨୦୧୭ ଜାନୁଆରୀ ମାସ ମଧ ସ୍ୱାଭାବିକ ଠାରୁ ଉତ୍ତପ୍ତ ଥିବା ରେକର୍ଡ କରାଯାଇଛି। ଜାନୁଆରୀ ମାସର ତାପମାତ୍ରା ସ୍ୱାଭାବିକ ଠାରୁ ୦.୬୭ ଡିଗ୍ରୀ ସେଲସିୟସ ଅଧିକ ଥିବା ଆଇଏମଡି ସୂଚନା ଦେବା ପରେ ରାଜ୍ୟରେ ଜଳଛତ୍ର ଖୋଲିବା ନେଇ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏନେଇ ଭୁବନେଶ୍ୱର ମହାନଗର ନାଗରିକ ସମାଜକୁ ନେଇ ଏକ ବୈଠକ ଅନୁଷ୍ଠିତ କରିଛି। ମାର୍ଚ୍ଚ ୨୫ ତାରିଖରୁ ରାଜଧାନୀ ଭୁବନେଶ୍ୱରରେ ଜଳସେବା ଶିବିର ଖୋଲାଯିବ ବୋଲି ଘୋଷଣା କରିଛି।

### ଅପରାଧୀଙ୍କ ...

ବିକାଶ କରିବା ସହିତ ଉପଯୁକ୍ତ ଭାବେ ନିର୍ଦ୍ଧାରିତ ସମୟ ଅନୁସାରେ ମକଦ୍ଦମା ବିବରଣୀ ପ୍ରସ୍ତୁତ କରି ବିଚାରାଳୟକୁ ପଠାଇବାକୁ ଗୃହ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକ ଅବସରରେ ଗୃହ ବିଭାଗ ପକ୍ଷରୁ ପ୍ରମୁଖ ଶାସନ ସଚିବ ଅସିତ ତ୍ରିପାଠୀ ୯ଟି ପୁରୁଣା ନୀତି ନିୟମର ସଂସ୍କାର କରାଯିବା ସହିତ କେତେକ ପ୍ରଶାସନିକ ବ୍ୟବସ୍ଥା ଏବଂ ନୂତନ ୭ଟି ସମନ୍ୱିତ ମହିଳା ଅପରାଧ ନିରୋଧ ୟୁନିଟ୍ ସ୍ଥାପନ କରାଯିବା ଉପରେ ଅବଗତ କରାଇଥିଲେ। ସେ ଦର୍ଶାଇଥିଲେ ଯେ, ଚଳିତବର୍ଷ ପୋଲିସ ବିଭାଗ ପକ୍ଷରୁ ୩୦୧୫ ଜଣଙ୍କୁ ପ୍ରତିଯୋଗିତା ପରୀକ୍ଷା ମାଧ୍ୟମରେ ଚୟନ କରାଯାଇଥିବା ବେଳେ ଅପରାଧ ଅନୁସନ୍ଧାନ କାର୍ଯ୍ୟର ଗୁଣାତ୍ମକ ବିକାଶ ଲାଗି ୨୬ଜଣ ବୈଷୟିକ ଅଧିକାରୀ ଓ ୪୨ ଜଣ ପରୀକ୍ଷାଗାର ସହାୟକଙ୍କୁ ନିଯୁକ୍ତ କରାଯାଇଛି। ଅଗ୍ନିଶମ ସେବା ଲାଗି ୧୦୯୦ଟି ପଦ ପୂରଣ କରାଯାଇଥିବା ବେଳେ ବିଭାଗରେ ୭୯୦ଟି ପଦ, ଅଗ୍ନିଶମ ସେବାରେ ୧୧ଟିଟି, ଜେଲ ବିଭାଗରେ ୧୭ଟି ନୂତନ ଫାୟାର ଷ୍ଟେସନ ପ୍ରତିଷ୍ଠା କରାଯାଇଛି। ରାଜ୍ୟରେ ଏବେ ୩୧୩ଟି ଫାୟାର ଷ୍ଟେସନ ସହ ୩ଟି ସରକାରୀ ମେଡିକାଲ କଲେଜରେ ୩ଟି ଷ୍ଟେସନ୍ ପ୍ରତିଷ୍ଠା କରାଯାଇଛି। ଏହାବାଦ୍ ବିଭାଗ ପକ୍ଷରୁ ଓଡ଼ିଶା ପୋଲିସ୍ ସିଗ୍‌ନାଲ ସର୍ଭିସ, ପୋଲିସ ଫଟୋଗ୍ରାଫିକ ସର୍ଭିସ୍, ପୋଲିସ ବୈଷୟିକ ସର୍ଭିସ, ଜେଲ୍ ମାନୁଆଲ, ଓଡ଼ିଶା ସଚିବାଳୟ ସେବା, ରାଜ୍ୟ ଆଇନ ସେବାର ସଂସ୍କାର ଅଣାଯାଇ ନୂତନ ନିୟମାବଳୀ ପ୍ରସ୍ତୁତ କରାଯାଇଛି। ସେହିପରି ବିଭାଗ ପକ୍ଷରୁ ଓଡ଼ିଶା ଅଗ୍ନି ନିରାପତ୍ତା ନିୟମ ପ୍ରସ୍ତୁତି, ଓଡ଼ିଶା ପ୍ରିଜନ ମାନୁଆଲର ସଦ୍ୟତମକରଣ, ଓଡ଼ିଶା ସେକ୍ରେଟେରିଆଟ୍ ସେବା ଅଧିକାରୀମାନଙ୍କ ନୂତନ ବଦଳି ନିୟମ, ଓଡ଼ିଶା ୱିଚ୍ ହଟିଂ ଆକ୍ଟର କାର୍ଯ୍ୟାନ୍ୱୟନ ପନ୍ଥା, ନିର୍ଦ୍ଦୋଷରେ ଖଲାସ ହେଉଥିବା କେସ୍ ଗୁଡିକର ଷ୍ଟାଣ୍ଡିଂ କମିଟି ଦ୍ୱାରା ଅନୁଶୀଳନ, ନୂତନ ୭ଟି ସମନ୍ୱିତ ମହିଳା ଅପରାଧ ନିରୋଧ ୟୁନିଟ୍ ସ୍ଥାପନ କରାଯିବା ଲାଗି ପ୍ରସ୍ତାବ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହାବ୍ୟତୀତ ଷ୍ଟେସନଗୁଡିକର ପୁନର୍ଗଠନ, ସାଇବର ଫରେନ୍ସିକ୍ ୟୁନିଟ୍ ସ୍ଥାପନ, ତଟବର୍ତ୍ତୀ ଥାନା ପ୍ରତିଷ୍ଠା ଏବଂ ଦୃଢ଼ୀକରଣ, ପର୍ଯ୍ୟଟନ ପୋଲିସ ଷ୍ଟେସନ ପ୍ରତିଷ୍ଠା, ସବୁ ସରକାରୀ ସ୍ୱାସ୍ଥ୍ୟସେବା ଅନୁଷ୍ଠାନରେ ଫାୟାର ଅଡିଟ୍ କାର୍ଯ୍ୟ ସମାପନ କାର୍ଯ୍ୟ କରାଯିବାକୁ ସ୍ଥିର ହୋଇଥିବା ଆଲୋଚନା ବେଳେ ଜଣାପଡିଥିଲା। ତେବେ ଏହି ସମସ୍ତ କାର୍ଯ୍ୟକୁ ତୁରନ୍ତ ଶେଷ କରିବାକୁ ମୁଖ୍ୟ ଶାସନ ସଚିବ ଶ୍ରୀ ପାଢ଼ୀ ଗୃହସଚିବ ଶ୍ରୀ ତ୍ରିପାଠୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ଗୃହ ବିଭାଗ ସ୍ୱତନ୍ତ୍ର ଶାସନସଚିବ ଲଳିତ କୁମାର ଦାସ, ଅତିରିକ୍ତ ଶାସନସଚିବ ପ୍ରଫୁଲ ଚନ୍ଦ୍ର ପ୍ରଧାନଙ୍କ ସମେତ ବହୁ ବରିଷ୍ଠ ପଦାଧିକାରୀ ମଧ ଉପସ୍ଥିତ ଥିଲେ।

### ବିକାଶ ପଛରେ ...

ସଂଗଠିତ କ୍ଷେତ୍ରରେ ନିଯୁକ୍ତି ୨୦୦୪ରୁ ୨୦୧୫ ମଧରେ ୨.୧ପ୍ରତିଶତ କମିଥିବାବେଳେ ଘରୋଇ କ୍ଷେତ୍ରରେ ୧.୪ପ୍ରତିଶତ ବଢ଼ିଛି। ବିମୁଦ୍ରାୟନ ପରେ ଜାତୀୟ ସ୍ତରର ଅର୍ଥନୀତି ଅଭିବୃଦ୍ଧି ମାନ୍ଦା ରହିବ ବୋଲି ଭାରତ ସରକାରଙ୍କ ଅର୍ଥନୀତି ସର୍ଭେରେ ଆକଳନ କରାଯାଇଥିବାବେଳେ ଏଥିଯୋଗୁଁ ରାଜ୍ୟ ଅର୍ଥନୀତି ମଧ ପ୍ରଭାବିତ ହେବାର ଆଶଙ୍କା ରହିଛି। ରାଜ୍ୟର ବେକାରୀ ହାର ୨୦୧୩-୧୪ ସୁଦ୍ଧା ୪.୩ ପ୍ରତିଶତ ରହିଛି। ମୋଟ ଘରୋଇ ଉତ୍ପାଦକୁ କୃଷି କ୍ଷେତ୍ରର ଅବଦାନ ୧୮ପ୍ରତିଶତକୁ କମିଥିଲେ ହେଁ ଏବେ ବି ମୋଟ ଶ୍ରମ ଶକ୍ତିର ୬୨ ପ୍ରତିଶତ କୃଷି କ୍ଷେତ୍ରରେ ନିର୍ଭର କରୁଛନ୍ତି। ୨୦୧୫-୧୬ ସୁଦ୍ଧା ଜଳସେଚନ ସୁବିଧା ୫୪.୭୪ଲକ୍ଷ ହେକ୍ଟର ଜମିକୁ ଯୋଗାଇଦିଆଯାଇଛି। ୨୦୧୫-୧୬ରେ ଅତିରିକ୍ତ ୩.୨୦ଲକ୍ଷ ହେକ୍ଟର ଜମିକୁ ଜଳସେଚନ ସୁବିଧା କରାଯାଇପାରିଛି। ରାଜ୍ୟର ୩୧୪ ବ୍ଲକ ମଧ୍ୟରୁ ୧୯୮ଟି ବ୍ଲକରେ ଚାଷ ଜମିର ୩୫ପ୍ରତିଶତରୁ କମ ଅଞ୍ଚଳ ଜଳସେଚିତ ହୋଇଛି। ୨୦୧୬ ସୁଦ୍ଧା ୧୯୮ ବ୍ଲକ ଜଳସେଚିତ ହେବାର ଲକ୍ଷ୍ୟ ଥିଲା, ମାତ୍ର ୯୩ବ୍ଲକରେ ଲକ୍ଷ୍ୟ ହାସଲ ହୋଇଛି। ରାଜ୍ୟରେ ଥିବା ୨୫୨ଟି ବୃହତ ଓ ମଧମ ଶିଳ୍ପ ମଧରୁ ୨୦୧୬ ମାର୍ଚ୍ଚ ସୁଦ୍ଧା ୧୬୨ଟି ଇଂଜିନିୟରିଂ ଓ ମେଟାଲ ଶିଳ୍ପରେ ୭୮,୨୦୦.୨୭କୋଟି ଟଙ୍କା ପୁଞ୍ଜିନିବେଶ ହୋଇଥିବାବେଳେ ୮୯,୧୯୯ ଜଣଙ୍କୁ ନିଯୁକ୍ତି ମିଳିଛି। ସର୍ଭେ ରିପୋର୍ଟରେ କୁହାଯାଇଛି ଯେ ୨୦୧୫-୧୬ ସୁଦ୍ଧା ରାଜ୍ୟରେ ବ୍ୟାଙ୍କ ଶାଖା ୯.୧୩ ପ୍ରତିଶତ ବଢ଼ିବା ସହିତ ବର୍ତ୍ତମାନ ସୁଦ୍ଧା ପ୍ରାୟ ୮୦ପ୍ରତିଶତ ସମସ୍ତ ବ୍ୟାଙ୍କ ଶାଖା ଗ୍ରାମାଞ୍ଚଳ ଓ ଅର୍ଦ୍ଧସହରାଞ୍ଚଳରେ ହୋଇଛି। ବ୍ୟାଙ୍କ ଜମା ୧୧.୫ପ୍ରତିଶତ ବଢ଼ିଛି। ରାଜ୍ୟକୁ ଘରୋଇ ପର୍ଯ୍ୟଟକ ସଂଖ୍ୟା ରାଜ୍ୟ ଭିତରୁ ୨.୬ ଓ ବାହାରୁ ୧.୮ ଗୁଣ ବଢ଼ିଛି। ବିଜୁଳି ଚାହିଦା ୨୦୧୫-୧୬ ସୁଦ୍ଧା ୨୯୩୪ମେଗାୱାଟ ଥିବାବେଳେ ଏବେ ୨୯୦୧ ମେଗାୱାଟ ମିଳୁଛି। ଓଡ଼ିଶାର ପ୍ରାୟ ୯୨ପ୍ରତିଶତ ଗାଁକୁ ବିଜୁଳି ସଂଯୋଗ ହୋଇସାରିଛି। ରାଜ୍ୟର ୭୯ପ୍ରତିଶତ ଗ୍ରାହକ ଗ୍ରାମାଞ୍ଚଳର ହୋଇଥିବାବେଳେ ମୋଟ ଉପଭୋକ୍ତାଙ୍କ ଭିତରୁ ୯୨ ଶତାଂଶ ହେଉଛନ୍ତି ଘରୋଇ ଉପଭୋକ୍ତା। ରାଜ୍ୟର ରେଳ ସାନ୍ଦ୍ରତା ପ୍ରତି ହଜାରେ ବର୍ଗ କିମି ଅଞ୍ଚଳରେ ୧୬ କିମି ରହିଛି। ଏହା ଜାତୀୟ ହାର(୨୦କିମି)ଠାରୁ ପଛରେ। ତେବେ ରାଜ୍ୟରେ ଟେଲି ଯୋଗାଯୋଗ ସାନ୍ଦ୍ରତା ବଢ଼ିଥିଲେ ବି ଜାତୀୟ ହାରଠାରୁ ପଛରେ ରହିଛି। ଜାତୀୟ ସ୍ତରରେ ଟେଲି ସାନ୍ଦ୍ରତା ୮୩.୩୬ ଶତାଂଶ ଥିବାବେଳେ ଓଡ଼ିଶାରେ ଏହା ୬୯.୦୯ପ୍ରତିଶତ। କିନ୍ତୁ ସହରାଞ୍ଚଳରେ ଏହି ହାର ଜାତୀୟ ହାରଠୁ ଆଗରେ ଅଛି। ସର୍ଭେ ତଥ୍ୟ ଅନୁସାରେ ରାଜ୍ୟରେ ଦାରିଦ୍ର୍ୟ ହାର ୨୦୦୪-୦୫ରୁ ୨୦୧୧-୧୨ ମଧରେ ୨୪.୬ପ୍ରତିଶତ ହ୍ରାସ ପାଇ ୫୭.୨ରୁ ୩୨.୬ ଶତାଂଶରେ ପହଞ୍ଚିଥିଲା। ତଥାପି ଏବେ ମଧ ରାଜ୍ୟରେ ଆଞ୍ଚଳିକ, ସାମାଜିକ ଓ ସାଧାରଣ ସ୍ତରରେ ବିକାଶରେ ବୈଷମ୍ୟ ରହିଛି। ସବୁ ଅଞ୍ଚଳକୁ ବିକାଶ ସମ ଭାବରେ ଛୁଇଁପାରିନି। ରାଜ୍ୟରେ ଶିଶୁ ଜନ୍ମହାର ପ୍ରତି ହଜାରେ ଜନସଂଖ୍ୟାରେ ୧୯.୬କୁ କମିଛି। ଜାତୀୟ ସ୍ତରରେ ଏହି ହାର ରହିଛି ୨୧.୪(୨୦୧୩ ବର୍ଷର ହିସାବ ଅନୁସାରେ)। ଆନୁଷ୍ଠାନିକ ପ୍ରସବ ହାର ୨୦୧୪-୧୫ ସୁଦ୍ଧା ୮୯ପ୍ରତିଶତକୁ ବଢ଼ିଛି। ରାଜ୍ୟରେ ଗୋଟିଏ ଡାକ୍ତରଖାନା ଉପରେ ହାରାହାରି ୨୩,୮୮୪ଜଣ ଲୋକ ନିର୍ଭର କରୁଛନ୍ତି। ଜାତୀୟ ସ୍ତରଠୁ ସ୍ୱାସ୍ଥ୍ୟକ୍ଷେତ୍ରରେ ଓଡ଼ିଶା ଆଗରେ ରହିଛି। ଦେଶରେ ହାରାହାରି ୬୧,୦୧୧ଜଣ ଲୋକଙ୍କ ପିଛା ଗୋଟିଏ ଡାକ୍ତରଖାନା ରହିଛି। ସର୍ଭେ ରିପୋର୍ଟ ତଥ୍ୟ ଅନୁସାରେ ସମ୍ପୂର୍ଣ୍ଣ ପରିମଳ ଅଭିଯାନ ଜରିଆରେ ଗ୍ରାମାଞ୍ଚଳରେ ପାଇଖାନା ନିର୍ମାଣ ସଂଖ୍ୟା ବଢ଼ିଛି। ୨୦୧୬ ମାର୍ଚ୍ଚ ସୁଦ୍ଧା ୧୪,୬୦,୭୫୭ ଘରୋଇ ଶୌଚାଳୟ ନିର୍ମାଣ ହୋଇଛି। ସବୁ ବିକାଶ କାର୍ଯ୍ୟକ୍ରମ ସତ୍ତ୍ୱେ ରାଜ୍ୟ ସରକାରଙ୍କ ପାଇଁ କ୍ଷୁଧା ଓ ପୁଷ୍ଟିହୀନତା ଏବେ ବି ଉଦ୍‌ବେଗର ବିଷୟ ହୋଇ ରହିଛି। ଶିଶୁଙ୍କ ଭିତରେ ଖାଦ୍ୟାଭାବ ଜନିତ ସମସ୍ୟା ରାଜ୍ୟର ସାମଗ୍ରିକ ବିକାଶ ଉପରେ କୁପ୍ରଭାବ ପକାଇଛି। ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କ ଭିତରେ ସାମାଜିକ ନିରାପତ୍ତା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ତଥାପି କେତେକ ମାନବ ବିକାଶ ସୂଚକାଙ୍କରେ ଲିଙ୍ଗଗତ ବୈଷମ୍ୟ ରହିଛି। ପୁରୁଷଙ୍କ ସାକ୍ଷରତା ହାର ୮୧.୫୯ ଶତାଂଶ ଥିବାବେଳେ ମହିଳାଙ୍କ କ୍ଷେତ୍ରରେ ସାକ୍ଷର ହାର ୬୪.୦୧ପ୍ରତିଶତ। ମୋଟ ଶ୍ରମଶକ୍ତି ଭିତରୁ ମହିଳାଙ୍କ ହାର ହେଉଛି ୪୫ପ୍ରତିଶତ। କିଛି ବର୍ଷ ଭିତରେ ସଂଗଠିତ କ୍ଷେତ୍ରରେ ମହିଳାଙ୍କ ନିଯୁକ୍ତି ହାର ବଢ଼ିଛି।

### ମୋବାଇଲ ...

ଏହି ବ୍ୟବସ୍ଥା ଆରମ୍ଭ ହେବା ପରେ ଟ୍ରାଭେଲ୍ ସ୍ମାର୍ଟ ଆପ୍ କାର୍ଯ୍ୟକ୍ଷମ ହେବ। ଏହି ଆପ୍ ଜରିଆରେ ଲୋକେ ଭୁବନେଶ୍ୱର, କଟକ, ପୁରୀ ଓ ଖୋର୍ଦ୍ଧାରେ ଚଳାଚଳ କରୁଥିବା ସମସ୍ତ ସିଟିବସ୍‌କୁ ଏହି ଆପ୍ ସହ ସଂଯୋଗ କରାଯିବ। ଅର୍ଥାତ୍ ଟ୍ରାଭେଲ୍ ସ୍ମାର୍ଟ ଆପ୍ ବ୍ୟବହାର କରି ଯାତ୍ରୀ ସମସ୍ତ ବସ୍‌ର ତଥ୍ୟ ପାଇପାରିବେ। ବିଶେଷକରି କେଉଁ ରୁଟ୍‌ରେ କେତ ନମ୍ବର ବସ୍ ଯାଉଛି, କେତେବେଳେ ଯିବା ଆସିବା କରୁଛି, ବର୍ତ୍ତମାନ ନିର୍ଦ୍ଦିଷ୍ଟ ରୁଟ୍‌ର ବସ୍ କେଉଁ ସ୍ଥାନରେ ଗତି କରୁଛି, କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ କେତେବେଳେ ପହଞ୍ଚିବ, ଯାତ୍ରୀ ଭଡା କେତେ ଟଙ୍କା ଆଦି ତଥ୍ୟ ଜାଣିହେବ। ଏଥିସହ ଯାତ୍ରୀ ସିଟି ବସ୍ ସେବା ସମ୍ପର୍କରେ ନିଜ ଆପତ୍ତି ଅଭିଯୋଗ ମଧ କର୍ତ୍ତୃପକ୍ଷଙ୍କୁ ଜଣାଇ ପାରିବେ।

### ପ୍ରେମ ପାଗଳୀର ...

ସୂଚନା ଅନୁସାରେ ସେକ୍ଟର-୭ ଥାନା ଅଧୀନ ସେକ୍ଟର-୮ ଡି ବ୍ଲକରେ ଘଟିଛି ଏହି ଅଭାବନୀୟ କାଣ୍ଡ। ଘଟଣାଟି ପ୍ରାୟ ୩ ମାସ ତଳେ ଘଟିଥିଲା। ଉଭୟ ପ୍ରେମିକ ଓ ପ୍ରେମିକାଙ୍କ ଉପରେ ସନ୍ଦେହ ହେବାରୁ ତଦନ୍ତ ଗୋପନ ଭାବେ କରାଯାଇଥିଲା। କିନ୍ତୁ ଏବେ ପୋଲିସ ଏହାର ପର୍ଦ୍ଦାଫାଶ କରିଛି। ଗତ ମଙ୍ଗଳବାର ଦିନ ଅଭିଯୁକ୍ତ ଝିଅ ରିୟା କୁମାରୀ(୨୧) ଓ ତାଙ୍କ ପ୍ରେମିକ ଆରିୟନ ଓରଫ ସୁବ୍ରତ ଭୋରାସାଗର (୨୦) ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ। ପୋଲିସ ଏହି ହତ୍ୟାକାଣ୍ଡରେ ବ୍ୟବହୃତ କମ୍ବଳ ମଧ ଜବତ କରି ତଦନ୍ତକୁ ଜୋରଦାର କରିଥିଲା। ଉଭୟ ରିୟା ଓ ଆରିୟାନଙ୍କୁ ଥାନାରେ ମାରାଥନ ଜେରା କରିବା ପରେ ଶେଷ ମୁହୂର୍ତ୍ତରେ ସେମାନେ ଏହି ହତ୍ୟାକାଣ୍ଡ ଘଟାଇଥିବା ସ୍ୱୀକାର କରିଥିଲେ।

ସବିଶେଷ ତଥ୍ୟ ଅନୁସାରେ, ଏହି କ୍ୱାର୍ଟରରେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ଜନୈକ କର୍ମଚାରୀ ଅଗୁନି ନାୟକ, ସ୍ତ୍ରୀ ପାନୁ(୫୫), ୨ ପୁଅ ଓ ୨ ଝିଅ ରିୟା ଏବଂ ସୁନିତା ରୁହନ୍ତି। ନିକଟରେ ଥିବା ସେକ୍ଟର-୯/ ସି-୯ ସର୍ଭାଣ୍ଟ କ୍ୱାର୍ଟରରେ ରହୁଥିଲେ ଆରିୟନ ନାମକ ଜଣେ ଯୁବକ। ବିଗତ ୨ ବର୍ଷ ଧରି ରିୟା ଓ ଆରିୟାନ ଦୁହେଁ ଦୁହିଁଙ୍କୁ ଅତ୍ୟଧିକ ଭଲ ପାଉଥିଲେ। କିନ୍ତୁ ଉଭୟଙ୍କ ମିଳାମିଶାକୁ ରିୟାଙ୍କ ମା' ପାନୁ ତୀବ୍ର ବିରୋଧ କରୁଥିଲେ। ତେଣୁ ପ୍ରେମୀଯୁଗଳ ଉପାୟ ନ ପାଇ କାମ କରିବା ବାହାନାରେ କିଛିଦିନ ପାଇଁ ମାଡ୍ରାସ ପଳାଇଥିଲେ। ସେଠାରେ ୨/୩ ମାସ ରହି ପୁଣି ରାଉଲକେଲା ଫେରିଥିଲେ। ସେଠାରୁ ଫେରିବା ପରେ ଆରିୟନଙ୍କୁ ବିବାହ କରିବା ଲାଗି ରିୟା ନିଜ ଘରେ ଜିଦ୍ କରିଥିଲେ। ମାତ୍ର ଆରିୟନ କିଛି କାମଧନ୍ଦା କରୁ ନ ଥିବାରୁ ଏହି ପ୍ରସ୍ତାବରେ ରିୟାର ମା' ପାନୁ ରାଜି ହୋଇ ନ ଥିଲେ। ମା'ଙ୍କ ଏପରି ବିରୋଧକୁ ସହି ନ ପାରି ପ୍ରେମିକଙ୍କ ସହ ମିଶି ରିୟା ମା'କୁ ହତ୍ୟା ଲାଗି ଯୋଜନା କରିଥିଲା। ଗତ ୨ ଡିସେମ୍ବର ୨୦୧୬ ରାତି ପ୍ରାୟ ୯ଟାରେ ନିଜ ଯୋଜନାକୁ ରିୟା ଓ ଆରିୟନ ବାସ୍ତବ ରୂପ ଦେଇଥିଲେ। ସେଦିନ ରିୟାର ବାପା ଆରଏସ୍‌ପିକୁ ଡ୍ୟୁଟିରେ ଚାଲିଯାଇଥିଲେ। ୨ ଭାଇ ମଧ ନିଜ ଧନ୍ଦାରେ ଘରୁ ବାହାରି ଯାଇଥିଲେ। ଏହାର କିଛିକ୍ଷଣ ପରେ ଘରେ କିଛି ଖାଇବାକୁ ନ ଥିବା କହି ରିୟା ନିଜ ସାନ ଭଉଣୀ ସୁନୀତାକୁ ଧରି ସ୍ଥାନୀୟ ଏକ ମାର୍କେଟ ଅଭିମୁଖେ ଯାଇଥିଲେ। ଫାଷ୍ଟଫୁଡ୍ ଦୋକାନରେ ୨ ଭଉଣୀ ପହଞ୍ଚିବା ପୂର୍ବରୁ ପ୍ରେମିକ ଆରିୟନ ସେଠାରେ ପହଞ୍ଚି ଯାଇଥିଲା। ଦୋକାନୀକୁ ଚାଉମିନ ଅର୍ଡର ଦେବା ପରେ ଟଏଲେଟ ଯିବା ବାହାନ ଦେଖାଇ ରିୟା ସାନ ଭଉଣୀ ସୁନୀତାକୁ ସେଠାରେ ଛାଡି ଦେଇ ଆରିୟନ ସହିତ ଘରକୁ ବାହୁଡି ଆସିଥିଲେ। ଏହି ସମୟରେ ସେ ତା' ପ୍ରେମିକ ଆରିୟାନ ସହିତ ମା' ପାନୋ ଘରେ ବିଶ୍ରାମ ନେଉଥିବା ସମୟରେ ତାଙ୍କୁ ମାଡି ବସିଥିଲେ। ରିୟା ଗୋଡକୁ ଜାବୁଡି ଧରିଥିବା ବେଳେ ଆରିୟାନ ତଣ୍ଟି ଚିପି ନିର୍ମମ ଭାବେ ହତ୍ୟା କରିଥିଲା। ପାନୋଙ୍କ ମୃତ୍ୟୁ ନେଇ ନିଶ୍ଚିତ ହେବା ପରେ ଘରୁ ଉଭୟେ ବାହାରି ଆସିଥିଲେ। ନିଜକୁ ନିର୍ଦ୍ଦୋଷ ଦର୍ଶାଇବାକୁ ରିୟା ପୁଣି ଭଉଣୀ ପାଖକୁ ଯାଇ ଚାଓମିନ୍ ଖାଇଥିଲା। ପରେ ଉଭୟେ ମିଶି ଘରକୁ ଫେରିଥିଲେ। ଏହାର କିଛି ସମୟ ପରେ ଦୁଇ ଭାଇ ମଧ ଘରକୁ ଫେରିଥିଲେ। କିନ୍ତୁ ଏହି ସୁଚିନ୍ତିତ ହତ୍ୟା ବିଷୟରେ କେହି ଟେର୍ ବି ପାଇ ନଥିଲେ। ତା'ପରଦିନ, ଅର୍ଥାତ୍ ୩ ତାରିଖ ସକାଳ ପ୍ରାୟ ୭ଟାରେ ଅଗନୁ ଡ୍ୟୁଟି ସାରି ଘରକୁ ଫେରିଥିଲେ। ସ୍ତ୍ରୀକୁ ଡାକିବାରେ ସେ ନ ଶୁଣିବାରୁ ସନ୍ଦେହ କରି ପାଖକୁ ଯିବାରୁ ପାନୋଙ୍କ ମୃତ୍ୟୁ ହୋଇଥିବା ଜାଣିପାରିଥିଲେ। ତୁରନ୍ତ ତାଙ୍କୁ ଆଇଜିଏଚ୍ ଆଣିଥିଲେ ମଧ ଡାକ୍ତର ମୃତ୍ୟୁ ହୋଇସାରିଥିବା କହିଥିଲେ। ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟ କିନ୍ତୁ ଘଟଣାକୁ ନୂଆ ମୋଡ ଦେଇଥିଲା। ରିପୋର୍ଟରେ ତଣ୍ଟିଚିପି ହତ୍ୟା କରାଯାଇଥିବା ସ୍ପଷ୍ଟ ହେବାରୁ ପୋଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମାସାଧିକ କାଳ ଛାନଭିନ୍ କରିବା ପରେ ପ୍ରେମକୁ ବିରୋଧ କରିବାରୁ ନିର୍ମମ ଭାବେ ହତ୍ୟା କରାଯାଇଥିବା ସନ୍ଦେହ କରି ପୋଲିସ ଦୁଇ ଅଭିଯୁକ୍ତ ରିୟା ଓ ଆରିୟାନ୍‌କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

### ସାମାଜିକ ...

ତନ୍ମଧ୍ୟରେ ପାଇକ ବିଦ୍ରୋହର ୨୦୦ ବର୍ଷ ପୂର୍ତ୍ତି ଅବସରରେ ମହାନ ବିପ୍ଳବୀ ବକ୍ସି ଜଗବନ୍ଧୁ ବିଦ୍ୟାଧରଙ୍କ ସ୍ମୃତିରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ପାନୀୟ ଜଳ ଯୋଗାଣ ନିମନ୍ତେ 'ବକ୍ସି ଜଗବନ୍ଧୁ ନିଶ୍ଚିତ ଜଳ ଯୋଗାଣ' (ବସୁଧା) ଯୋଜନା କାର୍ଯ୍ୟକାରୀ କରାଯିବ। ସେହିପରି ସ୍ୱାଧୀନତା ସଂଗ୍ରାମୀ ତଥା ପରମପୂଜନୀୟା ମାଳତୀ ଦେବୀଙ୍କ ନାମରେ ଅଙ୍ଗନବାଡ଼ି ଶିଶୁଙ୍କୁ ମାଗଣା ପୋଷାକ ଦେବା ନିମନ୍ତେ 'ମାଳତୀ ଦେବୀ ପ୍ରାକ୍ ବିଦ୍ୟାଳୟ ପରିଧାନ ଯୋଜନା', ଶ୍ରୀକ୍ଷେତ୍ରର ସାମଗ୍ରିକ ବିକାଶ ପାଇଁ 'ଅବଢ଼ା' ଯୋଜନା, ସାଧାରଣ ଶିକ୍ଷାରୁ ବଞ୍ଚିତଙ୍କ ପାଇଁ 'ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ', ଗରିବ ଲୋକଙ୍କୁ ଚିକିତ୍ସା ସହାୟତା ପାଇଁ 'ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ସେବା ମିଶନ', ଓ 'ବିଚ୍ଛିନ୍ନ ଗ୍ରାମକୁ ସଂଯୋଗୀକରଣ', ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଶକ୍ତୀକରଣ ଓ ସହାୟତା ନିମନ୍ତେ 'ମୁଖ୍ୟମନ୍ତ୍ରୀ ମହିଳା ସଶକ୍ତିକରଣ ଯୋଜନା' ପ୍ରଣୟନ କରାଯିବା ନେଇ ସୂଚନା ଦେଇଛନ୍ତି । ବଜେଟ୍‌ରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ନିମନ୍ତେ ୧୪,୯୩୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଏଥିରେ ପାର୍ବତୀ ଗିରି ଉଠା ଜଳସେଚନ ପ୍ରକଳ୍ପ ପାଇଁ ୧୫୪୬ କୋଟି ଟଙ୍କା, ୪୦୦୦ ଆଡ଼ି ବନ୍ଧ ନିର୍ମାଣ ନିମନ୍ତେ ୫୫୬ କୋଟି ଟଙ୍କା, ୧୨୨୦ ଉଠା ଜଳସେଚନର ପୁନରୁଦ୍ଧାର ପାଇଁ ୧୨୦ କୋଟି, ବିଜୁକୃଷକ ବିକାଶ ଯୋଜନାରେ ୬୨୦ କୋଟି, ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନାରେ ରାଜ୍ୟର ଅଂଶ ବାବଦରେ ୨୫୦ କୋଟି ଟଙ୍କା ଆବଣ୍ଟନ ହୋଇଛି। ସେହିପରି ୬୦୦୦୦ ହେକ୍ଟର ଜମିକୁ ଜଳସେଚନ ପାଇଁ ୨୬୮ କୋଟି ଓ ୧୫୦ କିଲୋମିଟର କେନାଲର ଆସ୍ତରଣ ନିମନ୍ତେ ୨୭୦ କୋଟି ବରାଦ ହୋଇଛି। ଚଳିତ ବର୍ଷ ରାଜ୍ୟ ବଜେଟ୍‌ରେ ବିଭାଗ ଅନୁସାରେ ଘୋଷଣା ନହୋଇ ଯୋଜନା ଆଧାରରେ ବଜେଟ୍ ପ୍ରସ୍ତୁତ କରାଯାଇଛି ଏବଂ ଉଭୟ ଯୋଜନା ଓ ଅଣ ଯୋଜନା ବ୍ୟୟକୁ ଏକତ୍ର କରି ଏହି ବଜେଟ୍ ଉପସ୍ଥାପିତ ହୋଇଛି । ଶିକ୍ଷା ଓ ଦକ୍ଷତା ବୃଦ୍ଧି ପାଇଁ ସର୍ବାଧିକ ୧୮୪୦୪ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏଥିରେ ସର୍ବଶିକ୍ଷା ଅଭିଯାନ ନିମନ୍ତେ ସର୍ବାଧିକ ୨୦୦୦ କୋଟି ଟଙ୍କା ବରାଦ ହୋଇଥିବାବେଳେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ପାଇଁ ୮୬୦ କୋଟି ଓ ମାଧ୍ୟମିକ ଶିକ୍ଷା ଅଭିଯାନ ନିମନ୍ତେ ୭୦୬ କୋଟି ଟଙ୍କା ଅଟକଳ ରଖାଯାଇଛି । ସେହିପରି ଆଗାମୀ ବର୍ଷ ପାଇଁ ସ୍ୱାସ୍ଥ୍ୟ ସେବା ନିମନ୍ତେ ୫୬୯୦ କୋଟି ଟଙ୍କା ବରାଦ କରାଯାଇଛି, ଯାହାକି ଗତବର୍ଷର ପରିମାଣଠାରୁ ୨୦% ଅଧିକ। ଏଥିରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ପାଇଁ ୧୨୨୯ କୋଟି ଟଙ୍କା, ଡ଼ାକ୍ତରଖାନାରେ ଅଗ୍ନି ନିରୋଧକ ଓ ପରିମଳ ବ୍ୟବସ୍ଥା ପାଇଁ ୩୪୫ କୋଟି ଟଙ୍କା ଅନ୍ତର୍ଭୁକ୍ତ। ଗୃହ ନିର୍ମାଣ ପାଇଁ ୩୩୦୦ କୋଟି ଟଙ୍କା ଅଟକଳ ମଧ୍ୟରୁ ଗ୍ରାମୀଣ ଓ ବିଜୁ ପକ୍କାଘର ପାଇଁ ୩୩୦୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି । ଗ୍ରାମାଞ୍ଚଳରେ ପକ୍କାଘର ନିମନ୍ତେ ୩୧୦୦ କୋଟି ଓ ସହରାଞ୍ଚଳ ଗୃହ ନିର୍ମାଣ ମିଶନ ପାଇଁ ୨୦୦ କୋଟି ଟଙ୍କା ଏଥିରେ ରହିଛି। ଅନୁସୂଚିତ ଜାତି ଓ ଜନଜାତି, ପଛୁଆବର୍ଗ ଓ ସଂଖ୍ୟାଲଘୁ ବିଭାଗ ପାଇଁ ୨୯୪୮.୩୭ କୋଟି ଟଙ୍କା ବ୍ୟୟବରାଦ ହୋଇଛି । ରାଜ୍ୟରେ ବିପର୍ଯ୍ୟୟର ମୁକାବିଲା ପାଇଁ ବିପର୍ଯ୍ୟୟ ପ୍ରଶମନ ବାବଦରେ ୨୪୬୪ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ଅର୍ଥମନ୍ତ୍ରୀ କହିଛନ୍ତି । ରାଜ୍ୟ ଆପଦ ମୁକାବିଲା ପାଣ୍ଠିରେ ୮୨୪ କୋଟି ଟଙ୍କା, ଜାତୀୟ ଆପଦ ମୁକାବିଲା ପାଣ୍ଠିରେ ୧୦୦୦ କୋଟି ଟଙ୍କା ସହ ଓଡ଼ିଶା ବିପର୍ଯ୍ୟୟ ମୁକାବିଲା ପ୍ରକଳ୍ପ ପାଇଁ ୨୫୦ କୋଟି ଟଙ୍କା ଓ ଜାତୀୟ ବାତ୍ୟା ବିପଦ ମୁକାବିଲା କାର୍ଯ୍ୟକ୍ରମ ପାଇଁ ୩୮୭ କୋଟି ଟଙ୍କା ଅନ୍ତର୍ଭୁକ୍ତ । ଅନୁରୂପ ଭାବରେ ସଡ଼କ, ରେଳ ଓ ପରିବହନ ପାଇଁ ବିପୁଳ ଅର୍ଥ ବରାଦ ହୋଇଛି । ୧୩୧୦ କିଲୋମିଟର ସଡ଼କ ଉନ୍ନତି, ୩୭ଟି ସେତୁ, ୩ଟି ରେଳ ଓଭରବ୍ରିଜ ପାଇଁ ୩୨୭୮ କୋଟି ଟଙ୍କା ବରାଦ କରାଯାଇଛି । ରାଜ୍ୟ ରାଜପଥର ଦୋହରୀକରଣ ପାଇଁ ୫୦୦ କୋଟି, କେନ୍ଦ୍ରୀୟ ସଡ଼କ ପାଣ୍ଠି ପାଇଁ ୫୦୫ କୋଟି ଟଙ୍କା ବରାଦ କରାଯାଇଥିବା ଘୋଷଣା କରିଛନ୍ତି ଅର୍ଥମନ୍ତ୍ରୀ ଶ୍ରୀ ଅମାତ।

### ମାଫିଆ, ଡନ୍ ...

ଆସନ୍ତା ଏପ୍ରିଲ ପ୍ରଥମ ସପ୍ତାହରେ ଏସ୍ଆଇଟି ତା'ର ଷଷ୍ଠ ଅନ୍ତରୀଣ ରିପୋର୍ଟ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିବ । ପୂର୍ବରୁ ଏସ୍ଆଇଟି ଯେଉଁ ପ୍ରସ୍ତାବ ଦେଇଥିଲା; ସେଥିରେ ଜଣେ ବ୍ୟକ୍ତି କିମ୍ବା ଅନୁଷ୍ଠାନ ୧୫ ଲକ୍ଷରୁ ଉର୍ଦ୍ଧ୍ୱ ନଗଦ ଟଙ୍କା ରଖିପାରିବେ ନାହିଁ ତାହା କେନ୍ଦ୍ର ସରକାରଙ୍କ ବିଚରାଧୀନ ରହିଛି । ସରକାର ବିଭିନ୍ନ ଦିଗରୁ ଏହାକୁ ତର୍ଜମା କରୁଛନ୍ତି ବୋଲି ସେ କହିଥିଲେ । ସେହିପରି ପାନାମା ପେପରରେ ପ୍ରକାଶିତ ତଥ୍ୟର ମଧ ତଦନ୍ତ ଚାଲିଛି। ଆୟକର ବିଭାଗ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ, ଖଣି, ଭିଜିଲାନ୍ସ ଓ କ୍ରାଇମବ୍ରାଞ୍ଚ ଆଦି ସଂସ୍ଥା ଠିକ୍ ସମୟରେ ପଦକ୍ଷେପ ନେଉଥିବା ଅରଜିତ ପଶାୟତ ଏବଂ ସେମାନଙ୍କ ମଧ୍ୟରେ ସମନ୍ୱୟ ଯୋଗୁଁ କଳାଧନ ସମ୍ପର୍କିତ ତଥ୍ୟ ମିଳିପାରୁଛି ବୋଲି ଜଷ୍ଟିସ୍ ପଶାୟତ କହିଛନ୍ତି । ଏସ୍ଆଇଟି ଉପାଧ୍ୟକ୍ଷ ଜଷ୍ଟିସ ପଶାୟତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆଇବିଏମ୍‌ର ନିର୍ଦ୍ଦେଶକ, ଆଇବିଏମ୍‌ର କଣ୍ଟ୍ରୋଲର, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ କଲକାତାର ସ୍ୱତନ୍ତ୍ର ନିର୍ଦ୍ଦେଶକ ଯୋଗେଶ ଗୁପ୍ତା, ରାଜ୍ୟ ଇଡିର ଯୁଗ୍ମ ନିର୍ଦ୍ଦେଶକ ମାଧବ ମିଶ୍ର, କ୍ରାଇମବ୍ରାଞ୍ଚ ସ୍ୱତନ୍ତ୍ର ଡିଜି ବି.କେ. ଶର୍ମା, ଭିଜିଲାନ୍ସ ନିର୍ଦ୍ଦେଶକ ଆର୍.ପି. ଶର୍ମା, ପୁଲିସ କମିଶନର ୱାଇ.ବି.ଖୁରାନିଆଙ୍କ ସମେତ ସିବିଆଇ, ଖଣି, ସେଣ୍ଟ୍ରାଲ ଏକ୍ସସାଇଜ୍ ଆଣ୍ଡ କଷ୍ଟମ ପ୍ରଭୃତି ବିଭାଗର ବହୁ ଅଧିକାରୀ ଯୋଗଦେଇଥିଲେ।

### ଗୃହରେ ...

ବଜେଟ୍‌ରେ ଚାଷୀଙ୍କ ପାଇଁ କିଛି ସୁବିଧା ନାହିଁ । ତେଣୁ ଗୃହକୁ ବନ୍ଦ କରାଯାଇ ଚାଷୀଙ୍କ ସମ୍ପର୍କରେ ଆଲୋଚନା ହେଉ, ଚାଷୀଙ୍କୁ କ୍ଷତିପୂରଣ ଦିଆଯାଉ। ଯେ ପର୍ଯ୍ୟନ୍ତ କ୍ଷତିପୂରଣ ନ ହୋଇଛି ସେ ପର୍ଯ୍ୟନ୍ତ ଗୃହକୁ ଚଳାଇ ଦିଆଯିବ ନାହିଁ ବୋଲି ଘୋଷଣା କରିବା ସହ ଗୃହ ମଧ୍ୟକୁ ଚାଲି ଆସିଥିଲେ ଶ୍ରୀ ବାହିନୀପତି। ତାଙ୍କ ସହ କଂଗ୍ରେସ ଦଳର ବିଧାୟକମାନେ ଗୃହ ମଧ୍ୟରେ ସରକାରଙ୍କ ବିରୋଧରେ ଧ୍ୱନି ଦେବା ସହ ପୋଡ଼ିୟମ ଉପରୁ ଚଢ଼ିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ବିଜେପି ବିଧାୟକ ଦଳ ନେତା କନକବର୍ଦ୍ଧନ ସିଂହଦେଓ ଚାଷୀଙ୍କ ପ୍ରସଙ୍ଗରେ ନିଜର ବିବୃତି ଦେବା ପାଇଁ ବାରମ୍ବାର ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କଂଗ୍ରେସର ହୋ-ହଲ୍ଲା ମଧ୍ୟରେ କିଛି ଶୁଭୁ ନ ଥିଲା। ବିଜେପି ବିଧାୟକ ପ୍ରଦୀପ ପୁରୋହିତ ସରକାର ଚାଷୀଙ୍କ ସହ ବିଶ୍ୱାସଘାତକତା କରିଥିବା ଅଭିଯୋଗ କରିଥିଲେ। କହିଥିଲେ ୧୭ବର୍ଷ କ୍ଷମତାରେ ରହିବା ସତ୍ତ୍ୱେ ରାଜ୍ୟରେ ଚାଷୀଙ୍କ ସମସ୍ୟା ସରକାର ବୁଝିବାକୁ ସମର୍ଥ ହୋଇ ନାହାନ୍ତି କିମ୍ବା ସେମାନଙ୍କର ଦୁଃଖ ଦୂର କରି ପାରିନାହାନ୍ତି। ସବୁ ବର୍ଗର ଚାଷୀ ରାଜ୍ୟରେ ଶୋଷଣର ଶିକାର ହୋଇଛନ୍ତି। ଶୀତଳଭଣ୍ଡାର ଅଭାବରୁ ସଂରକ୍ଷଣ ସୁବିଧା ନାହିଁ। ତେଣୁ ଅଭାବୀ ବିକ୍ରିର ଶିକାର ହେଉଛନ୍ତି ଚାଷୀ ଓ ଆତ୍ମହତ୍ୟା ପରି ଦାରୁଣ ପଦକ୍ଷେପକୁ ଆଦରି ନେଉଛନ୍ତି। ତେଣୁ ଏ ପ୍ରସଙ୍ଗରେ ଗୃହରେ ଆଲୋଚନା ହେବା ଆବଶ୍ୟକ ଓ କ୍ଷତିପୂରଣ ପାଇଁ ସରକାର ଘୋଷଣା କରିବାକୁ ବିରୋଧୀ ଦଳମାନେ ଦାବି କରିଥିଲେ।

ଏକମାତ୍ର
ଅନୁସନ୍ଧାନ ପରେ ଖବର
Bhubaneswar, 6th-12th Mar, 2017
ଭୁବନେଶ୍ୱର, ୦୬ -୧୨ ମାର୍ଚ୍ଚ, ୨୦୧୭







# ଶ୍ରେଷ୍ଠ ଅଧିନାୟକ କୋହଲି

## ଇଏସ୍‌ପିଏନ୍ କ୍ରିକ୍‌ଇନ୍‌ଫୋ ଆୱାର୍ଡ

**ନୂଆଦିଲ୍ଲୀ:** ଭାରତୀୟ ଟେଷ୍ଟ ଟିମ୍ ଅଧିନାୟକ ବିରାଟ କୋହଲି ଆଉ ଏକ ସଫଳତା ହାସଲ କରିଛନ୍ତି। କୋହଲିଙ୍କୁ ଦଶମ ଇଏସ୍‌ପିଏନ୍ କ୍ରିକ୍‌ଇନ୍‌ଫୋ ପୁରସ୍କାର ସମାରୋହରେ 'ବର୍ଷର ସର୍ବଶ୍ରେଷ୍ଠ ଅଧିନାୟକ' ଭାବେ ମନୋନୀତ କରାଯାଇଛି। ୨୦୧୬ ରେ କୋହଲିଙ୍କ ନେତୃତ୍ୱରେ ଭାରତ ୧୨ଟି ଟେଷ୍ଟରୁ ୯ଟି ବିଜୟ ହାସଲ କରିଛି। ସେହିପରି ଚଳିତ ବର୍ଷ ଇଏସ୍‌ପିଏନ୍ କ୍ରିକ୍‌ଇନ୍‌ଫୋ ସମସ୍ତ ତିନୋଟି ଯାକ ଅନ୍ତର୍ଜାତୀୟ ଫର୍ମାଟ୍‌ରେ ମହିଳା କ୍ରିକେଟ୍ ପାଇଁ ମଧ୍ୟ ପୁରସ୍କାର ପ୍ରଦାନ କରିବା ଆରମ୍ଭ କରିଛି। ୱେଷ୍ଟଇଣ୍ଡିଜ୍‌ର ହାଲେ ୱିଲିୟମ୍ସ ତିନିଥର ଚାମ୍ପିଅନ୍ ଅଷ୍ଟ୍ରେଲିଆ ବିପକ୍ଷ ଟି-୨୦ ବିଶ୍ୱକପ୍ ଫାଇନାଲ୍‌ରେ ୪୫ ବଲ୍‌ରେ ୬୬ ରନ୍ କରିଥିଲେ। ଏହି ପ୍ରଦର୍ଶନ ପାଇଁ ତାଙ୍କୁ ବର୍ଷର ଶେଷ୍ଠ ବ୍ୟାଟ୍ସମ୍ୟାନ୍ ପୁରସ୍କାର ପ୍ରଦାନ କରାଯାଇଛି। ନ୍ୟୁଜିଲ୍ୟାଣ୍ଡର୍ ପ୍ରତିଭାଶାଳୀ ସ୍ପିନର୍ ଲେଗ୍ କ୍ୟାସପରେକ୍‌ଙ୍କୁ ବର୍ଷର ଶ୍ରେଷ୍ଠ ବୋଲ୍‌ର ଭାବେ ବିବେଚିତ କରାଯାଇଛି। ସେହିପରି ପୁରୁଷ ଫର୍ମାଟ୍‌ରେ ଇଂଲଣ୍ଡର ବେନ୍ ଷ୍ଟୋକ୍ସଙ୍କୁ କେପ୍ ଟାଉନ୍‌ରେ ସାଉଥ୍ ଆଫ୍ରିକା ବିପକ୍ଷ ମ୍ୟାଚ୍‌ରେ ୧୯୮ ବଲ୍‌ରୁ ୨୫୮ ରନ୍‌ର ମାରାଥନ ଇନିଂସ୍ ପାଇଁ ଟେଷ୍ଟରେ 'ବର୍ଷର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍' ବିବେଚିତ କରାଯାଇଛି। ତାଙ୍କ ସାଥି ଖେଳାଳି ଷ୍ଟୁଆର୍ଟ ବ୍ରଡ୍ ତୃତୀୟ ଟେଷ୍ଟରେ ୧୭ରନ୍ ଦେଇ ୬ଟି ୱିକେଟ୍ ହାସଲ କରି ଇଂଲଣ୍ଡ ପାଇଁ ସିରିଜ୍ ବିଜୟ ସୁନିଶ୍ଚିତ କରିଥିଲେ, ଯେଉଁ କାରଣରୁ ତାଙ୍କୁ କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ 'ସର୍ବଶ୍ରେଷ୍ଠ ଟେଷ୍ଟ୍ ବୋଲର' ଭାବେ ବିବେଚିତ କରାଯାଇଛି।



# ସେକ୍ସ ଚେଞ୍ଜ୍ ପରେ ଅଭିନେତ୍ରୀ ଅଞ୍ଜଲି

ମାଲୟାଲାମ୍ ଚଳଚ୍ଚିତ୍ର ଜଗତର ଅଭିନେତ୍ରୀ ଅଞ୍ଜଳି ଆମିର ଯେତେବେଳେ ନିଜର ପ୍ରଥମ ଚଳଚ୍ଚିତ୍ର ଭାବେ ମାଲାୟଲାମ୍ ଚଳଚ୍ଚିତ୍ର ଜଗତରେ ପାଦ ଥାପିଲେ ସେତେବେଳେ ଭାରତୀୟ ସିନେମା ଇତିହାସରେ ଏକ ନୂଆ ଅଧ୍ୟାୟ ସୃଷ୍ଟି ହେଲା। ଅଞ୍ଜଳି ହେଉଛନ୍ତି ଭାରତୀୟ ଫିଲ୍ମ ଜଗତର ପ୍ରଥମ ଟ୍ରାନ୍ସସେକ୍ସୁଆଲ ଅଭିନେତ୍ରୀ। ୨୦ ବର୍ଷ ବୟସରେ ସେ ସେକ୍ସ ଚେଞ୍ଜ ସର୍ଜରୀ କରାଇଥିଲେ। ଆଗକୁ ଦକ୍ଷିଣ ଭାରତୀୟ ସୁପରଷ୍ଟାର ମାମୁଟ୍ଟିଙ୍କ ସହିତ ତାଙ୍କ ପ୍ରଥମ ଫିଲ୍ମ ଆସୁଛି। ଚଳିତବର୍ଷ ଶେଷଆଡ଼କୁ ଫିଲ୍ମଟି ରିଲିଜ ହେବ। ଅଞ୍ଜଲି କୁହନ୍ତି ମାମୁଟି, ନିର୍ଦ୍ଦେଶକ ରାମଙ୍କୁ ପ୍ରଥମେ ତାଙ୍କ ନାମ ସୁପାରିଶ କରିଥିଲେ। ଅଞ୍ଜଳି କେରଳର କୋଝିକୋଡରେ ଏକ ରୁଢ଼ିବାଦୀ ମୁସଲମାନ ପରିବାରରେ ଜନ୍ମଗ୍ରହଣ କରିଥିଲେ। ପିଲାଟିବେଳେ ମା'ଙ୍କର ଦେହାନ୍ତ ହୋଇଥିଲା। ଦୁଇବର୍ଷ ତଳେ ପିତାଙ୍କର ପରଲୋକ ହୋଇଥିଲା। ଅଞ୍ଜଳି କୁହନ୍ତି ସେ ସବୁବେଳେ ନିଜକୁ ଝିଅ ପରି ମନେକରନ୍ତି। ୧୦ମ ଶ୍ରେଣୀରେ ପଢୁଥିବାବେଳେ ନିଜର ସେକ୍ସ ଚେଞ୍ଜ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରାରମ୍ଭରେ ପରିବାର ଲୋକ ଏହାକୁ ବିରୋଧ କରିଥିଲେ। ସେଥିପାଇଁ ସେ ଘର ଛାଡ଼ି ଚାଲି ଆସିଥିଲେ। ପରେ ପରିବାର ଲୋକେ ତାଙ୍କ ନିଷ୍ପତ୍ତିକୁ ଗ୍ରହଣ କରିନେଇଥିଲେ। ପିଲାଟିବେଳରୁ ସେ ଜଣେ ଅଭିନେତ୍ରୀ ହେବାକୁ ଲକ୍ଷ୍ୟ ରଖିଥିଲେ। ତେଣୁ ବିଭିନ୍ନ ଉତ୍ସବରେ ସେ ଭାଗ ନିଅନ୍ତି। ମଡେଲିଂ ବି କରୁଥିଲେ। ମଡେଲିଂର ପ୍ରାରମ୍ଭିକ ସମୟରେ ସେ ଟ୍ରାନ୍ସସେକ୍ସୁଆଲ ବୋଲି କେହି ଜାଣିନଥିଲେ। ପରେ ଏକ ଟିଭି ଶୋ'ରେ ସେ ଏହା ପ୍ରକାଶ କରିବା ପରେ ଖୁବ୍ ବିବାଦ ଦେଖା ଦେଇଥିଲା। ଟ୍ରାନ୍ସସେକ୍ସୁଆଲ ଭାବେ ସେ ଗର୍ବ ଅନୁଭବ କରନ୍ତି। ତେବେ ଜଣେ ଭଲ ଅଭିନେତ୍ରୀ ଭାବେ ପରିଚୟ ସୃଷ୍ଟି କରିବାକୁ ସେ ଚାହାନ୍ତି।



# ଚର୍ଚ୍ଚାରେ ଅବନ୍ତିକା

ମୈନେ ପ୍ୟାର୍ କିୟା'ର ସୁନ୍ଦରୀ ଅଭିନେତ୍ରୀ ଭାଗ୍ୟଶ୍ରୀଙ୍କୁ କିଏ ଭୁଲି ପାରିବ! ସେ ନିଜର ରୂପଲାବଣ୍ୟରେ ଏକଦା ଲକ୍ଷଲକ୍ଷ ପ୍ରଶଂସକଙ୍କୁ ପାଗଳ କରିଦେଇଥିଲେ। ଏବେ ତାଙ୍କ କନ୍ୟା ଅବନ୍ତିକାଙ୍କ ସୌନ୍ଦର୍ଯ୍ୟ ସମସ୍ତଙ୍କୁ ଆକର୍ଷିତ କରିଛି। ସୋସିଆଲ୍ ମିଡିଆରେ ସର୍ବଦା ନିଜର ଫଟୋ ଓ ବାର୍ତ୍ତା ପୋଷ୍ଟ କରୁଥିବା ଅବନ୍ତିକା ଏବେ ବେଶ୍ ଚର୍ଚ୍ଚାରେ। ସେ ଏବେ ଲଣ୍ଡନର ସିଏଏସ୍‌ଏସ୍ ବିଜିନେସ୍ ସ୍କୁଲ୍‌ରେ ପାଠ ପଢୁଛନ୍ତି। ତାଙ୍କର କେତେକ ଫଟୋ ଏବେ ସୋଶିଆଲ ମିଡିଆରେ ବେଶ୍ ପ୍ରଶଂସା ସାଉଁଟୁଛି। ବିଶେଷକରି ଅବନ୍ତିକାଙ୍କ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟ ଉପରେ ନଜର ପକାଇଲେ ଜଣାପଡେ ଯେ ସେ ନୃତ୍ୟ, ଫେସନ, ପର୍ଯ୍ୟଟନ ଓ ବନ୍ଧୁଙ୍କ ସହ ମଉଜ କରିବାକୁ ବେଶ୍ ଭଲପାଆନ୍ତି। ସେ ଚଳଚ୍ଚିତ୍ରରେ ଅଭିନୟ କରିବା ନେଇ ଏବେଠାରୁ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ ଭାଗ୍ୟଶ୍ରୀ ୧୯୮୯ରେ ସଲମାନ ଖାଁଙ୍କ ବିପକ୍ଷରେ 'ମୈନେ ପ୍ୟାର୍ କିୟା'ରେ ପ୍ରଥମଥର ପାଇଁ ଅଭିନୟ କରି ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କେତେକ ଚଳଚ୍ଚିତ୍ରରେ କାମ କରିବା ପରେ ସେ ହିମାଳୟ ଦସାନିଙ୍କୁ ବିବାହ କରିଥିଲେ। ତା'ପରେ ସେ ଝିଅ ଅବନ୍ତିକା ଓ ପୁଅ ଅଭିମନ୍ୟୁଙ୍କ ଲାଳନପାଳନରେ ବ୍ୟସ୍ତ ରହି ଅଭିନୟ ଜଗତରୁ ଦୂରେଇ ଯାଇଥିଲେ।

# ଇତିହାସ ରଚିଲେ ଆମି

## ଲଗାତାର ୪ର୍ଥ ଶତକ

**ନୂଆଦିଲ୍ଲୀ:** ନ୍ୟୁଜିଲ୍ୟାଣ୍ଡ୍ ମହିଳା କ୍ରିକେଟ୍ ଟିମ୍ ଅଲରାଉଣ୍ଡର ଆମି ସ୍ୟାଟର୍ଥୱେଟ୍ ଇତିହାସ ରଚିଛନ୍ତି। ସ୍ୟାଟର୍ଥୱେଟ୍ ଦିନିକିଆ କ୍ରିକେଟ୍‌ରେ ଲଗାତାର ୪ଟି ଶତକ ମାରିବାର ରେକର୍ଡ କରିଛନ୍ତି। ମହିଳା ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଏପର୍ଯ୍ୟନ୍ତ ଅନ୍ୟ କୌଣସି କ୍ରିକେଟର୍ ଏଭଳି କାରନାମା କରିନାହାନ୍ତି। ତେବେ ପୁରୁଷ କ୍ରିକେଟର୍ କେବଳ ଶ୍ରୀଲଙ୍କାର କୁମାର ସାଙ୍ଗକାରା ଲଗାତାର ୪ଟି ଦିନିକିଆ ଅନ୍ତର୍ଜାତୀୟ ଶତକ ହାସଲ କରିଛନ୍ତି। ଏପରିକି ଦିନିକିଆର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍ ମଧ୍ୟରେ ପରିଚିତ ସଚିନ୍ ତେନ୍ଦୁଲକର, ବ୍ରାଏନ୍ ଲାରା ଓ ବିରାଟ କୋହଲି ଏହି ରେକର୍ଡ କରିପାରିନାହାନ୍ତି। ଆସନ୍ତା ଅଷ୍ଟ୍ରେଲିଆ ବିପକ୍ଷ ରୋଜ୍ ବାଉଲ୍ ଦିନିକିଆରେ ସ୍ୟାଟର୍ଥୱେଟ୍ କ୍ରମାଗତ ପଞ୍ଚମ ଶତକ ହାସଲ କରିବାକୁ ପ୍ରୟାସ କରିବେ। ଆଉ ଯଦି ସେ ଏକ ଶତକ ମାରିବାରେ ସଫଳ ହୁଅନ୍ତି, ତେବେ ସେ ବିଶ୍ୱର ଏକମାତ୍ର କ୍ରିକେଟର୍ ଭାବେ ଏଭଳି କୀର୍ତ୍ତିମାନର ଅଧିକାରିଣୀ ହେବେ। ସ୍ୟାଟର୍ଥୱେଟ୍‌ଙ୍କ ଶତକ ବଳରେ ନ୍ୟୁଜିଲ୍ୟାଣ୍ଡ ଅଷ୍ଟ୍ରେଲିଆକୁ ୫ ୱିକେଟ୍‌ରେ ପରାସ୍ତ କରିଥିଲା। ସ୍ୟାଟର୍ଥୱେଟ୍‌ଙ୍କ ଏହି ଫର୍ମ ଗତବର୍ଷ ନଭେମ୍ବରରେ ଆରମ୍ଭ ହୋଇଥିଲା। ପାକିସ୍ତାନ ବିପକ୍ଷ ଏହି ମ୍ୟାଚ୍‌ରେ ସେ ୧୩୭ ରନ୍‌ର ଅପରାଜିତ ଇନିଂସ୍ ଖେଳିଥିଲେ। ଏହାର ଦୁଇଦିନ ପରେ ପୁଣିଥରେ ପାକିସ୍ତାନ ବିପକ୍ଷରେ ଅପରାଜିତ ୧୧୫ ରନ୍ କରିଥିଲେ। ପରବର୍ତ୍ତୀ ମ୍ୟାଚ୍‌ରେ ତାଙ୍କୁ ବ୍ୟାଟିଂ କରିବାକୁ ପଡ଼ିନଥିଲା। କିନ୍ତୁ ସିରିଜ୍‌ର ଅନ୍ତିମ ମ୍ୟାଚ୍‌ରେ ସେ ପୁଣିଥରେ ୯୯ ବଲ୍‌ରେ ୧୨୩ ରନ୍ କରିଥିଲେ।

## ଖବର କିଛିକିଛି

- **ଭୁବନେଶ୍ୱର :** ଆଧାର ନଥିଲେ ମଧ୍ୟାହ୍ନଭୋଜନରୁ ବଞ୍ଚିତ ହେବାକୁ ପଡ଼ିବନି। ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ପଢୁଥିବା ପିଲାଙ୍କୁ ଜୁନ୍ ୩୦ ତାରିଖ ସୁଦ୍ଧା 'ଆଧାର' ନମ୍ବରକୁ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମରେ ପଞ୍ଜୀକୃତ କରିବାକୁ ପଡ଼ିବ ବୋଲି କେନ୍ଦ୍ର ମାନବସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଫେବୃଆରୀ ୨୮ରେ ବିଜ୍ଞପ୍ତି ଜାରି ହୋଇଥିଲା।
- **ଭୁବନେଶ୍ୱର :** କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ହେଲିକପ୍ଟର ଅବତରଣକୁ ନେଇ ଗତ କିଛିଦିନ ହେବ କୋରାପୁଟ ଜିଲ୍ଲା ଅମଲା ଓ ଜିଲ୍ଲାପାଳଙ୍କ ମଧ୍ୟରେ ଲାଗିଥିବା ବିବାଦର ଅବସାନ ଘଟିଛି। ଜିଲ୍ଲାପାଳ ଜୟନ୍ତ କୁମାର ଭି.ଙ୍କୁ ବଦଳି କରିଛନ୍ତି ରାଜ୍ୟ ସରକାର।
- **ଝାରସୁଗୁଡ଼ା :** ଅନ୍ଧବିଶ୍ୱାସର କରୁଣ ପରିଣତି, ତ୍ରିଶୂଳ ଭୁସି ଯୁବତୀଙ୍କୁ ହତ୍ୟା କଲେ ଦୁଇଭଉଣୀ।
- **ଭୁବନେଶ୍ୱର :** ଫେବୃଆରୀ ୩ ତାରିଖ ଶୁକ୍ରବାର ଦିନ ଖୋର୍ଦ୍ଧାର ବରୁଣେଇ ପାହାଡ଼ ସମେତ ନୟାଗଡ଼ ଜିଲ୍ଲା ଗଣିଆ ଜଙ୍ଗଲ ଓ ଚୌଦାର ନିକଟସ୍ଥ ଚାରବାଟିଆସ୍ଥିତ ଏଆର୍‌ସିରେ ଅଗ୍ନିକାଣ୍ଡ ହୋଇଥିଲା।
- **ନୂଆପଡ଼ା :** ଭିଜିଲାନ୍ସ ଜାଲରେ ଅତିରିକ୍ତ ତହସିଲଦାର।
- **ତିରୁପତି :** ବାଲାଜୀ ମନ୍ଦିର ହୁଣ୍ଡିରେ ୪ କୋଟି ଟଙ୍କାର ଅଚଳ ନୋଟ୍।
- **ନୂଆଦିଲ୍ଲୀ :** ବିଶ୍ୱର ୭୦% ସିଂହ କେବଳ ଭାରତରେ ଅଛନ୍ତି।
- **ନୂଆଦିଲ୍ଲୀ :** ଏପ୍ରିଲ ୧ରୁ ବ୍ୟାଙ୍କ ଖାତାରେ ସର୍ବନିମ୍ନ ବାଲାନ୍ସ ନ ରହିଲେ ଜୋରିମାନା।
- **ବେଜିଂ :** ଭାରତ-ଚାଇନା ସୀମା ବିବାଦ ସମାଧାନର ମୂଳଚାଲ କଲା ଚୀନ୍।
- **ନୂଆଦିଲ୍ଲୀ :** ୟୁପିର ମନ୍ତ୍ରୀ ଗାୟତ୍ରୀ ପ୍ରଜାପତିଙ୍କ ବିରୁଦ୍ଧରେ ଦୁଷ୍କର୍ମ ଅଭିଯୋଗ। ଏହି ଅଭିଯୋଗ କ୍ରମେ ଗିରଫ ଭୟରେ ସେ ଫେରାର ହୋଇଯାଇଛନ୍ତି। ବିଦେଶକୁ ପଳାଇ ଯିବାର ଆଶଙ୍କା ଥିବାରୁ ବିମାନବନ୍ଦର ଗୁଡ଼ିକରେ ଆଲର୍ଟ ଜାରି କରାଯାଇଛି। ପ୍ରଜାପତି ଚଳିତ ବିଧାନସଭା ନିର୍ବାଚନରେ ମଧ୍ୟ ପ୍ରାର୍ଥୀ।




Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● Editorial Office : HIG-137, Dharma Vihar, Khandagiri, Bhubaneswar, Odisha, PIN-751030, Phone : 7008340389 (Editorial), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି